ସେପ୍ଟେମ୍ବର- ୨୦୨୦

# ଶିକ୍ଷାସୃଜନୀ




ବିଦ୍ୟା ଭାରତୀ
ଶିକ୍ଷା ବିକାଶ ସମିତି, ଓଡ଼ିଶା

# ଶିକ୍ଷା ବିକାଶ ସମିତି, ଓଡ଼ିଶା, ଦଶମ ଶ୍ରେଣୀ - ୨୦୨୦

## ପ୍ରଥମ ଦଶଟି ସ୍ଥାନରେ ଥିବା ଛାତ୍ରଛାତ୍ରୀ


ଅବିସ୍ମୃତ


ମୁଦ୍ରାକ୍ଷୀ


ଆୟୁଷ୍ମାନ


ସତ୍ୟବ୍ରତ


ରୁଦ୍ରପ୍ରସାଦ


ସତ୍ୟଜିତ


ସୌମ୍ୟରଞ୍ଜନ


ପ୍ରବୀଣ


ଅନ୍ୱେଶ


ପ୍ରିୟଙ୍କା


ମଧୁସ୍ମିତା


ସାୟଂଶ୍ରୀ


ସାଇ ଅର୍ପିତା


ଆଶୁତୋଷ


ଶିବାଦତ୍ତ


ବିଶାଲ


ଶୁଭାଙ୍ଗି


ଅଲିଭା


ବି. ପ୍ରତିକ



ଅମ୍ଲାନଦିପ୍ତି


ସୌଭାଗ୍ୟ


ଇପସିତା


ପ୍ରସାଦ


ଓମ ପ୍ରସାଦ


ସାଇ ରିତେଶ


ଜି. ଶ୍ୱେତା


ଭାଗ୍ୟଲକ୍ଷ୍ମୀ


ସ୍ମୃତିଶ୍ରୀ


ସୁବ୍ରତା


ସୌମ୍ୟଶ୍ରୀ

ସଂପାଦନା - ପରୀକ୍ଷା ବିଭାଗ

ପ୍ରକାଶକ - ଶିକ୍ଷା ବିକାଶ ସମିତି, ଓଡିଶା

# ଶିକ୍ଷାସୃଜନୀ

## ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ମୁଖପତ୍ର

### ଭାଦ୍ରବ - ଆଶ୍ୱୀନ



**ସଂରକ୍ଷକ :**

- **ଶ୍ରୀମାନ୍ ଗୋବିନ୍ଦଚନ୍ଦ୍ର ମହାନ୍ତ**
  ସହ ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ
- **ଶ୍ରୀମାନ୍ ଦିବାକର ଘୋଷ**
  ସଂଗଠନ ମନ୍ତ୍ରୀ, ବିଦ୍ୟା ଭାରତୀ ପୂର୍ବକ୍ଷେତ୍ର

**ଉପଦେଷ୍ଟା ମଣ୍ଡଳୀ :**

- **ଡଃ. ବିନାୟକ ଦାଶ**
  ସଭାପତି, ଶି.ବି.ସ., ଓଡ଼ିଶା
- **ଡା. ଲକ୍ଷ୍ମୀକାନ୍ତ ମହାରଣା**
  ସଂପାଦକ, ଶି.ବି.ସ., ଓଡ଼ିଶା
- **ଶ୍ରୀମାନ୍ ରମାକାନ୍ତ ମହାନ୍ତ**
  ସଂଗଠନ ସଂପାଦକ, ଶି.ବି.ସ., ଓଡ଼ିଶା

**ସର୍ବସ୍ୱତ୍ୱ ସଂରକ୍ଷିତ :**

ଶିକ୍ଷା ବିକାଶ ସମିତି, ଓଡ଼ିଶା



- ପ୍ରକାଶକ : ସମ୍ପାଦକ, ଶିକ୍ଷା ବିକାଶ ସମିତି, ଓଡ଼ିଶା
- ମୁଦ୍ରଣ : ସରସ୍ୱତୀ ଡିଟିପି ସେଣ୍ଟର, ଭୁବନେଶ୍ୱର


**ପ୍ରଚ୍ଛଦ ପ୍ରସଙ୍ଗ**

ରେଶମୀ ରାକ୍ଷୀର ଶୋଭା ଝିଲିମିଲି ଡ଼ୋର
କରୋନା ଭୟକୁ ସିଏ ନକରି ଖାତର
ଜୀବନରୁ ଅଧିକ ତା' ଭାଇ ହାତେ ଆଜି
ଅତୁଟ ବନ୍ଧନେ ବାନ୍ଧି ଦିଏ ଖୋଜି ଖୋଜି
ପବିତ୍ର ସେ ପ୍ରେମ
ତା' ପାଖରେ ପଛଘୁଞ୍ଚା ଆବିଳତା
ଦୁଷ୍ଟ କାଳ ଯମ ।


**ପରିଚ୍ୱାଳନା ସମିତି :**

- **ସଭାପତି : ପ୍ରଫେସର ଡଃ.ବସନ୍ତକୁମାର ପଣ୍ଡା**
- **ମୁଖ୍ୟ ସଂପାଦକ : ଡଃ ଶ୍ୟାମସୁନ୍ଦର ମିଶ୍ର**
- **ସଂପାଦକ : ଶ୍ରୀଯୁକ୍ତ ମହେନ୍ଦ୍ରକୁମାର ଘଡ଼େଇ**
- **ସଦସ୍ୟ : ଶ୍ରୀ ମନୋଜରଞ୍ଜନ ସେଠୀ**

**ସଂପାଦନା ମଣ୍ଡଳୀ :**

**(ସମ୍ଭାଗଶଃ ପ୍ରତିନିଧିମାନଙ୍କ ନାମ ଓ ସ୍ଥାନ)**

- ପୂର୍ବ - ଶ୍ରୀମତୀ ସଙ୍ଗୀତା ମିଶ୍ର, ଚନ୍ଦନପୁର, ପୁରୀ
- ପଶ୍ଚିମ - ଶ୍ରୀ ଦେବରାଜ ତ୍ରିପାଠୀ, ବୁର୍ଲା
- ଉତ୍ତର - ଶ୍ରୀ ଧରଣୀଧର ଦାସ, ଚମ୍ପୁଆ
- ଦକ୍ଷିଣ - ଶ୍ରୀ ଧନଞ୍ଜୟ ପଣ୍ଡା, ବିଷମକଟକ, ରାୟଗଡ଼ା
- ଉତ୍ତର-ପୂର୍ବ - ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା, ବାଲୁବଜାର, କଟକ
- ଦକ୍ଷିଣ ପୂର୍ବ - ଶ୍ରୀ ସୁନୀଲକୁମାର ଗୌଡ଼, ଗଜପତିନଗର
- ପୂର୍ବୋତ୍ତର - ଶ୍ରୀ ପ୍ରଣୟକୁମାର ପଡ଼ିଆରୀ, ବନ୍ତ
- ଦକ୍ଷିଣ ପଶ୍ଚିମ - ଶ୍ରୀ କବିରାଜ ପ୍ରଧାନ, କଲେଜଛକ, ବଲାଙ୍ଗୀର
- ମଧ - ଶ୍ରୀ ମାନସରଞ୍ଜନ ଜେନା, ତାଳଚେର
- **ସଂଯୋଜକ -ଶ୍ରୀ ଦେବେନ୍ଦ୍ରକୁମାର ପଟ୍ଟନାୟକ**



**ଯୋଗାଯୋଗ ଠିକଣା :**

ଶିକ୍ଷାସୃଜନୀ

**ଶିକ୍ଷା ବିକାଶ ସମିତି, ଓଡ଼ିଶା**

ଇ-୫୯, ସେକ୍ଟର-ଏ, ଜୋନ୍-ଏ
ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦
ଦୂରଭାଷ : (୦୬୭୪)୨୫୮୨୯୮୮, ମୋ-୯୪୩୭୩୯୪୪୭୭
ଫାକ୍ସ : (୦୬୭୪) ୨୫୮୫୫୬୧
Email : shikshasrujanee@gmail.com



ପ୍ରତିଖଣ୍ଡର ମୂଲ୍ୟ : ଟ ୧୫.୦୦
ବାର୍ଷିକ ଦେୟ : ଟ ୯୦.୦୦

# ସୃଜନୀର ମୁଖଶାଳା


- ସମ୍ପାଦକୀୟ.......... ୦୩
- ପ୍ରକୃତି ୦୫
- ମାନବିକତା ୦୮
- ବିଦ୍ୟାଳୟରେ ଯାଦୁଘର (ପ୍ରଦର୍ଶନୀ କକ୍ଷ) ୦୯
- ଆତ୍ମାନୁଶାସିତ ସମାଜ ସଂରଚନା ୧୦
- ଜାତୀୟ ଶିକ୍ଷାନୀତି-୨୦୨୦ର ପରିଚୟ ଓ ସ୍ୱରୂପ ୧୨
- ଅନ୍ଧ ବିମଳ ମତି ଦେ ୧୪
- ଯାଜ୍ଞବଲ୍କ୍ୟ ଓ ମୈତ୍ରେୟୀ ସମ୍ବାଦ ୧୭
- ପୁନେଇଁ ଜହ୍ନ ପାଇଲୁ ୧୮

**କବିତା ପସରା**

- ❖ ପୂଜିବା ତାହାଙ୍କୁ ଆସ ୧୯
- ❖ କର ନାହିଁ ପ୍ରଭୁ ରୋଷ ୧୯
- ❖ ରକ୍ଷା କର ଆମ ଜୀବନ ୨୦
- ❖ କୁତୁରୁ କୁତୁରୁ କୁତୁ ୨୧
- ❖ ଜିତିବ ଭାରତ ହାରିବ କରୋନା ୨୧
- ❖ ପାହିଲା ରାତି ୨୨
- ❖ ମାଟି ଦୀପ ମୁହିଁ ମାଟି ଦୀପ ୨୨
- ଓଁ ଶ୍ରୀ ପରମାତ୍ମନେ ନମଃ ୨୩
- ଆମ ପରମ୍ପରାରେ ଜନ୍ମାଷ୍ଟମୀ ୨୬
- ବଙ୍କିମ ଚନ୍ଦ୍ର ଓ ବନ୍ଦେ ମାତରମ୍ ୨୭
- ବଳୟାକାର ସୂର୍ଯ୍ୟପରାଗ ୨୮
- ବର୍ଗ ୨୯
- ଭାରତର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଈ..... ୩୧
- କରୋନା ଭୂତାଣୁ ସଂକ୍ରମଣ ବନାମ ...... ୩୨
- କପାଳ ଭାତି ପ୍ରାଣାୟାମ ୩୩
- ରେଳ ଯାତ୍ରା ପତ୍ର କ୍ରୟଣାର୍ଥଂ ରେଳସ୍ଥାନେ ସମ୍ଭାଷଣମ୍ ୩୯
- ସମ୍ବାଦ ଚୁମ୍ବକେ ଚୁମ୍ବକେ ୪୦

(ଜାତୀୟ ଶିକ୍ଷାନୀତି ଏବଂ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳାଫଳ)


## ନୂଆଖାଇ ଭେଟ ଜୁହାର

*ଶ୍ରୀ ମହେନ୍ଦ୍ରକୁମାର ଘଢ଼େଇ*

ରେଶମୀ ସୂତାର ରାକ୍ଷୀ ଭଉଣୀ ତା’
ବାନ୍ଧି ଦିଏ ଭାଇ ହାତରେ
ସିଦ୍ଧ ବଳଦେବ ଜନମ ଉତ୍ସବ
ପାଳଇ ଝୁଲଣ ଯାତରେ ।।
କୋଟି ଦେଶବାସୀ ଏକାଠି ପାଳୁଛି
ଆଜି ସ୍ୱାଧୀନତା ଦିବସ
ଅଗ୍ର ଦିଅଁ ପୂଜି ଅଳି କରୁଅଛି
ପାଇବାକୁ ଜ୍ଞାନ ସୁଯଶ ।।
ଜଣରେ ନୁହେଁ ସେ ଗଣର ପରବ
ନୂଆଖାଇ ଭେଟ ଜୁହାର
ଅଙ୍କ ଚଳନରେ ସାଲ ପରବେଶ
ସୁନିଆ ଆନନ୍ଦ ଅପାର ।।
ଇନ୍ଦ୍ର ପୂର୍ଣ୍ଣିମାରେ ଭଗବତ ଜନ୍ମ
ପ୍ରତି ଓଡ଼ିଆର ଚଳନ
ସର୍ବ ପଲ୍ଲୀ ରାଧାକୃଷ୍ଣଙ୍କ ଜୟନ୍ତୀ
ବିଦ୍ୟାଳୟେ ବଡ଼ ପାଳନ ।।
ମନରେ ସୁମରି ପୂରୁବ ପୁରୁଷ
ମହାଳୟା ଶ୍ରାଦ୍ଧ ବାଢ଼ିକି
ଗୁହାରି ଆମର କରୋନା ବିପତ୍ତି
ଚାଲିଯାଉ ଧରା ଛାଡ଼ିକି ।।

*ସମ୍ପାଦକ*

### ରୋକ୍‌ଠୋକ୍

କରୋନାର କାୟା ମେଲାଇ ଚାଲିଛି
ସାରା ଦୁନିଆରେ ଆଜି
ବେସୁରା ରାଗେଣୀ ତୋଳି ଧରୁଅଛି
ଜୀବନ ସଙ୍ଗୀତ ହେଜି
ମୁକତି ପଥକୁ ଖୋଜି
ଗହଳି ମଉଜେ ପରବ ପାଳିକି
ଯିବା କୁହ କାହିଁ ହଜି ।।



ସମ୍ପାଦକୀୟ

# ସୁଖୀ ହେବାର ଏକମାତ୍ର ପନ୍ଥା



ସନ୍ଥ କବୀର ଦାସଙ୍କ ମତରେ -

ମନିଷା ଜନମ ଦୁର୍ଲଭ ହେିବ, ଦେହ ନ ବାରମ୍ବାର
ତରୱର ଥୈ ଫଲ ଝଡ଼ି ପଡ଼୍ୟା, ବହୁରି ନ ଲାଗେ ଡାର ।

ସତରେ କେଡ଼େ ଉପାଦେୟ ଓ ସାରଗର୍ଭକ କଥାଟିଏ । କ୍ଷଣସ୍ଥାୟୀ ଏ ସଂସାରରେ ପାଣି ଫୋଟକା ପରି ମିଳେଇ ଯାଉଥିବା ମଣିଷ ଜୀବନ କ'ଣ ବାରମ୍ବାର ମିଳେ କି ? ସେଥିପାଇଁ ସମୟକୁ ସାକ୍ଷୀ ରଖି ଲକ୍ଷ୍ୟ ପଥର ଯାତ୍ରୀ ସାଜିଲେ ସୁଯୋଗ ବାଟ ଫିଟାଇ ଦେବ । ଆଉ ସେହି ବାଟ ଦେଇ ସଫଳତାର ସିଡ଼ି ଚଢ଼ି ଆଗକୁ ଯାଇପାରିବା ଏହା ନିଃସନ୍ଦେହ ।

ଏହିଭଳି ବିଲକ୍ଷଣକୁ ଦେଖି ଗୌତମ ବୁଦ୍ଧ କହିଥିଲେ, ଭବିଷ୍ୟତର ସ୍ୱପ୍ନରେ ନିଜକୁ ସଜାଇ ଦିଅ ନାହିଁ ଏବଂ ଭୂତକାଳରେ ଘାଣ୍ଟି ହୁଅ ନାହିଁ । କେବଳ ବର୍ତ୍ତମାନ ଉପରେ ଧ୍ୟାନ ଦିଅ । ଜୀବନରେ ସୁଖୀ ହେବାର ଏକମାତ୍ର ପନ୍ଥା । ଏସବୁ ସ୍ଥିର ମନ ଓ କର୍ତ୍ତବ୍ୟ ପ୍ରତି ଏକାଗ୍ରତା ଦ୍ୱାରା ସମ୍ଭବ ବୋଲି ବହୁ ବୁଦ୍ଧିଜୀବୀଙ୍କ ମତ । ତେବେ ଆମେ ସେହି ପଥର ଯାତ୍ରୀ ସାଜିପାରୁ ନାହୁଁ କାହିଁକି ? ଭୟ, ସନ୍ଦେହ, ଅସମର୍ଥତା, ଅନାଗ୍ରହ ନା ଆଉକିଛି........ ? ସେ ଯାହା ହେଉନା କାହିଁକି ଦୃଢ଼ ଆତ୍ମବଳ, ମନନଶୀଳତା, ଅଧ୍ୟବସାୟ, ଏକନିଷ୍ଠ ଏକାଗ୍ରତା, ସମର୍ପିତ ଅଙ୍ଗୀକାରବଦ୍ଧତା ସ୍ୱପ୍ନ ପାଖରେ ସହଜରେ ପହଞ୍ଚାଇ ଦିଏ । ସେଥିପାଇଁ ଉଦ୍ୟମ ହେଉଛି ସଫଳତା ବୃକ୍ଷର ବୀଜ ବପନ । ଯିଏ ଅକୁଣ୍ଠ ଚିତ୍ତରେ ସୁନ୍ଦର, ସ୍ୱାଦିଷ୍ଟ ଓ ଲୋଭନୀୟ ଛାୟା, ଫଳ ହାତ ପାଖରେ ପହଞ୍ଚାଇ ଦେବ ନିଜର ଶକ୍ତି ସାମର୍ଥ୍ୟ ଉପରେ ସନ୍ଦେହ କରୁଥିବା ଏହାଠାରୁ ବହୁତ ଦୂରରେ ରହେ । ଆତ୍ମବଳକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସମାଜକୁ ଉଦ୍‌ବୋଧନ ଦେଇ ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଆମେ ବାଲି ସ୍ତୂପ ଉପରେ ଛିଡ଼ା ହୋଇ ନାହୁଁ ବରଂ ଆମେ ଛିଡ଼ା ହୋଇଛୁ ପାହାଡ଼ ଉପରେ ।' ଏପରି କହିବାର ଉଦ୍ଦେଶ୍ୟ ଥିଲା ଟଳମଳ ନ ହୋଇ ପାଦ ମଜବୁତ ହେଲେ ଦୃଷ୍ଟି ଊର୍ଦ୍ଧ୍ୱଗାମୀ ହେବ । ଊର୍ଦ୍ଧ୍ୱଗାମୀ ଭାବନା ହୀନମନ୍ୟତା ଦୂର କରି ମଣିଷକୁ ସଶକ୍ତ କରି ତା ଆତ୍ମବଳକୁ ବହୁଗୁଣିତ କରିପାରିବ ।

'କେବଳ ସ୍ୱପ୍ନ ଦେଖୁଥିବା ଲୋକକୁ ରାତି ଭଲ ଲାଗେ, କିନ୍ତୁ ସ୍ୱପ୍ନ ସାକାର କରିବାକୁ ଚାହୁଁଥିବା ଲୋକକୁ ଦିନ ଛୋଟ ଲାଗେ ।'

'ଆଳସସ୍ୟ କୁତୋବିଦ୍ୟା ଅବିଦ୍ୟସ୍ୟ କୁତୋ ଧନମ୍ ।
ଅଧନସ୍ୟ କୁତୋ ମିତ୍ରମ୍ ଅମିତ୍ରସ୍ୟ କୁତଃ ସୁଖମ୍ ?

ଅର୍ଥାତ୍ - ଅଳସୁଆ ଲୋକର ବିଦ୍ୟା, ବିଦ୍ୟାହୀନ ଲୋକର ଧନ, ଧନହୀନ ଲୋକର ମିତ୍ର ଓ ମିତ୍ରହୀନ ଲୋକର ସୁଖ କେଉଁଠୁ ଆସିବ ?

ସ୍ରୋତର ଅନୁକୂଳ ଗତିରେ ଶବଟିଏ ବି ଭାସି ଭାସି ଆଗକୁ ଚାଲିଯିବ । କିନ୍ତୁ ପ୍ରତିକୂଳ ଗତିରେ ବିଶ୍ୱାସ, ଶକ୍ତି, ସାମର୍ଥ୍ୟକୁ ଠୁଳ କରିଥିବା ଲୋକ ହିଁ କେବଳ ଆଗକୁ ଯାଇପାରିବ । ଏହିଭଳି ପ୍ରତିକୂଳ ଦିଗରେ ଗତି କରିବା ଉଦ୍ଦେଶ୍ୟରେ ଭାରତର ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ କହିଛନ୍ତି, 'ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି, କିନ୍ତୁ ବାଦଲ ଉପରେ ଛଞ୍ଚାଣ ମେଘକୁ ଏଡ଼ାଇ ଯାଏ ।'

ବିଶ୍ୱ ପ୍ରସିଦ୍ଧ ଟେନିସ୍ ଖେଳାଳି ଆର୍ଥର ଆସ କହିଛନ୍ତି, 'ସଫଳତା ଲକ୍ଷ୍ୟସ୍ଥଳ ନୁହେଁ, ତାହା ଏକ ଯାତ୍ରା । ଫଳ ପ୍ରାପ୍ତିଠାରୁ କାର୍ଯ୍ୟ କରିବା ହିଁ ଅଧିକ ଆନନ୍ଦ ଦେବା ଉଚିତ । ସେହିପରି ବିଲ

ଗେଟସ୍ କୁହନ୍ତି, 'ସଫଳତା ହେଉଛି ଏକ ନିକୃଷ୍ଟ ଶିକ୍ଷକ । ଏହା ପରାଜିତ ନ ହେବାର ଆଶ୍ୱାସନା ଦିଏ ।

ଆଜି ସେମିତି ଏକ ବଡ଼ ଆହ୍ୱାନ ଆମ ଆଗରେ ଠିଆ ହୋଇଛି କରୋନା ମହାମାରୀ । କେତେ କ୍ଷୟକ୍ଷତି, କେତେ ଧନଜୀବନ ଲୁଟିଲାଣି । ସଂଖ୍ୟାତ୍ମକ ବୃତ୍ତରେ ଆକଳନ ଅସମ୍ଭବ । ଧୈର୍ଯ୍ୟ ଓ ବିଶ୍ୱାସ ଲଢ଼େଇରେ ତାକୁ ପରାଜୟ ପରିବାକୁ ଡାକରା ଦିଆଯାଇଛି ।

ସମର୍ଥ ଭାରତର ସାର୍ଥକ ଯୋଦ୍ଧା ଭାବେ ଆତ୍ମନିର୍ଭରଶୀଳ ହୋଇ ଆଗରେ ଠିଆ ହେବ । ଗୁଜବ ପ୍ରତି ସତର୍କ ରହି ସ୍ୱଦେଶୀ ଦ୍ରବ୍ୟରେ ସନ୍ତୁଷ୍ଟ ହୋଇ ନିଜ ସମ୍ବଳ ବୃଦ୍ଧି କରିବା । ସରକାରୀ ନିର୍ଦ୍ଦେଶନାମାରେ ନୀତି ଆଦର୍ଶ ନେଇ ଚଳିବା । ନିୟମିତ ବ୍ୟବଧାନରେ ହାତେ ଧୋଇ ମୁହଁ ଢାଙ୍କି ଘର ଭିତରେ ବନ୍ଦୀ ହୋଇ ରହିବା । ସାନିଟାଇଜର ବ୍ୟବହାର ସହିତ ନିଜ ଆଖପାଖ ଅଞ୍ଚଳର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦେବା । ସେମିତି ଜରୁରୀ କାମ ନ ଥିଲେ ଘରୁ ବାହାରକୁ ନ ବାହାରି ଘର କାମରେ ସାହାଯ୍ୟ କରିବା । ଅସହାୟ ଓ ଅବହେଳିତଙ୍କୁ ସହାୟତାର ହାତ ବଢ଼ାଇବା । ସକାରାତ୍ମକ ଚିନ୍ତନରେ ଅନଲାଇନ ଶିକ୍ଷଣ ପ୍ରକ୍ରିୟାରେ ନିଜକୁ ଯୋଡ଼ି ରଖିବା ଭଳି କାମ ତ ଜଣେ ରାଷ୍ଟ୍ର ଭକ୍ତର ।

ଧନ୍ୟ ଯେ ଜୀବନେ ରଖେ ଆଦରଶ ଟାଣ
ଆଦରଶ ସତ୍ୟ ଲାଗି କରେ ଆତ୍ମବଳ
ମିଥ୍ୟାଯୂପକାଠେ ଦିଏ ମଉଳି ପତାଇ
ଆପେ ମରି ଅବିଦ୍ୟାକୁ ଯାଏ ସେ ଚେତାଇ ।

- କବି ବୈକୁଣ୍ଠନାଥ ପଟ୍ଟନାୟକ

ରବର୍ଟ କେନେଡ଼ି କହିଥିଲେ, 'ତୁମେ ଯେବେ ଏକ ଆଦର୍ଶ ସପକ୍ଷରେ ଛିଡ଼ା ହୁଅ, ଆଶାର କ୍ଷୀଣ ତରଙ୍ଗଟିଏ ସୃଷ୍ଟି ହୋଇଥାଏ ।' ଈଶ୍ୱର ଦେଇଥିବା ତୁମର ସେହି ଛୋଟିଆ ହାତରେ ବିରାଟ କାମ ହେବାକୁ ଅପେକ୍ଷା କରିଛି । କେବଳ ଆଗକୁ ଦେଖ ତୁମ ସାଥିରେ ପୂରା ସମାଜ ଠିଆ ହୋଇଛି ।

ସାଦର ପ୍ରଣାମ,

ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ପ୍ରକାଶିତ 'ଶିକ୍ଷାସୃଜନୀ' ପତ୍ରିକାର ଅଗଷ୍ଟ - ସେପ୍ଟେମ୍ବର ସଂଖ୍ୟା ପାଠ କରି ଆପଣମାନଙ୍କର ସୁଚିନ୍ତିତ ପ୍ରେରଣାଦାୟୀ ମୌଳିକ ଓ ଚେତନାଧର୍ମୀ ମତାମତ ଓ ପରାମର୍ଶ ନିମ୍ନ ଠିକଣାରେ ପତ୍ର/ଇ-ମେଲ /ୱାଟସ୍ଆପ୍ (Letter / E-mail / Whatsapp)ମାଧ୍ୟମରେ ପ୍ରଦାନ ପୂର୍ବକ ପତ୍ରିକାଟିକୁ ସରସ, ସୁନ୍ଦର ଓ ବଳିଷ୍ଠ ତଥା ଆକର୍ଷଣୀୟ ପରିପାଟୀରେ ସୁଶୋଭିତ କରାଇବା ଦିଗରେ ସହଭାଗୀ ହେବା ପାଇଁ ବିନମ୍ର ନିବେଦନ ।

ସମ୍ପାଦକ

*ଯୋଗାଯୋଗ ଠିକଣା :-*

**ଶିକ୍ଷାସୃଜନୀ**
**ଶିକ୍ଷା ବିକାଶ ସମିତି, ଓଡ଼ିଶା**
**ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦**
**Whatsapp No. :- 8895461378, 9437740566**
**E-Mail :- shikshasrujanee@gmail.com**

ଏସନ ସଂସାର କୁଟୁମ୍ବ । ସୁଖଦୁଃଖରେ ପରାଭବ ॥

ଚିନ୍ତା ଚେତନା

# ପ୍ରକୃତି

✸ ନିରୁପମା ଷଡ଼ଙ୍ଗୀ

'ପ୍ରକୃତି' କହିଲେ ଆମେ ସାଧାରଣତଃ ଆମ ଚାରିପାଖର ପରିବେଶକୁ ବୁଝିଥାଉ । ମାଟି, ପାଣି, ପବନ, ଆକାଶ, ଜୀବଜନ୍ତୁ, ବୃକ୍ଷଲତା, ଫୁଲଫଳ ଯାହାକୁ କି କେହି ମଣିଷ ତିଆରି କରି ନାହିଁ । ଯାହାର ସ୍ରଷ୍ଟା ହେଉଛନ୍ତି ଈଶ୍ୱର । କୋକିଳର କୁହୁତାନ, ହରିଣୀର ଲୋଳ ଲୋଚନ, ରାଜହଂସୀର ଚାଲି, ଶିଖୀର ନୃତ୍ୟ, ଗଜର ଜଳକ୍ରୀଡ଼ା, ଛୋଟିଆ ବାୟା ଚଢ଼େଇର କାରିଗରୀ କୌଶଳ ଏପରି ଅନେକ । ଏସବୁକୁ ଦେଖିଲେ ମନରେ ପ୍ରଶ୍ନ ଆସେ ଏଗୁଡ଼ିକୁ ତ କେହି ମଣିଷ ତିଆରି ନାହିଁ । ଖାଲି ତ ସେତିକି ନୁହେଁ, ଫୁଲର ସୌନ୍ଦର୍ଯ୍ୟ ଓ ସୁରଭି, ଫଳଗୁଡ଼ିକର ସୁମଧୁର ରସ, ପାବନୀ ସ୍ରୋତସ୍ୱିନୀ ତଥା କଳ ନିନାଦିନୀ ନିର୍ଝରିଣୀର ସୁଶୀତଳ ଜଳରାଶି, ବୃକ୍ଷର ସ୍ନିଗ୍ଧ କୋମଳ ଛାୟା, ମାଟିର ମହକ ଆଉ ମନ୍ଦମଳୟର ସ୍ପର୍ଶ ପୁଲକିତ କରେ ତନୁମନକୁ । ତେବେ ଏଗୁଡ଼ିକ କିଏ ତିଆରି କରିଛି, ଆଉ କାହା ପାଇଁ? ଏଇ ସୁନ୍ଦର ବସୁନ୍ଧରା, ଆକାଶ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ର ଏଗୁଡ଼ିକ ତ କୌଣସି ବୈଜ୍ଞାନିକଙ୍କର କୃତି ନୁହେଁ? ଏଇଗୁଡ଼ିକ ହିଁ ପ୍ରକୃତି ଯାହାର ସୃଷ୍ଟିକର୍ତ୍ତା ଈଶ୍ୱର । ଏହି ସୁନ୍ଦର ସୃଷ୍ଟିର ପ୍ରତିଟି ଅଣୁ ରେଣୁରେ ଈଶ୍ୱରଙ୍କ ସତ୍ତା ବିଦ୍ୟମାନ । ଉପନିଷଦରେ ଉଲ୍ଲେଖ ଅଛି - 'ଈଶାବାସ୍ୟ ମିଦଂ ଜଗତ୍ ।' ଅର୍ଥାତ୍ ଏହି ଜଗତ ଈଶ୍ୱରଙ୍କର ଆବାସସ୍ଥଳୀ । କୀଟ ଠାରୁ ବ୍ରହ୍ମ ପର୍ଯ୍ୟନ୍ତ ସର୍ବତ୍ର ଈଶ୍ୱରଙ୍କର ସତ୍ତା ବିଦ୍ୟମାନ । ଯେପରି କ୍ଷୀରରେ ଘୃତ ଆଉ ତୈଳବୀଜରେ ତୈଳ ଅଦୃଶ୍ୟ ରୂପରେ ସର୍ବାବୟବରେ ବ୍ୟାପି କରି ଥାଏ । ଆହୁରି ମଧ୍ୟ କୁହାଯାଇଛି - 'ତେନ ତ୍ୟକ୍ତେନ ଭୁଞ୍ଜିଥା' ଅର୍ଥାତ୍ ତାଙ୍କ ଦ୍ୱାରା ଯାହା ତ୍ୟାଗ କରାଯାଇଛି ବା ସେ ଯାହା ଛାଡ଼ି ଯାଇଛନ୍ତି ତାକୁ ହିଁ ଭୋଗ କର ।

ତେବେ ସାମ୍ପ୍ରତିକ ପରିସ୍ଥିତି, ପରିବେଶ (ପ୍ରକୃତି), ମାନବ ସ୍ୱଭାବ ଆଦିକୁ ଅନୁଶୀଳନ କଲେ ଜଣାପଡ଼େ ଏଇ ଉପନିଷଦୀୟ ଉକ୍ତି ଦୁଇଟିର ପ୍ରାସଙ୍ଗିକତା କେତେ ?

ପ୍ରଥମ ଉକ୍ତି 'ଈଶାବାସ୍ୟମିଦଂ ଜଗତ୍' ଏହି ସୁନ୍ଦର ଜଗତ ଈଶ୍ୱରଙ୍କ ବାସସ୍ଥାନ ଅଟେ । କୀଟ, ପତଙ୍ଗ, ତରୁ, ତୃଣ ସର୍ବତ୍ର ଈଶ୍ୱରଙ୍କ ବିଦ୍ୟମାନ । ଏହି ଉପନିଷଦୀୟ ଭାବନା ଏବେ ଆମ୍ଭମାନଙ୍କର ଅଛି ତ ? ଯଦି ଆମ୍ଭମାନଙ୍କର ଏହି ଭାବନା ବା ଚେତନା ଥାନ୍ତା ତେବେ ଈଶ୍ୱରଙ୍କର ଆବାସସ୍ଥାନ ଏହି ସୁନ୍ଦର ସୃଷ୍ଟିକୁ ସ୍ୱେଚ୍ଛାଚାରୀ ହୋଇ ନିଜର ସୌଖ୍ୟ, ସ୍ୱାର୍ଥ ଆଉ ଇନ୍ଦ୍ରିୟ ତୃପ୍ତି ପାଇଁ ଅପରିଣାମଦର୍ଶୀ ହୋଇ ନଷ୍ଟ କରନ୍ତେ ନାହିଁ । ଏଠାରେ ଭକ୍ତ କବି ମଧୁସୂଦନଙ୍କର ବାଣୀ ଉଲ୍ଲେଖଯୋଗ୍ୟ -

ଯାହା ମୁଁ କରଇ ଯାହା ମୁଁ କହଇ
ଯାହା ମୁଁ ଚିନ୍ତଇ ମନେ
ଜଗତର କର୍ତ୍ତା ପରମ-ଈଶ୍ୱର
ଜାଣୁଛନ୍ତି ପ୍ରତିକ୍ଷଣେ ।

ଈଶ୍ୱରଙ୍କ ନିର୍ନିମେଷ ଦୃଷ୍ଟି ତାଙ୍କ ସୃଷ୍ଟି ଉପରେ ନିହିତ ଥାଏ । ପ୍ରତିକ୍ଷଣ ଅବଲୋକନ କରିଥାନ୍ତି ତାଙ୍କର ଶେଷ ସୃଷ୍ଟି ମାନବର ଗତିବିଧି ଉପରେ । ନିକିତି ଧରି ସେ ମାପ ତଉଲ କରୁଥାନ୍ତି କର୍ମ ଅନୁସାରେ ଫଳ ପ୍ରଦାନ କରିବାକୁ ଆଉ ଦେଇଥାନ୍ତି ମଧ୍ୟ । ସେଥିପାଇଁ କୁହାଯାଏ - 'କର୍ମାନୁସାରଂ ଫଳମ୍ ।' କିନ୍ତୁ ଏହି ଭାବନା ବା ଚେତନା ଆଜି ମଣିଷ ସମାଜରୁ ବିଲୀନ ହେଲା ପରି ମନେ ହୁଏ । ତାହା ନ ହୋଇଥିଲେ ପ୍ରତିଦିନ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଯାହା ଯାହା ସବୁ ଘଟୁଛି ସେପରି ଘଟନ୍ତା ନାହିଁ । ନିଜର ଜିହ୍ୱା ଲାଳସା ମେଣ୍ଟାଇବା ପାଇଁ ନିରୀହ ପଶୁ-ପକ୍ଷୀମାନଙ୍କୁ ନିର୍ବିଚାରରେ ମଣିଷ ହତ୍ୟା କରନ୍ତା ନାହିଁ । ନିଜର ସୁଖ ସୁବିଧା

ବିନା ଗୋବିନ୍ଦ ଆଶ୍ରେ ତାର । ନାହିଁ କେବଣ ପ୍ରତିକାର ॥

ପାଇଁ ମନ ଇଚ୍ଛା ଜଙ୍ଗଲ ନଷ୍ଟ କରନ୍ତା ନାହିଁ, ନଦୀ ଗୁଡ଼ିକର ସ୍ୱଚ୍ଛ ଜଳରାଶିକୁ ଦୂଷିତ କରନ୍ତା ନାହିଁ । ନିଜର ଇନ୍ଦ୍ରିୟଲାଳସା ଚରିତାର୍ଥ କରିବା ପାଇଁ ପୈଶାଚିକ କାର୍ଯ୍ୟ କରନ୍ତା ନାହିଁ । ଚିଲ, ଶାଗୁଣା, ବାଇଚଢ଼େଇ ପରି ଅନେକ ପକ୍ଷୀ ଆଉ ଦେଖା ଯାଉ ନାହାନ୍ତି । ବାସହରା ପଶୁମାନେ ଆଜି ଜନବସତି ମୁହାଁ । ସମୁଦ୍ରକୂଳରେ ହେନ୍ତାଳବଣ, ବେତସବଣ, ଝାଡ଼ଜଙ୍ଗଲ ଆଦିକୁ ନିର୍ବିଚାରରେ ଧ୍ୱଂସ କଲା ମଣିଷ । ଯାହାର ଫଳ ସ୍ୱରୂପ ପ୍ରତିବର୍ଷ ସାମୁଦ୍ରିକ ଝଡ଼ ଭୀମରୂପ ଧାରଣ କରି ମାଡ଼ି ଆସୁଛି ସ୍ଥଳଭାଗକୁ, ସତେ ଯେପରି ପ୍ରତିଶୋଧ ନେବା ପାଇଁ ।

ଖାଲି ଏତିକିରେ ମଣିଷ ଆଶା ପୂରିଲା ନାହିଁ । ଅଧିକ ଦୁଗ୍ଧ ଉତ୍ପାଦନ ପାଇଁ ଗୋମାତାକୁ ଅପମିଶ୍ରଣ କରି ଅସ୍ତ୍ରୋପଚାର ଦ୍ୱାରା ସଙ୍କର ଜାତୀୟ ଗୋ-ବଂଶ ବୃଦ୍ଧି କଲା । ଯେଉଁ ଦୁଗ୍ଧ ଏବେ କ୍ଷତିକାରକ ବୋଲି ପ୍ରମାଣସିଦ୍ଧ । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖି ସାରିଲେଣି ଯେ ଭାରତୀୟ ଦେଶୀ ଗାଇ ଦୁଗ୍ଧର ବିକଳ୍ପ ନାହିଁ । ସୂର୍ଯ୍ୟଚକ୍ର ପ୍ରଭାବରେ ଦେଶୀ ଗାଇ ଦୁଗ୍ଧରେ ଯେଉଁ ସ୍ୱର୍ଣ୍ଣାଂଶ ଥାଏ ତାହା ଅନ୍ୟ କେଉଁଠି ମିଳେ ନାହିଁ । ଭାରତୀୟ ଦେଶୀ ଗାଇର ମଳ, ମୂତ୍ର ମଧ୍ୟ ମାନବ ପାଇଁ ଉପାଦେୟ । ଏବେ ଶୁଦ୍ଧ ଗୋ-ମୂତ୍ର, ଗୋମୟ ଟିକେ ମିଳିବା କଷ୍ଟକର ହେଲାଣି । ଦିନ ଥିଲା ଗୋ-ମାତାକୁ ପୂଜା କରାଯାଉଥିଲା । କିନ୍ତୁ ଆଜି ଗୋ-ମାତା ସଙ୍କଟରେ । ଏସବୁ ମାନବର ଅପରିଣାମଦର୍ଶିତା ନୁହେଁ ତ ଆଉ କ'ଣ ?

ସ୍ୱାର୍ଥାନ୍ଧ ମଣିଷ ନିଜର ସୁଖ, ସୁବିଧା ଓ ସମୃଦ୍ଧିର ମୋହରେ ଛନ୍ଦି ହୋଇ ପଡ଼ିଛି ଯେ, ପ୍ରକୃତି ଆଉ ପରିବେଶ ବିଷୟରେ ଚିନ୍ତା କରିବାକୁ ତା'ର ସମୟ ନାହିଁ । ହଁ ଏସବୁ ପାଇଁ ଯେ କିଛି ହେଉନି ତାହା ନୁହେଁ । ଜଙ୍ଗଲ ସୃଷ୍ଟି ପାଇଁ ପ୍ରତିବର୍ଷ ବଜେଟ୍ ପାସ୍ ହେଉଛି । କେତେ ପ୍ରକଳ୍ପ, କେତେ ଯୋଜନା କରାଯାଉଛି, କିନ୍ତୁ ଫଳ କ'ଣ ତାହା ସର୍ବଜନବିଦିତ । ବାଡ଼ ଫସଲ ଖାଇଲେ ଅମଳ ହେବ କିପରି ?

'ତେନ ତ୍ୟକ୍ତେନ ଭୁଞ୍ଜିଥା' - ଏହି ବାଣୀ ଏବେ କେତେ ପ୍ରାସଙ୍ଗିକ ତାହା ଅନୁଶୀଳନୀୟ । ମଣିଷ ଭସ୍ମାସୁର ପରି ଈଶ୍ୱରଙ୍କର ବରଦାନକୁ ଅପପ୍ରୟୋଗ କରିଚାଲିଛି । ସ୍ୱଳ୍ପ ଜ୍ଞାନ ଆଉ ଧନରେ ନିଜକୁ ମହାଜ୍ଞାନୀ ଆଉ ମହାଧନୀ ବୋଲି ଭାବୁଛି ।

ଏସବୁ ପ୍ରକୃତି ସମ୍ପଦ ଆମର ଆବଶ୍ୟକତା ମେଣ୍ଟାଇବା ପାଇଁ ଉଦ୍ଦିଷ୍ଟ । କିନ୍ତୁ ମଣିଷର ଆଶା ତ ଅସୁମାରି । ତା'ର ଆଶା କେବେ ପୂରେ ନାହିଁ କି ତାର ତୃଷ୍ଣା କେବେ ମେଣ୍ଟେ ନାହିଁ । ପ୍ରତ୍ୟେକଙ୍କ ପାଇଁ କିଛି ନୀତି ନିୟମ ଓ ଶୃଙ୍ଖଳା ରହିଛି । ଏଥିରୁ ବିଚ୍ୟୁତ ହେଲେ ଅର୍ଥାତ୍ ନୀତି ଆଉ ନିୟମର ଉଲଙ୍ଘନ କଲେ ବା ସୀମା ଟପିଗଲେ ମଣିଷ ହୋଇଯାଏ ଉଚ୍ଛୃଙ୍ଖଳିତ । ଆଉ ପ୍ରକୃତି ହୋଇଯାଏ ପ୍ରତିଶୋଧ ପରାୟଣା । ଏବେ ଯାହା ଯାହା ଘଟୁଛି ସେଗୁଡ଼ିକ ଆଉ ତା'ର ଫଳଶ୍ରୁତି ନୁହେଁ ତ ?

ଆଜି ଏକବିଂଶ ଶତାବ୍ଦୀର ବିଶ୍ୱ ବିଜ୍ଞାନ କ୍ଷେତ୍ରରେ ଚରମ ଉତ୍କର୍ଷ ଲାଭ କରିଥିଲେ ମଧ୍ୟ ସାମାନ୍ୟ ଏକ ଭୂତାଣୁ ପାଖରେ ହାର ମାନି ଯାଉଛି । ସମ୍ପତ୍ତି, ପ୍ରତିପତ୍ତି, ପଦପଦବୀ, ଆଜି ଧରାଶାୟୀ । ସତେ ଯେପରି ସାରା ବିଶ୍ୱରେ ଘୂରି ଘୂରି ସେ ପରିହାସ କରୁଛି ମଣିଷକୁ 'ଦେଖ ତୋ କୃତକର୍ମର ପରିଣାମ କିପରି ତୋତେ ଭୋଗିବାକୁ ପଡୁଛି ।' ବିଧିବିଧାନ, ନୀତି-ନିୟମର ସୀମା ଉଲଘଂନକାରୀ ମଣିଷକୁ ପ୍ରକୃତି ଆଜି କରିଦେଇଛି ବନ୍ଦୀ । ସର୍ବଗ୍ରାସୀଙ୍କ ମୁହଁରେ ଲାଗିଛି ତୁଣ୍ଡି । ବସ୍ତୁବାଦୀ ରାଷ୍ଟ୍ରରେ ଆଜି ଶୁଭୁଛି ବେଦଧ୍ୱନିର ଗୁଞ୍ଜରଣ । ଭୋଗର ସାମ୍ରାଜ୍ୟରେ ହେଉଛି ଯୋଗର ଜୟଗାନ ।

ବିଜ୍ଞାନ ବଳରେ ମଣିଷ ସାରା ବିଶ୍ୱକୁ ନିଜର ହାତ ମୁଠାରେ ରଖିବାକୁ ଚାହୁଁଛି । ନିର୍ଦ୍ଧାରିତ ନୀତି ନିୟମକୁ ନ ମାନି ସ୍ୱେଚ୍ଛାଚାରୀ ଭାବରେ ଶୋଷଣ କରିଚାଲିଛି ପ୍ରକୃତିକୁ । ଅଧିକ ଉତ୍ପାଦନ ପାଇଁ ଅତ୍ୟଧିକ ରାସାୟନିକ ବିଷ ପ୍ରୟୋଗଦ୍ୱାରା ଭୂମି ପ୍ରଦୂଷିତ ଓ ଅନୁର୍ବରା ହୋଇଯାଉଛି । ଜଙ୍ଗଲ ସମ୍ପଦକୁ ନଷ୍ଟ କରି ଗଢ଼ିଚାଲିଛି ଶିଳ୍ପାନୁଷ୍ଠାନ । ସେଗୁଡ଼ିକରୁ ନିର୍ଗତ ଧୂଆଁଦ୍ୱାରା ବାୟୁ ପ୍ରଦୂଷିତ ହେଉଛି । ବର୍ଜ୍ୟବସ୍ତୁ

ଶୋକ ହରଷ ବେନି ପଥେ । ମିଳନ୍ତି କର୍ମର ଆୟତ୍ତେ ॥

ଗୁଡ଼ିକୁନଦୀ ଓ ସମୁଦ୍ରରେ ଛାଡ଼ିବାଦ୍ୱାରା ଜଳ ମଧ୍ୟ ବିଷାକ୍ତ ହେବାରେ ଲାଗିଛି । ଏହାଦ୍ୱାରା ଜଳଚର ଜୀବମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । କେତେ ବିରଳ ପ୍ରାଣୀ ଆଉ ଦେଖିବାକୁ ମିଳୁ ନାହାନ୍ତି । କେତେକଙ୍କର ବଂଶ ସଂପୂର୍ଣ୍ଣ ଲୋପ ପାଇଗଲାଣି ଧରାପୃଷ୍ଠରୁ । ନିରୀହ ଡୋଡ଼ୋ ପକ୍ଷୀର ଶେଷ ସନ୍ତକକୁ ମଧ୍ୟ ଉଦରସ୍ଥ କଲା ମଣିଷ । ଡୋଡ଼ୋକୁ ଝୁରି ଝୁରି କାଲଭେରିଆ ମଧ୍ୟ ଚିର ବିଦାୟ ନେଲା ପୃଥିବୀରୁ । କିନ୍ତୁ ମଣିଷ ଚିନ୍ତା କରୁନାହିଁ ଏ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ଯିଏ ଅଧୀଶ୍ୱର, ସର୍ବମୟ କର୍ତ୍ତା ତାଙ୍କ ପାଖରେ ଏହାର ବିକଳ୍ପ ଅଛି ବୋଲି । ଯିଏ ଯେତେ ଧନୀ, ଜ୍ଞାନୀ ବୋଲି ଗର୍ବିତ ସେ ଆଜି ଆତଙ୍କିତ କାହିଁକି ଗୋଟିଏ ଭୂତାଣୁର ଭୟରେ । ସାରା ବିଶ୍ୱରେ ଧନୀ-ଗରିବ, ଉଚ୍ଚ-ନୀଚ, ନେତା-ଜନତା, ଶ୍ରମିକ-ଶିଳ୍ପପତି ଏ ସବୁର ବାଛବିଚାର ରଖିନାହିଁ ସେ । କରୋନା - କୋକୁଆ ଆଜି ସମସ୍ତଙ୍କୁ ଭୟଭୀତ କରିଦେଇଛି । ଏହା ଆମ ଭଳି ଭସ୍ମାସୁରମାନଙ୍କ ପାଇଁ ଈଶ୍ୱରଙ୍କର ବିକଳ୍ପ ପନ୍ଥା ନୁହେଁ ତ ?

ମାୟା-ମଦିରାମୋହୀ ମଣିଷକୁ ସଚେତନ କରିବାକୁ ଏହା ପ୍ରକୃତିର ତଥା ଈଶ୍ୱରଙ୍କର ପ୍ରଥମ ସତର୍କ ଘଣ୍ଟି । ତେଣୁ ସଚେତନ ହେବା । ଖାଲି ନିଜକୁ ନୁହେଁ ପରିବେଶକୁ ସୁସ୍ଥ ରଖିବା, ପ୍ରକୃତିର ପୂଜାରୀ ହେବା । ନିଜ ପାଇଁ ନୁହେଁ ଅନ୍ୟ ପାଇଁ ବଞ୍ଚିବାକୁ ଶିଖିବା । ସମସ୍ତେ ସେହି ବିଶ୍ୱ ନିୟନ୍ତା ବିଶ୍ୱ ଚିନ୍ତାମଣିଙ୍କ ନିକଟରେ ପ୍ରାର୍ଥନା କରିବା ବିଶ୍ୱକୁ ଏହି ସଙ୍କଟରୁ ରକ୍ଷା କରିବା ପାଇଁ ।

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ପଟାମୁଣ୍ଡାଇ*

## -: କବି ଓ ଲେଖକମାନଙ୍କୁ ନିବେଦନ :-

**ପ୍ରିୟବନ୍ଧୁ !**

ସାରସ୍ୱତ ଅଭିନନ୍ଦନ ଓ ଶୁଭେଚ୍ଛା । ଶିକ୍ଷାସୃଜନୀ ପରିବାରର ଅଭିନ୍ନ ଅଙ୍ଗ, ସମସ୍ତ ଲେଖକଲେଖିକାମାନଙ୍କୁ ସାରସ୍ୱତ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସାରସ୍ୱତ ସାଧନାର ସ୍ୱୀକୃତି ସ୍ୱରୂପ ଶିକ୍ଷାସୃଜନୀ ପତ୍ରିକା ଆଜି ଓଡ଼ିଶାର ସର୍ବାଧିକ ପ୍ରସାରିତ ପତ୍ରିକା ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଏବେ ଏବେ ଟେକ୍ନୋଲୋଜିର ବହୁଳ ବ୍ୟବହାର କାରଣରୁ ଆପଣମାନେ ଲେଖାଗୁଡ଼ିକୁ ଇ-ମେଲ ମାଧ୍ୟମରେ ପଠାଉଛନ୍ତି । ଏହା ସ୍ୱାଗତଯୋଗ୍ୟ, ମାତ୍ର ଲେଖାଗୁଡ଼ିକୁ ଇ-ମେଲ କରିବା ସମୟରେ ନିମ୍ନଲିଖିତ ବିନ୍ଦୁ ପ୍ରତି ଦୃଷ୍ଟି ଦେବାକୁ ବିନୀତ ଅନୁରୋଧ ।

୧) ଯଦି ଲେଖାଗୁଡ଼ିକୁ ଡି.ଟି.ପି. କରି ପଠାଉଛନ୍ତି ତେବେ ତାହାକୁ ଆକୃତି ଓଡ଼ିଆ ଶାରଳା ଫଣ୍ଟ ମାଧ୍ୟମରେ ଡି.ଟି.ପି. କରି ଓରିଜିନାଲ୍ ଫାଇଲ୍ ସହ ପଠାଇବେ ।

୨) ଯଦି ହାତ ଲେଖା ଇ-ମେଲ୍ /ୱାଟସ୍‌ଆପ୍ ମାଧ୍ୟମରେ ପଠାଉଛନ୍ତି ତେବେ ଡକ୍ ସ୍କାନରରେ ସ୍କାନ କରି ଇ-ମେଲ ମାଧ୍ୟମରେ ପଠାନ୍ତୁ ଅଥବା ମୋବାଇଲରେ କେମ୍ ସ୍କାନ ଲୋଡ଼ କରି ସେହି ଆପ୍‌ରେ ସ୍କାନ କରି ପଠାନ୍ତୁ ।

୩) ହାତ ଲେଖାକୁ ମୋବାଇଲରେ ଫଟୋ ଉଠାଇ କେବେବି ଇ-ମେଲ୍ /ୱାଟସ୍‌ଆପ୍‌ରେ ପଠାନ୍ତୁ ନାହିଁ । ଏହା ପ୍ରକାଶ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ ।

୪) ଯଦି କାଗଜରେ ହାତଲେଖା ପଠାଉଛନ୍ତି ତେବେ A4 କାଗଜରେ ଗୋଟିଏ ପାଖରେ ଲେଖି ପଠାନ୍ତୁ । ମାର୍ଜିନ୍ ରହିବା ଆବଶ୍ୟକ ।

ସମ୍ପାଦକ

ଅଧର୍ମ କୂଟସଭା ଯହିଁ । ପଣ୍ଡିତେ ନ ବସିବ ତହିଁ ॥

ଗପ ଗଜରା

# ମାନବିକତା

*ଶ୍ରୀମତୀ ରୀତାମଣି ବେହେରା*

ନୀରବ ନିସ୍ତବ୍ଧ ଶ୍ମଶାନରୁ ଭାସି ଆସୁଥିବା କରୁଣ କ୍ରନ୍ଦନର ସ୍ୱର ବ୍ୟତିବ୍ୟସ୍ତ କରୁଥିଲା ଯେମିତି । ଅନ୍ତରର ଗଭୀରତମ କୋଣରୁ ହୃଦୟଚିରା ଏ କ୍ରନ୍ଦନର ରୋଳ କାହାର ହୋଇପାରେ ? ମନରେ ସାହସ ବାନ୍ଧି ଚଞ୍ଚଳ ପାଦରେ ଶ୍ମଶାନ ଆଡ଼େ ଆଗେଇଲା ଅବିନାଶ । ଏମିତି ଏକ ମହାମାରୀ ସମୟରେ ଯିଏ ଯେଉଁଠି ନିଜ ଘର ଭିତରେ ବନ୍ଦୀ, ସେତେବେଳେ ଶ୍ମଶାନ ପରି ଏକ ନିର୍ଜନ ସ୍ଥାନରେ କିଏ ଏପରି ବୁକୁ ଫଟାଇ କାନ୍ଦିପାରେ ? ପୁଣି ଏମିତି ହୃଦୟକୁ ରୁନ୍ଧି ଦେଲା ଭଳି । ଏଭଳି ଅନେକ ପ୍ରଶ୍ନର ଉତ୍ତରପାଇଁ ଦ୍ରୁତଗତିରେ ପାଦ ପକାଇ ଆଗେଇ ଚାଲିଥାଏ ଅବିନାଶ । ମନ ଭିତରେ ଅନେକ ଆଶଙ୍କା । ଘଟଣାଟି କ'ଣ ହୋଇପାରେ ? ସ୍ୱରର ନିକଟତର ହେବାକୁ ଲାଗିଛି ଅବିନାଶ । ଏକ ନାରୀ କଣ୍ଠର କରୁଣ ମୂର୍ଚ୍ଛନା ପୁଣି ଶ୍ମଶାନରୁ ? ଜୀବନ ଯାତ୍ରାର ଶେଷ ବିଶ୍ରାମସ୍ଥଳୀ ତ ଏଇ ଶ୍ମଶାନ । ସାହି ଭାଇ ଆତ୍ମୀୟ ସ୍ୱଜନଙ୍କୁ ଚିର ନିଦ୍ରାର ଶେଷ ଶେଯ ଚାରିକାନ୍ଧରେ ହୁଏ । ଜନ୍ମବେଳେ ଜଳିଥିବା ଏନ୍ତୁଡ଼ି ନିଆଁ ମୃତ୍ୟୁର ଜୁଇ ନିଆଁରେ ପୂର୍ଣ୍ଣାହୁତି ପ୍ରାପ୍ତ ହୁଏ । ହେଲେ ଅବିନାଶ ନା ଦେଖିପାରୁଥିଲା ଆତ୍ମୀୟ ସ୍ୱଜନଙ୍କୁ ନା ଜୁଇର ନିଆଁକୁ । ତାହେଲେ ଅତି କରୁଣ ଭାବରେ ଝିଅଟିଏ କାନ୍ଦୁଛି କାହିଁକି ? ପୁଣି ଶ୍ମଶାନର ଅଳିଆଗଦା ପାଖରେ । ଝିଅଟିର ନିକଟତର ହେଲା ଅବିନାଶ । ମାତ୍ର ଏ କ'ଣ ? ମାଆର ଶବକୁ କୋଳରେ ଧରି ଛାତି ଫଟାଇ କାନ୍ଦିଚାଲିଛି ଶାନ୍ତି ଅପାର ଏକମାତ୍ର ଝିଅ ମିତା । ଜନ୍ମଠାରୁ ଯିଏ ବାପାକୁ ହରାଇ ଏଇ ମା'ର କୋଳରେ ବଢ଼ି ଆସିଥିଲା, ଯାହାର ପଣତ ତଳେ ନିଜର ସୁରକ୍ଷିତ ଜୀବନ ଜୀଇଁ ଆସିଥିଲା, ନିଜେ ଲୁହ ପିଇ ଯିଏ ତା' ଓଠରେ ହସ ଖେଳାଇ ଆସିଥିଲା, ସେଇ ମାଆର ଶବକୁ କୋଳରେ ଧରି ମିତା କାନ୍ଦୁଛି । ସତେ ଅବା ଜୀବନକୁ ଉପହାସ କରୁଛି ସିଏ ।

ଇଏ ସେଇ ଶାନ୍ତି ଅପା । ଯିଏ କାଲି ପର୍ଯ୍ୟନ୍ତ ସାରା ଗାଆଁର ସେବା କରୁଥିଲା । ଦେହପା'ର ଖବର ବୁଝି ଔଷଧ ବାଣ୍ଟୁଥିଲା । କରୋନାକୁ ଡରି ସମସ୍ତେ ଘରେ ରହୁଥିବାବେଳେ ନିଜ ଗାଁର ପିଲାଠାରୁ ବୁଢ଼ା ଯାଏଁ କିପରି ସୁରକ୍ଷିତ ରହିବେ ସେଥିପାଇଁ ସ୍ୱାସ୍ଥ୍ୟକର୍ମୀର ସମ୍ପୂର୍ଣ୍ଣ କର୍ତ୍ତବ୍ୟ ନିଭାଉଥିଲା କରୋନା ଯୋଦ୍ଧା ହୋଇ । ସମସ୍ତଙ୍କ କଥା ବୁଝୁ ବୁଝୁ ଯିଏ ଶବ ହୋଇଗଲା, ସିଏ ପୁଣି ପଡ଼ିଛି ଏଇ ଅପନ୍ତରାରେ । କିନ୍ତୁ କାହିଁକି ? ବହୁ କଷ୍ଟରେ ନିଜର କୋହକୁ ସମ୍ଭାଳି ମିତା କହିଲା ସମସ୍ତ ଘଟଣା । ସାମାନ୍ୟ ଅସୁସ୍ଥ ଲାଗିବାରୁ ସେ ମାଆକୁ ଆଜି ଅଟୋ ଡାକି ଡାକ୍ତରଖାନା ନେଇଥିଲା, ହେଲେ ରାସ୍ତାରେ ମାଆ ତାକୁ ଛାଡ଼ି ଚାଲିଯାଇଥିଲା ସବୁଦିନ ପାଇଁ । ଗାଁକୁ ଆଣିବାକୁ ଚାହିଁଥିଲା ମାଆକୁ ଶେଷ କୋକେଇ ବାନ୍ଧିବା ପାଇଁ, ମାତ୍ର ଗାଁରେ ପୂରାଇ ଦେଇ ନ ଥିଲେ ଗାଁ ଲୋକେ । ଚାରି କାନ୍ଧ ତ ଦୂରର କଥା, କେହି ଜଣେ ହେଲେ ଶ୍ମଶାନ ଯାଏଁ ଆସି ନ ଥିଲେ । ବହୁ କାକୁତି ମିନତି କରିଥିଲା ମିତା । ମୁଣ୍ଡ ବାଡ଼େଇ କାନ୍ଦିଥିଲା । ହେଲେ ସବୁ ନିଷ୍ଫଳ ହୋଇଥିଲା ସ୍ୱାର୍ଥପର ମଣିଷ ସମାଜ ଆଗରେ । ହଜି ଯାଇଥିଲା ମାନବିକତା । ସମସ୍ତେ ଭୁଲି ଯାଇଥିଲେ ଶାନ୍ତି ଅପାର ତ୍ୟାଗ ଓ ବଳିଦାନକୁ । ବଞ୍ଚିଥିବା ବେଳେ ଯିଏ କରୋନା ରୂପୀ ରାକ୍ଷସ ସହିତ ଯୁଦ୍ଧ କରୁଥିଲା ସେ କ'ଣ ଶହୀଦର ସମ୍ମାନ ପାଇଁ ଅଯୋଗ୍ୟା ? କରୋନା ରୋଗୀର ସେବା କରି ଡାକ୍ତର କ'ଣ ତାକୁ ସୁସ୍ଥ କରୁ ନାହାନ୍ତି ତାହେଲେ ମୃତ୍ୟୁକୁ କୋଳେଇ ନେଇଥିବା ମଣିଷଟିଏ ଅସ୍ପୃଶ୍ୟ କାହିଁକି ? ସତରେ କ'ଣ ଏତେ ଅଛୁଆଁ ସିଏ ? ଏଭଳି କ'ଣ ମୃତ୍ୟୁର ଶେଷଯାତ୍ରା ହୋଇପାରେ ? କରୋନା କ'ଣ ଆମ ପାଖରୁ ମାନବିକତା ଛଡ଼ାଇ ନେଇଛି ? ଆମେ କ'ଣ କରୋନା ପାଖରେ ନିଜର ମାନବିକତା ହରାଇ ବସିଛୁ ? ମିତାର ଏଭଳି ଅନେକ ପ୍ରଶ୍ନର ଉତ୍ତରରେ ନୀରବି ଯାଇଥିଲା ଅବିନାଶ । ହୃଦୟ ଫଟାଇ ଆଖିରୁ ଦୁଇଧାର ଅଶ୍ରୁ ଗଡ଼ି ଚାଲିଥିଲା ତାହାର ।

*ଜାହ୍ନଗିରି ସରକାରୀ ଉଚ୍ଚ ବିଦ୍ୟାଳୟ*
*ଶକୁନ୍ତଳାପୁର, ଯାଜପୁର*

ସଭାର ଦୋଷ ଯେ ଜାଣନ୍ତି । ବିଚରି ପ୍ରବେଶ ନୁହନ୍ତି ।।

# ବିଦ୍ୟାଳୟରେ ଯାଦୁଘର (ପ୍ରଦର୍ଶନୀ କକ୍ଷ)

*ଶ୍ରୀ ଅଶ୍ୱିନୀକୁମାର ନାୟକ*

ଯାଦୁଘର କହିଲେ ମନକୁ କେତେ କଥା ଆସିଥାଏ । ଦେଶ ବିଦେଶର କେତେକ ଛୋଟ ବଡ଼ ଜିନିଷ ସାଇତା ହୋଇ ରଖା ଯାଇଥିବ । ସେହି ଦ୍ରବ୍ୟଗୁଡ଼ିକର ଉପାଦେୟତା ସମ୍ବନ୍ଧରେ ଟିପ୍ପଣୀ ଲେଖାଯାଇଥିବ । ମନଲୋଭା ବା ଆକର୍ଷଣୀୟ ଭାବେ ସଜା ହୋଇ ରଖା ଯାଇଥିବ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା, ଅଭିଭାବକ ଓ ଆଗନ୍ତୁକମାନଙ୍କୁ ତତ୍ ସମ୍ବନ୍ଧୀୟ ଧାରଣା ଦେବାକୁ ଚେଷ୍ଟା କରାଯାଇଥିବ ।

ଆମେ ସମସ୍ତେ ସରକାରୀ ମ୍ୟୁଜିୟମ୍ ଓ ବେସରକାରୀ ସଂଗ୍ରହାଳୟ ଦେଖିଥିବା । କେତେ ସ୍ମୃତି କେତେ ଅନୁଭୂତି ଆମକୁ ମିଳିଥିବ । କ'ଣ ଆମ ବିଦ୍ୟାଳୟର ପିଲାମାନଙ୍କ ପାଇଁ ସେମିତି ଏକ ଛୋଟ ପ୍ରୟାସ କରିବା ନାହିଁ ? କରିପାରିବା । କେମିତି କରିବା ଆସ ଆଲୋଚନା କରିବା । ବିଦ୍ୟାଳୟରେ ସଭାଟିଏ କରିବା, ଏହି ସଭାରେ ଛାତ୍ର ପ୍ରତିନିଧି ଓ ଗୁରୁଜୀଗୁରୁମାମାନେ ରହିବେ । ଯାଦୁଘର ସମ୍ବନ୍ଧୀୟ ଏକ କଳ୍ପନା କରିବେ ଯଥା ତାହା କ'ଣ, ସେଠି କ'ଣ ରହିବ, କେଉଁ କେଉଁ ଜିନିଷ ଆସିବ, କିଏ ସଂଗ୍ରହ କରିବେ, କେମିତି ସଜା ହେବ, ତଥ୍ୟ, ଚିତ୍ର ଆଦି କିଏ କରିବ ଏମିତି ଅନେକ ଦିଗରେ ଚର୍ଚ୍ଚା ହୋଇ ଏକ ନିଷ୍ପତ୍ତି ନିଆଯିବ । ବିଦ୍ୟାଳୟ ପରିଚାଳନା ସମିତିରେ ପ୍ରଧାନାଚାର୍ଯ୍ୟ ଓ ଆଚାର୍ଯ୍ୟ ପ୍ରତିନିଧି ତଥା ସମ୍ବନ୍ଧୀୟ ତଥ୍ୟ ଓ ଆବଶ୍ୟକତା ଉପସ୍ଥାପନ କରି ତର୍ଜମା କରି ସୁନ୍ଦର ଯୋଜନାଟିଏ ପ୍ରସ୍ତୁତ କରିବେ । ଯୋଗାଡ଼ରେ ଲାଗିଯିବେ ।

ବିଦ୍ୟାଳୟ ଗୃହ ମଧ୍ୟରୁ ଗୋଟିଏ କକ୍ଷକୁ ଏଥିପାଇଁ ନିୟୋଜିତ କରିବେ । ବିଦ୍ୟାଳୟର ଛାତ୍ର ଓ ଆଚାର୍ଯ୍ୟ ସହଯୋଗ କରି କୃଷିଜାତ ଦ୍ରବ୍ୟ, ବନଜାତ ଦ୍ରବ୍ୟ, ବିଭିନ୍ନ ରଙ୍ଗର ମାଟି, ଶିଳା, ଲିପି, ଡାକଟିକଟ, ବିଭିନ୍ନ ଦେଶର ମୁଦ୍ରା, ବିଶିଷ୍ଟ ଲୋକଙ୍କ ଛବି, ହାତ କାମ, ହାତ ଅଙ୍କା ଛବି, ରେଶମ, ପଶମ ସୂତା, ଏଣ୍ଡିପୋକ, ବିବିଧ ଶସ୍ୟ, ତୈଳବୀଜ ପ୍ରଭୃତି ସଂଗ୍ରହ କରି ଅଲଗା ଅଲଗା ରଖିବେ । ପୁଡ଼ିଆ ତିଆରି କରି ନାମକରଣ କରି ରଖିବେ । ସଂକ୍ଷିପ୍ତ ବିବରଣୀଟିଏ ମଧ୍ୟ ରଖିବେ । କେତେକ ଜିନିଷକୁ ସଜାଇ ଆଲମାରିରେ ଓ କେତେକକୁ ଥାକରେ ରଖିବେ । ଆଲବମ୍, ନକ୍ସା ଆଦି ମଧ୍ୟ ସଂଗ୍ରହ କରି ରଖିବେ । କୋଠରିରେ ପୁରୁଣା କାଳିଆ ଜିନିଷ ସଂଗୃହୀତ ରହିବା ସହ ଅତ୍ୟାଧୁନିକ ଗଣିତ ଓ ବିଜ୍ଞାନର ମଡ଼େଲ ମଧ୍ୟ ରଖାଯିବ । ନୂଆ ଟେକନିକ୍‌ର ପ୍ରୟୋଗ ସମ୍ବନ୍ଧରେ ଧାରଣା ପାଇଁ ସ୍ମାର୍ଟ ବୋର୍ଡ଼, ପ୍ରୋଜେକ୍ଟର, ଏଲ୍‌ସିଡ଼ି ସ୍କ୍ରିନ୍‌ର ବ୍ୟବହାର ମଧ୍ୟ କରାଯାଇପାରିବ । ଏହା କେବଳ ଯାଦୁଘର ନୁହେଁ ଜ୍ଞାନର ଗନ୍ତାଘର ହୋଇ ରହିବ । ବିଦ୍ୟାଳୟର ଶ୍ରେଣୀ ଶିକ୍ଷଣ ସମୟରେ ମଧ୍ୟ ଏହାର ଉପଯୋଗ ହୋଇପାରିବ ଯଦ୍ଦ୍ୱାରା ବିଷୟଗୁଡ଼ିକ ଭଲ ଭାବେ ବୁଝି ହେବ ।

ଏହିଭଳି ଏକ ଛୋଟ ଉଦ୍ୟମ କରି ବିଦ୍ୟାଳୟର ଯାଦୁଘରଟି ଛାତ୍ରଛାତ୍ରୀ ଓ ଆଚାର୍ଯ୍ୟଆଚାର୍ଯ୍ୟାମାନଙ୍କ ଉଦ୍ୟମରେ ଉନ୍ନତି ଲାଭ କରୁ । ବେନି ନୟନରେ ଦେଖି ଦ୍ରବ୍ୟର ଅବଧାରଣା ସ୍ପଷ୍ଟ ହେଉ ଏହା ହିଁ କାମନା ।

ପ୍ରାନ୍ତ ପରୀକ୍ଷା ସଂଯୋଜକ
ଶିକ୍ଷା ବିକାଶ ସମିତି, ଓଡ଼ିଶା

### ଅମର ବାଣୀ

ଭଲ ଗୋଟେ ମାତୃଭାଷା କିସ ହେବ ଭାଇ
ଚଳି ଯାଉଅଛି କାମ ରୁଣ୍ଡାଇ ପୁଣ୍ଡାଇ ।
କୁକୁର କିମ୍ପାଇ ଗୋଟେ ବନାଇବ ଘର
ଚାଟି ବୁଲେ ବାରମିଶା ଅଇଁଠା ପତର ।
- ଫକିର ମୋହନ ସେନାପତି

ଜାଣି ନ ଜାଣି ପକ୍ଷ ବହି । ନରକେ ପଡ଼ନ୍ତି ସେ ଯାଇ ।।

# ଆତ୍ମାନୁଶାସିତ ସମାଜ ସଂରଚନା

*ଶ୍ରୀ ବିଜୟକୁମାର ମହାନ୍ତି*

ବିଶ୍ୱ ସୃଷ୍ଟିର ଅମୂଲ୍ୟ ସମ୍ପଦ ଭାବରେ ଈଶ୍ୱରଙ୍କର ଅମୂଲ୍ୟ ବରଦାନ ସଦୃଶ ସର୍ବୋତ୍ତମ ପ୍ରାଣୀ ମାନବ । ପ୍ରଜାପିତା ବ୍ରହ୍ମା ବିଶ୍ୱ ବକ୍ଷରେ ସର୍ବପ୍ରଥମେ ଆବିର୍ଭାବ ହୋଇଥିଲେ । ସେହି ଆଦି ପିତାଙ୍କ ଶରୀରରୁ ସମସ୍ତ ଦୃଶ୍ୟମାନ ଜଗତ ଓ ମାନବ ସମେତ ଚଉରାଶୀ ଲକ୍ଷ ଜୀବ ଜନ୍ମିଥିବା କଥା ଶାସ୍ତ୍ର କହେ । ସେହି ବ୍ରହ୍ମାଙ୍କ ଶରୀର ଦୁଇଭାଗ ହୋଇ ମନୁ ଓ ଶତରୂପା ରୂପେ ଧରାପୃଷ୍ଠରେ ସର୍ବାଗ୍ରେ ମାନବ ଜାତି ପ୍ରସାର ଲାଭ କରିଛି ।

ମଣିଷ ଏକ ସାମାଜିକ ପ୍ରାଣୀ । ଅନ୍ୟ ସମସ୍ତ ପ୍ରାଣୀମାନଙ୍କ ତୁଳନାରେ ସଂସାର ସୃଷ୍ଟିରେ ମନୁଷ୍ୟର ଏକ ଗୁରୁ ଦାୟିତ୍ୱ ରହିଛି । ସୃଷ୍ଟି ଆରମ୍ଭ ପରେ ସମଗ୍ର ବିଶ୍ୱରେ ଅନେକ ସଂସ୍କୃତି ସମ୍ପନ୍ନ ସଭ୍ୟତା ଓ ସମାଜ ଯଥା ମେସୋପଟାମିଆ, ରୋମାନ୍, ଗ୍ରୀକ୍ ପ୍ରଭୃତି ଉଦ୍ଭୂତ ହୋଇ ସମଗ୍ର ପୃଥିବୀକୁ କବଳିତ କରିବାର ପ୍ରୟାସୀ ହୋଇଥିଲେ ହେଁ କାଳକ୍ରମେ ସେସବୁ ଲୀନ ହୋଇଯାଇଛନ୍ତି । ମାତ୍ର ଆର୍ଯ୍ୟଭୂମି ଭାରତ ବର୍ଷରେ ଆଦି କାଳରୁ ପ୍ରଚଳିତ ସନାତନ ସଂସ୍କୃତି ଆଧାରିତ ସମାଜ ଏ ଯାଏଁ ଅବିଚଳିତ ରହି ବିଶ୍ୱରେ ସ୍ୱପରାକାଷ୍ଠା ପ୍ରଦର୍ଶନ କରିଚାଲିଛି । ସନାତନ ଧର୍ମ ସ୍ୱାଭାବିକ, ସାବଲୀଳ, ସ୍ୱଚ୍ଛନ୍ଦ, ଉନ୍ମୁକ୍ତ, ଉଦାର ତଥା ସର୍ବଜନଗ୍ରାହ୍ୟ ହୋଇଥିବା ଯୋଗୁଁ ଶତ ପ୍ରତିଘାତ ତଥା ପ୍ରତିଦ୍ୱନ୍ଦ୍ୱିତା ଏବଂ ବହିରାକ୍ରମଣ ସତ୍ତ୍ୱେ ହଜାର ହଜାର ବର୍ଷ ବ୍ୟାପୀ ବିଶ୍ୱକୁ ଆପଣାର ମଣି ଦିଗ୍‌ଦର୍ଶନ ଦେଇ ଚାଲିଛି । 'ବସୁଧୈବ କୁଟୁମ୍ବକମ୍'ର ଚିନ୍ତା ଓ ଚେତନାକୁ ନେଇ ସାରା ସଂସାର କିପରି ଗୋଟିଏ ରଜ୍ଜୁରେ ବନ୍ଧା ହୋଇ ସେମାନଙ୍କ ପାରିବାରିକ ଓ ସାମାଜିକ ଜୀବନରେ ସହାବସ୍ଥାନ କରିବେ ତାହାର ଏକ ସୁଦୂରପ୍ରସାରୀ ସ୍ଥାୟିତ୍ୱ ମଧ୍ୟ ପରିକଳ୍ପନା କରିଥିଲେ । ମାତ୍ର ସମୟର ବିଭିନ୍ନ ପରିବର୍ତ୍ତନ ହୋଇଛି । ଏବେ ପାଶ୍ଚାତ୍ୟ ସଂସ୍କୃତିର ଶିକାର ହୋଇ ଅନେକ ଭାରତୀୟ ସେମାନଙ୍କର ସାଂସ୍କୃତିକ ଚେତନାକୁ ଭୁଲି ଅପସଂସ୍କୃତି ସମ୍ପନ୍ନ ଜୀବନ ଶୈଳୀକୁ ଆପଣାଇ ନେବାକୁ ପସନ୍ଦ କରୁଛନ୍ତି । ସନାତନ ସଂସ୍କୃତିର ବିରୋଧାଚରଣ କରି ସ୍ୱେଚ୍ଛାଚାରୀ ହୋଇ ଯାଉଛନ୍ତି । ପାରିବାରିକ ଜୀବନଶୈଳୀକୁ ବିପଥଗାମୀ କରିବାଦ୍ୱାରା ଉଦ୍‌ଭ୍ରାନ୍ତ ଓ ଲକ୍ଷ୍ୟଭ୍ରଷ୍ଟ ହୋଇ ମୂଳ ସଂସ୍କୃତିକୁ ନଷ୍ଟ କରିବାକୁ ପ୍ରୟାସ ଜାରି ରଖିଛନ୍ତି । ସାରା ବିଶ୍ୱରେ ବିଭିନ୍ନ ଦେଶରେ ଅନୁଶାସନର ବ୍ୟବସ୍ଥା ସେମାନଙ୍କ ସରକାରଙ୍କ ଦ୍ୱାରା ଚାଲିଥିଲେ ମଧ୍ୟ ସମନ୍ୱୟ ଅଭାବରୁ ବିଭିନ୍ନ ଗୋଷ୍ଠୀ ହୋଇ ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଏହାର ଏକମାତ୍ର କାରଣ ଆତ୍ମଜ୍ଞାନର ଅଭାବ ଓ ଆତ୍ମ ଅନୁଶୀଳନର ଅପାରଗତା ।

ସମାଜରେ ବସବାସ କରିବାକୁ ହେଲେ କିଛି ସାମାଜିକ ନିୟମ କାନୁନ୍‌କୁ ମାନି ଚଳିବାକୁ ପଡ଼ିଥାଏ । ଶୃଙ୍ଖଳିତ ସମାଜ ଗଠନରେ ପ୍ରତ୍ୟେକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଶୃଙ୍ଖଳିତ ସମାଜ ପାଇଁ ଗୋଟିଏ ଶୃଙ୍ଖଳିତ ପରିବାର ପାଇଁ ଅନୁଶାସନ ଏକାନ୍ତ ଲୋଡ଼ା । ଅନୁଶାସିତ ଜୀବନ ପାଇଁ କିଛି ନିୟମ କାନୁନ ଆମ ପରିବାର, ସମାଜ ବା ରାଷ୍ଟ୍ର ତିଆରି କରିଥାନ୍ତି । ଦୈନନ୍ଦିନ ଜୀବନରେ ସମସ୍ତ ନିୟମ ସତ୍ତ୍ୱେ କିଛି ଭୁଲ କରି ବସିବା ଏକ ସ୍ୱାଭାବିକ ପ୍ରକ୍ରିୟା । ତେଣୁ ନିଜ ଭୁଲକୁ ତର୍ଜମା କରି ସୁଧାରି ନେବା ନିଜ ପାଇଁ ମଙ୍ଗଳ ଓ ସମାଜ ପାଇଁ ମଧ୍ୟ ମଙ୍ଗଳଦାୟକ । ଅନୁଶାସନ ମଧ୍ୟରେ ନ ରହିଲେ ତାହା ନିଜ ପାଇଁ କ୍ଷତିକାରକ ହେବା ସହିତ ସମାଜର ମଧ୍ୟ କ୍ଷତି ସାଧନ କରିଥାଏ । ଏଣୁ ଯେକୌଣସି କାର୍ଯ୍ୟ କରିବା ସମୟରେ ଆଗପଛ ବିଚାର କରି ନିଷ୍ପତ୍ତି ନେବା, ଯେପରି ଆମ କାର୍ଯ୍ୟ ଦ୍ୱାରା କାହାର କିଛି କ୍ଷତି ନ ହୁଏ । ଆତ୍ମ ଅନୁଶୀଳନ ବା ଆତ୍ମ ନିରୀକ୍ଷଣ ଅନୁଶାସିତ ସମାଜ ଗଠନରେ ସହାୟକ

ତାତମାତାଙ୍କ ବୃଦ୍ଧକାଳେ । ନିଜ ଭାରିଯା ଶିଶୁ ମେଳେ ॥

ହୋଇଥାଏ । ଯଦି ପ୍ରତ୍ୟେକ ମଣିଷ ନିଜକୁ ପ୍ରଥମେ ଅନୁଧ୍ୟାନ କରିବ ତାହେଲେ ଏକ ବିଶୃଙ୍ଖଳା ମୁକ୍ତ ସୁନ୍ଦର ସମାଜ ଗଠନ ହୋଇପାରିବ ।

ଶିକ୍ଷା ଏକ ସୁସ୍ଥ ସମାଜର ମାପକାଠି । ମାନବିକ ଜୀବନ ଜୀଇଁବା ଧାରାରେ ଆତ୍ମିକ ଅଭିବୃଦ୍ଧି, ବୌଦ୍ଧିକ ବିକାଶ ତଥା ନୈତିକ ଚରିତ୍ରବତ୍ତା ଶିକ୍ଷାର ଅଭାବରେ ଅପୂରଣୀୟ ରହିଯାଏ । ପୃଥିବୀ ପୃଷ୍ଠରେ ମଣିଷ ସମାଜର ଅୟମାରମ୍ଭ କାଳରୁ ମଣିଷ ସଭ୍ୟତା ଓ ସଂସ୍କୃତିର ବିକାଶଧାରା ଏହି ଶିକ୍ଷାକୁ ପାଥେୟ କରି ହିଁ ଏଯାବତ୍ ସଂଗଠିତ ହୋଇ ଆସିଛି । ପରିବର୍ତ୍ତନର ଧାରାରେ ମଣିଷ ଭିତରେ ଚିନ୍ତା ଓ ଚେତନା ଶକ୍ତିର ବିକାଶ ଘଟିବାରୁ ସମୟକ୍ରମେ ସେ ନିଜର ସୁସ୍ଥ ସମାଜ ଗଠନ ପାଇଁ ଏହି ଶିକ୍ଷା ମାଧ୍ୟମରେ ପରିସ୍ଫୁଟ କରିବାକୁ ସକ୍ଷମ ହୋଇଛି ।

ମହାତ୍ମା ଗାନ୍ଧୀଙ୍କ ଭାରତକୁ ଏକ ରାମରାଜ୍ୟରେ ପରିଣତ କରିବାର ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ଆମ ମାଧ୍ୟମରେ ପାତର-ଅନ୍ତର, ଜାତିଧର୍ମର ବାଛ ବିଚାର, ପରସ୍ପର ପ୍ରତି ଈର୍ଷା, ହିଂସା ଓ ଅସହିଷ୍ଣୁତା ଭାବନା ରାମରାଜ୍ୟ ଗଠନ ରାସ୍ତାରେ ମୁଖ୍ୟ ପ୍ରତିବନ୍ଧକ ହୋଇ ଆଜି ଦଣ୍ଡାୟମାନ । କୁହାଯାଏ ବିଦ୍ୟାଳୟ ଏକ ମଣିଷ ଗଢ଼ା କାରଖାନା । ସେ ଦୃଷ୍ଟିରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତା'ର ପରିବେଶ ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ସଦ୍‌ଗୁଣର ବିକାଶ କରି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣରେ ପାରଙ୍ଗମ କରିବା ସହିତ ଏକ ଭଲ ମଣିଷ ତିଆରି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଅଛି । ପିଲାଙ୍କ ମନରେ ସଂସ୍କାର ଓ ସଂସ୍କୃତି ପ୍ରତି ଶ୍ରଦ୍ଧା ଜାଗ୍ରତ କରୁଅଛି । ପରୋକ୍ଷରେ ଏ ବ୍ୟବସ୍ଥା ଆତ୍ମାନୁଶାସିତ ମଣିଷଟିଏ ହେବାରେ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିଥାଏ ।

ସମାଜର ପତନ ଓ ଉତ୍‌ଥାନ ଆମ ହାତରେ ରହିଛି । ଭାରତୀୟ ସଂସ୍କୃତି ସାରା ବିଶ୍ୱରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିବାବେଳେ ଆମର ଦାୟିତ୍ୱ ଏବେ ବଢ଼ିଯାଇଛି । "Tomorrow never comes in our life" ତେଣୁ କାଲିକୁ ଅପେକ୍ଷା ନ କରି ଏକ ଆତ୍ମାନୁଶାସିତ ସମାଜ ସଂରଚନାରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଆବଶ୍ୟକ । ତେଣୁ ଯେପର୍ଯ୍ୟନ୍ତ ସମାଜର ପ୍ରତ୍ୟେକ ବ୍ୟକ୍ତି ଆତ୍ମ ସଂଶୋଧନ ନ କରିବେ ସେପର୍ଯ୍ୟନ୍ତ ସାମାଜିକ ସନ୍ତୁଳନର ଅଭାବ ପରିଲକ୍ଷିତ ହେବ । ଯଦି ସମାଜର ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ପରିସ୍ଥିତିରେ ସେମାନଙ୍କ ସାମାଜିକ କର୍ତ୍ତବ୍ୟକୁ ବୁଝିପାରିବେ ଓ ଠିକ୍ ଭାବରେ ପାଳନ କରିବେ ସାମାଜିକ ଅସ୍ଥିରତା ଆପେ ଆପେ ଦୂର ହୋଇଯିବ । ଶରୀରକୁ ଯଦି ଆହାର ନ ଦିଆଯାଏ ତେବେ ଶରୀର ଦୁର୍ବଳ ହୋଇଯାଏ । ଠିକ୍ ସେମିତି ଆତ୍ମାକୁ ଯଦି ଅନୁଶାସନରେ ନ ରଖାଯାଏ ତେବେ ଆତ୍ମାର ଗତି କ'ଣ ହେବ ? ମଣିଷର ଆଚରଣ କିପରି ରହିବ ? ସମାଜର ରୂପରେଖ କେମିତି ପରିକଳ୍ପନା କରିହେବ ? ଏହା ଆମ ସମସ୍ତଙ୍କ ପାଇଁ ଏକ ପ୍ରଶ୍ନବାଚୀ ? ଭକ୍ତି, ଜ୍ଞାନ, ଶିକ୍ଷା, ଧର୍ମ, ସତ୍‌କର୍ମ, ସତ ଚିନ୍ତନ ଏହା ହିଁ ଆତ୍ମାର ଆବଶ୍ୟକତା । ମଣିଷ ନିଜକୁ ଆତ୍ମାନୁଶାସିତ ହେବାର ଦୁଇଟି ମାଧ୍ୟମ । ତାହା ହେଉଛି ଶିକ୍ଷା ଓ ସଂସ୍କାର । ଶିକ୍ଷା ହେଉଛି ପ୍ରଦର୍ଶନ କିନ୍ତୁ ସଂସ୍କାର ହେଉଛି ଦର୍ଶନ । ଶିକ୍ଷା ଉଚ୍ଚାରଣ ଏବଂ ସଂସ୍କୃତି ଆଚରଣ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଶିକ୍ଷା ଓ ସଂସ୍କୃତିକୁ ଧ୍ୟେୟ କରି ଆତ୍ମାକୁ ଏକ ନିର୍ଦ୍ଦିଷ୍ଟ ଅନୁଶାସନ ମାଧ୍ୟମରେ ରଖିପାରିଲେ ଏକ ଉତ୍ତମ ସମାଜ ଗଠନ ସମ୍ଭବ ହୋଇପାରିବ । ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ନିଜର ଆତ୍ମଜ୍ଞାନର ପରିପକ୍ୱତା ସହ ନିଜର, ପରିବାରର, ସମାଜର ଏବଂ ରାଷ୍ଟ୍ରର କଥା ଚିନ୍ତାକରିବ ସେତେବେଳେ ଯାଇ ଆତ୍ମାନୁଶାସିତ ସମାଜ ସଂରଚନା ହିଁ ବାସ୍ତବରେ ସଫଳ ହୋଇପାରିବ ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ*
*ବିଦ୍ୱତ୍ ପରିଷଦ ସଭାପତି, ପୂର୍ବୋତ୍ତର ସମ୍ଭାଗ*

ଗୋରୁ ବ୍ରାହ୍ମଣ ଗୁରୁଜନ । ଏହାଙ୍କୁ ନ ଦେଇ ଭୋଜନ ॥

# ଜାତୀୟ ଶିକ୍ଷାନୀତି - ୨୦୨୦ର ପରିଚୟ ଓ ସ୍ୱରୂପ

* ପ୍ରଫେସର ବସନ୍ତକୁମାର ପଣ୍ଡା

ଭାରତବର୍ଷର ସନାତନ ପରମ୍ପରାରେ ଶିକ୍ଷାର ଇତିହାସ ସୁପ୍ରାଚୀନ ଓ ସୁପ୍ରସିଦ୍ଧ । ମାନବ ଜୀବନର ସକଳ ଦିଗକୁ ଅଙ୍ଗୀଭୂତ କରି ଶାସ୍ତ୍ର ରଚନା, ବିଦ୍ୟା ଚର୍ଚ୍ଚା ଓ ଅଧ୍ୟୟନ-ଅଧ୍ୟାପନର ସୁଦୀର୍ଘ ଇତିବୃତ୍ତ ଆମର ପୁରାଣ ଓ ଦର୍ଶନରେ ନିର୍ଦ୍ଦିଷ୍ଟ । ବିଦ୍ୟାକୁ ମୁକ୍ତିର ମାର୍ଗ (ସା ବିଦ୍ୟା ଯା ବିମୁକ୍ତୟେ) ଓ ଅମରତ୍ୱର ସାଧନ (ବିଦ୍ୟୟା ଅମୃତଂ ଅଶ୍ନୁତେ) ଭାବରେ କଳ୍ପନା କରାଯାଇଥିଲା । ପ୍ରାଚୀନ ଆଶ୍ରମିକ ଶିକ୍ଷାରେ ଗୁରୁ-ଶିଷ୍ୟ ପରମ୍ପରା ଠାରୁ ଅବଧାନମାନଙ୍କର ବିବିଧ ଶିକ୍ଷାଦାନ ଥିଲା ପ୍ରାକ୍-ଆଧୁନିକ ଭାରତରେ ଶିକ୍ଷା ବ୍ୟବସ୍ଥାର ଚିତ୍ର । ଆଧୁନିକ ଭାରତବର୍ଷରେ ଔପନିବେଶିକ ଶାସନ ସମୟରେ ଇଂରାଜୀ ଶିକ୍ଷାର ପ୍ରବର୍ତ୍ତନ ପାଇଁ ବ୍ରିଟିଶ ସରକାରଙ୍କର ଆଇନ ସେକ୍ରେଟାରୀ ଲର୍ଡ଼ ମ୍ୟାକଲେ ୧୮୩୫ରେ ଯେଉଁ ଚିଠା ପ୍ରସ୍ତୁତ କଲେ ତାହା ଥିଲା ଭାରତବର୍ଷରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ମୂଳଦୁଆ । ତାରି ଫଳରେ ସ୍କୁଲ ପ୍ରତିଷ୍ଠା ହେଲା, ଶିକ୍ଷାନୀତି ପ୍ରଣୀତ ହେଲା ଏବଂ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକ ପ୍ରସ୍ତୁତ ହେବା ଆରମ୍ଭ ହେଲା । ଏଇ ଧାରା ଆଧୁନିକ ଭାରତବର୍ଷରେ ସ୍ୱାଧୀନତାର ପୂର୍ବ ଓ କିଞ୍ଚିତ ପର ପର୍ଯ୍ୟନ୍ତ ରହିଥିଲା ।

ସ୍ୱାଧୀନତା ପର ଭାରତବର୍ଷରେ ସମ୍ବିଧାନ ପ୍ରଣୟନ ହେବା ପରେ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତି ପାଇଁ ଚିନ୍ତା କଲେ ସରକାର ଓ ଶିକ୍ଷାବିତ୍‌ମାନେ । ତାହା ପ୍ରଥମେ ସଫଳ ହେଲା ୧୯୬୮ ମସିହାରେ । ଶିକ୍ଷାବିତ୍ ଡି.ଏସ୍. କୋଠାରୀଙ୍କୁ ଅଧ୍ୟକ୍ଷ ଭାବେ ରଖି ଗଠିତ କମିଟି ଏହି ପ୍ରଥମ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ କରିଥିଲେ । ଏଥିରେ ଗଣତାନ୍ତ୍ରିକତା ସମାଜବାଦ, ଧର୍ମ ନିରପେକ୍ଷତା, ବୈଜ୍ଞାନିକ ଦୃଷ୍ଟି ଓ ତ୍ରିଭାଷୀ ସୂତ୍ରକୁ ଗୁରୁତ୍ୱ ଦିଆଯାଇଥିଲା । ଏହାର ୧୮ ବର୍ଷ ପରେ ପୁଣି ୧୯୮୬ରେ ଦ୍ୱିତୀୟ ଜାତୀୟ ଶିକ୍ଷାନୀତି ପ୍ରକାଶିତ ହୋଇଥିଲା । ଶିକ୍ଷା ବ୍ୟବସ୍ଥାରେ ଥିବା ସମସ୍ତ ବୈଷମ୍ୟକୁ ଦୂର କରି ମହିଳା, ତଫସିଲଭୁକ୍ତ ଜାତି ଓ ଜନଜାତିକୁ ଅଧିକ ସୁଯୋଗ ଦେବା ପାଇଁ ଏଥିରେ ବ୍ୟବସ୍ଥା ରହିଥିଲା । ପ୍ରୌଢ଼ ଶିକ୍ଷା, କଳାପଟା ଅଭିଯାନ, ସାଧାରଣ ପ୍ରବେଶ ପରୀକ୍ଷା ଓ ମୁକ୍ତ ବିଦ୍ୟାଳୟ ସ୍ଥାପନ ଇତ୍ୟାଦି ଏହି ଶିକ୍ଷାନୀତିର ପ୍ରମୁଖ ଦିଗ ଥିଲା । ୧୯୯୨ରେ ଏହି ଶିକ୍ଷାନୀତିର ସମୀକ୍ଷା କରି କେତେକ ପରିବର୍ତ୍ତନ କରାଯାଇଥିଲା । ପୁଣି ୨୦୦୫ରେ ଏହି ଶିକ୍ଷାନୀତି ଆଧାରରେ ଜାତୀୟ ପାଠ୍ୟକ୍ରମ ଆଧାର ପ୍ରସ୍ତୁତ ହୋଇଥିଲା । ଏହିପରି ଗତି କରି ଆସିଥିବା ଜାତୀୟ ଶିକ୍ଷାନୀତିର ଉଲ୍ଲେଖନୀୟ ପରିବର୍ତ୍ତନ ଆଣି ଦୀର୍ଘ ୩୪ ବର୍ଷର ସମୟାନ୍ତର ପରେ ବର୍ତ୍ତମାନ ପ୍ରକାଶିତ ହୋଇଛି ଜାତୀୟ ଶିକ୍ଷାନୀତି - ୨୦୨୦ । ଏହି ନୂତନ ଶିକ୍ଷାନୀତିର ରୂପରେଖ ଓ ପ୍ରଧାନ ବିନ୍ଦୁଗୁଡ଼ିକୁ ସଂକ୍ଷେପରେ ବିଚାର କରିବା ।

ଅତୀତର ଅନୁଭୂତି, ବର୍ତ୍ତମାନର ଆହ୍ୱାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହୋଇଛି ବୋଲି କୁହାଯାଇଛି । ଗତ ଛଅବର୍ଷ ଧରି ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ, ବିଭିନ୍ନ ସ୍ତରର ଜନ ପ୍ରତିନିଧି ଓ ଅନ୍ୟାନ୍ୟ ସମସ୍ତ ହିତଗ୍ରାହୀମାନଙ୍କର ଦୀର୍ଘ ମାନସମନ୍ଥନ, ପରାମର୍ଶ, ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାମ ଓ ସହରରୁ ତଥ୍ୟ ସଂଗ୍ରହ, ବହୁ କର୍ମଶାଳା ଓ ବିଚାର ବିମର୍ଶ, ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମତ ସଂଗ୍ରହ ପରେ ଏସବୁକୁ ବିଚାରକୁ ନେଇ ପ୍ରସ୍ତୁତ ହୋଇଥିବା ନୂତନ ଜାତୀୟ ଶିକ୍ଷାନୀତି କେନ୍ଦ୍ର ସରକାରଙ୍କର ଅନୁମୋଦନ ଲାଭ କରି ଭାରତୀୟ ଜନଗଣଙ୍କ ପାଇଁ ଲୋକାର୍ପିତ ହୋଇଛି । ବୈଜ୍ଞାନିକ ଡକ୍ଟର କେ. କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଏଇ ମୂଲ୍ୟବାନ ଦଲିଲଟି ପ୍ରସ୍ତୁତ କରିଛନ୍ତି । ସମଗ୍ର ଦେଶର ପ୍ରାକ୍-ପ୍ରାଥମିକ ଠାରୁ ସର୍ବୋଚ୍ଚ ସ୍ତରର ବିଶ୍ୱ ବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାର ନବୀକରଣ, ପରିବର୍ତ୍ତନ ଓ କ୍ରମବିକାଶ ପାଇଁ ଏଇ ଶିକ୍ଷାନୀତି ମାର୍ଗଦର୍ଶିକା ଭାବେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସ୍ୱାଭାବିକ ଭାବେ ଆଶା କରାଯାଉଛି ଏଇ ଶିକ୍ଷାନୀତି ସୁସମଗ୍ର, ଏକାତ୍ମ, ସମନ୍ୱିତ ଓ ଗୁଣାତ୍ମକ ଶିକ୍ଷା ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ହୋଇପାରିବ । ଏଥିସହିତ ବର୍ତ୍ତମାନର ଏକବିଂଶ ଶତାବ୍ଦୀ ପାଇଁ ପ୍ରୟୋଜନୀୟ କୌଶଳ ଓ ଯଥାର୍ଥ

ମୂଲ୍ୟବୋଧ ଆଧାରିତ ବ୍ୟକ୍ତି ନିର୍ମାଣ ପାଇଁ ଉଦ୍ଦିଷ୍ଟ ଶିକ୍ଷା ବ୍ୟବସ୍ଥାର ପ୍ରବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କରିବ । ଜାତୀୟ ଶିକ୍ଷାନୀତିକୁ ଦୁଇଟି ଭାଗରେ ଲିପିବଦ୍ଧ କରାଯାଇଛି । ଗୋଟିଏ ବିଦ୍ୟାଳୟ ଶିକ୍ଷା ଓ ଅନ୍ୟଟି ଉଚ୍ଚ ଶିକ୍ଷା । ବର୍ତ୍ତମାନ ଏଇ ଦୁଇଟିର ପ୍ରଧାନ ସ୍ୱରୂପକୁ ସୂଚିତ କରିବା ।

**ଜାତୀୟ ଶିକ୍ଷାନୀତି - ୨୦୨୦ ବିଦ୍ୟାଳୟ ଶିକ୍ଷା :**

୧) ପ୍ରାରମ୍ଭିକ ଶୈଶବର ଯତ୍ନ ଓ ଶିକ୍ଷାର ଭିତ୍ତି ସ୍ଥାପନ - ପ୍ରତ୍ୟେକ ଶିଶୁ ନିରାପଦ ଭାବେ ଉଚ୍ଚମାନର ବିକାଶମୁଖୀ ଉପଯୁକ୍ତ ଯତ୍ନ ଓ ଶିକ୍ଷାଲାଭର ଅଧିକାର ଓ ସୁଯୋଗ ପାଇବେ ।

୨) ସମସ୍ତ ପିଲାଙ୍କ ପାଇଁ ମୌଳିକ ସାକ୍ଷରତା ଓ ଅଙ୍କ ସମ୍ବନ୍ଧୀୟ ଜ୍ଞାନ - ପୂର୍ବାର୍ଜିତ ଜ୍ଞାନ ଉପରେ ନିର୍ଭର କରି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅକ୍ଷର ଶିକ୍ଷା ଓ ଅଙ୍କ ଶିକ୍ଷା ଲାଭ ସୁନିଶ୍ଚିତ କରାଯିବ ।

୩) ବିଦ୍ୟାଳୟର ସବୁ ସ୍ତରରେ ପିଲାମାନେ ପାଠ ନ ଛାଡ଼ିବାକୁ ସୁନିଶ୍ଚିତ କରିବା ଓ ଶିକ୍ଷାର ସାର୍ବଜନୀନ ଅଧିକାର ଦେବାକୁ ଗୁରୁତ୍ୱ ଦିଆଯିବ ।

୪) ବିଦ୍ୟାଳୟ ଶିକ୍ଷା ପାଇଁ ନୂତନ ପାଠ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତି - ଶିକ୍ଷଣ ପଦ୍ଧତିକୁ ସୁସମନ୍ୱିତ, ଏକୀକୃତ, ଆନନ୍ଦପ୍ରଦ ଓ ଆକର୍ଷଣୀୟ କରିବା ସହିତ ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ କୌଶଳ, ଚିନ୍ତନ, ସୃଜନଶୀଳତା, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ବହୁଭାଷିକତା, ସମସ୍ୟା ସମାଧାନ, ସାମାଜିକ ଉତ୍ତରଦାୟିତ୍ୱ ଓ ଡିଜିଟାଲ ସାକ୍ଷରତା ଆଦିକୁ ପ୍ରୋତ୍ସାହନ ଦିଆଯିବ ।

୫) ଶିକ୍ଷକ : ପରିବର୍ତ୍ତନର ଦିଗଦର୍ଶକ - ସମାଜ ବ୍ୟବସ୍ଥାରେ ଶିକ୍ଷକଙ୍କର ସମ୍ମାନ ବୃଦ୍ଧି, ମେଧାବୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷକତା ପାଇଁ ଉତ୍ସାହିତ କରିବା, ଅଧିକ ଭତ୍ତା ଓ ପ୍ରଶିକ୍ଷଣ ବ୍ୟବସ୍ଥା, ଶିକ୍ଷକ ନିଯୁକ୍ତି ପାଇଁ ସାଧାରଣ ପରୀକ୍ଷା ବ୍ୟବସ୍ଥା, ବିଷୟ ଭିତ୍ତିକ ଶିକ୍ଷକ ନିଯୁକ୍ତି ଓ ଠିକା/ପାରା ଶିକ୍ଷକ ନିଯୁକ୍ତି ଉଚ୍ଛେଦ କରାଯିବ ।

୬) ସମସ୍ତଙ୍କ ପାଇଁ ଯଥାର୍ଥ ବା ନ୍ୟାୟ ସଙ୍ଗତ ଓ ସମନ୍ୱିତ ଶିକ୍ଷା ବ୍ୟବସ୍ଥା - ଏହା ହେବା ଫଳରେ ସମସ୍ତ ସାମାଜିକ ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ଗ୍ରହଣର ଫଳାଫଳ ସମାନ ହେବ ।

୭) ବିଦ୍ୟାଳୟ ପରିସର ମାଧ୍ୟମରେ ସମ୍ବଳର ସମର୍ଥ ଓ ଫଳପ୍ରଦ ଉପଯୋଗ ଏବଂ କାର୍ଯ୍ୟକାରୀ ପ୍ରଶାସନ ବ୍ୟବସ୍ଥା ରହିବ ।

୮) ବିଦ୍ୟାଳୟ ଶିକ୍ଷାର ନିୟମାବଳୀ ଓ ମାନକ ନିର୍ଦ୍ଧାରଣ - ବିଦ୍ୟାଳୟ ଶିକ୍ଷାର ସୁପରିଚାଳନା ପାଇଁ ନିୟମ ପ୍ରଣୟନ ହୋଇ ଦୃଢ଼ ଭାବେ କାର୍ଯ୍ୟକାରୀ ହେଲେ ଓ ଗୁଣାତ୍ମକ ଶିକ୍ଷା ପାଇଁ ମାନକ ନିର୍ଦ୍ଧାରଣ ବ୍ୟବସ୍ଥା ଓ ଯଥାର୍ଥ ମୂଲ୍ୟାୟନ ହେଲେ ବିଦ୍ୟାଳୟ ଶିକ୍ଷାର ପ୍ରକୃତରେ ଉନ୍ନତି ସାଧିତ ହେବ ।

ଉପର୍ଯ୍ୟୁକ୍ତ ଆଠଟି ପ୍ରଧାନ ଆଭିମୁଖ୍ୟକୁ ନେଇ ପ୍ରସ୍ତୁତ ଜାତୀୟ ଶିକ୍ଷାନୀତିର ବିଦ୍ୟାଳୟ ଶିକ୍ଷା ବିଭାଗର ଆଲୋଚନା କରାଯଇଛି । ଏହା ଶିକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ପରିବର୍ତ୍ତନ କରି ୧୦+୨ ପରିବର୍ତ୍ତେ ବର୍ତ୍ତମାନ ୫+୩+୩+୪ ବର୍ଷରେ ବିଭକ୍ତ କରିବା ପାଇଁ ସିଦ୍ଧାନ୍ତ ନେଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରାକ୍-ପ୍ରାଥମିକ (Pre-Primary) ରୁ ଉଚ୍ଚ ମାଧ୍ୟମିକ (Senior Secondary) ପର୍ଯ୍ୟନ୍ତ ଶିକ୍ଷାକୁ ସମନ୍ୱିତ କରି ଏହାକୁ ବୈଷୟିକ/ବୃତ୍ତିଗତ (Vocational / Professional) ଶିକ୍ଷା ସହିତ ସଂଯୋଗ କରିବା । ଫଳରେ କେବଳ ପୋଥିଗତ ଧାରାରେ ଜ୍ଞାନାର୍ଜନ କରି ପରୀକ୍ଷାରେ ନମ୍ବର ରଖିବବାରେ ସଫଳତାକୁ ସୀମିତ ନ କରି ଜ୍ଞାନର ଯଥାର୍ଥ ଉପଯୋଗ କରି ସମାଜରେ ପ୍ରତିଷ୍ଠା ଅର୍ଜନ କରିବା ଓ ଉପାର୍ଜନକ୍ଷମ ହେବା ଉପରେ ସମଧିକ ଗୁରୁତ୍ୱ ଦିଆଯାଇପାରିବ ।

ବିଦ୍ୟାଳୟ ଶିକ୍ଷା ବ୍ୟତୀତ ଉଚ୍ଚତର ଶିକ୍ଷା, ଶିକ୍ଷକ-ଶିକ୍ଷା, ବୈଷୟିକ ଶିକ୍ଷା, ବୃତ୍ତିଗତ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ପ୍ରୌଢ଼ ଶିକ୍ଷା ଓ ଭାରତୀୟ ଭାଷାର ପ୍ରସାର ବିଷୟରେ ମଧ୍ୟ ଏହି ଜାତୀୟ ଶିକ୍ଷାନୀତିରେ ସବିଶେଷ ଆଲୋଚନା ରହିଛି । ଏହି ସମୟୋଚିତ, ପ୍ରାସଙ୍ଗିକ ଓ ମୂଲ୍ୟବାନ ଜାତୀୟ ଶିକ୍ଷାନୀତିକୁ ସମସ୍ତେ ପୂର୍ଣ୍ଣ ପ୍ରାଣରେ ସ୍ୱାଗତ କରି ଏହାର ସଫଳ ରୂପାୟନ ପାଇଁ ସାର୍ବଜନିକ ପ୍ରୟାସ, ସାମୂହିକ ଅଂଶଗ୍ରହଣ ଓ ଯଥୋଚିତ କାର୍ଯ୍ୟ କରିବେ ।

*ସଭାପତି, ଶିକ୍ଷାସୃଜନୀ*

ସାଧୁଙ୍କୁ ଦିଏ ଯେ କଷଣ । ତାକୁ ସଂହାରେ ନାରାୟଣ ॥

# ଅମ୍ବ ବିମଳ ମତି ଦେ

✸ ଶ୍ରୀମତୀ ନଳିନୀପ୍ରଭା ଦେଇ

ଆଜି ସାରା ପୃଥିବୀ କୋଭିଡ୍-୧୯ ମହାମାରୀର ଚକ୍ରବ୍ୟୂହରେ ଫଶି ରହିଛି । ତା’ ପ୍ରକୋପରୁ ରକ୍ଷା ପାଇବା ଓ ଉକ୍ତ ରୋଗର ଶୃଙ୍ଖଳ ଭଗ୍ନ କରିବା ପାଇଁ ସାରା ବିଶ୍ୱବାସୀ ଗୃହବନ୍ଦୀ ବା ସ୍ଥଳ ବିଶେଷରେ ନଜରବନ୍ଦୀ ଭାବେ ଦିନ ଅତିବାହିତ କରୁଛନ୍ତି । ସଭା ସମିତି, ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହେଉ ନ ଥିବାରୁ ଅନେକ ଚିନ୍ତାଶୀଳ, ଶିକ୍ଷାପ୍ରେମୀ ଜନନାୟକ ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ତଥା ମୂଲ୍ୟନିଷ୍ଠ ଜୀବନର ଉନ୍ନତି ପାଇଁ ବିଭିନ୍ନ ପ୍ରୟାସ ଜାରି ରଖିଛନ୍ତି । ସୌଭାଗ୍ୟବଶତଃ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶା ଆନୁକୂଲ୍ୟରେ ଜୁମ୍ ଆପ ମାଧ୍ୟମରେ ସଂଗଠିତ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ବେହେରା, ପ୍ରାନ୍ତ ସଂଯୋଜକଙ୍କ ତରଫରୁ ନିମନ୍ତ୍ରଣର ସୁଯୋଗ ପାଇଥିଲି । ତା ୧୯.୦୬.୨୦୨୦ରିଖ ଦିବା ୯.୩୦ମି ସମୟରେ ଡଃ. ଭବେଶ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଉପାଧ୍ୟକ୍ଷ ମାନନୀୟ ଦିଲୀପ ବେତକେକର ଜୀ ମହାଶୟ ବିଶିଷ୍ଟ ଆଲୋଚକ ଭାବେ ‘ଅମ୍ବ ବିମଳ ମତି ଦେ’ ବିଷୟ ବସ୍ତୁ ଉପରେ ଗଭୀର ଆଲୋକପାତ କରିଥିଲେ । ତାଙ୍କ ପ୍ରଦତ୍ତ ସାରଗର୍ଭକ ବକ୍ତବ୍ୟ ମୋ ହୃଦୟ ପୃଷ୍ଠାରେ ଲିପିବଦ୍ଧ ହୋଇ ଯାଇଅଛି । ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଗୁଡ଼ିକ ବନ୍ଦ ରହୁଥିବାରୁ ପିଲାମାନେ ପ୍ରତ୍ୟକ୍ଷ ଶିକ୍ଷଣ କାର୍ଯ୍ୟକ୍ରମରୁ ବଞ୍ଚିତ ହେଉଛନ୍ତି । ବିଭିନ୍ନ ପତ୍ରପତ୍ରିକା, ପୁସ୍ତ. ଖବରକାଗଜ ଆଦି ପାଠ କରି ନିଜର ଆନ୍ତରିକ ଶକ୍ତି ଓ ବାହ୍ୟ ଜ୍ଞାନ ବୃଦ୍ଧି କରିବାର ସୁସମୟ ଆସିଅଛି । ତେଣୁ ସମସ୍ତ ବୁଦ୍ଧିଜୀବୀ ଅଭିଭାବକ, ଅଭିଭାବିକା, କୋମଳମତି ଶିକ୍ଷାର୍ଥୀଙ୍କ ଗୋଚରାର୍ଥେ ସେଦିନ ଆଲୋଚନାର ସାରମର୍ମ ଉଲ୍ଲେଖ କରିବା ପ୍ରାସଙ୍ଗିକ ମନେ କରୁଅଛି ।

ଗାଈପଲର ରକ୍ଷା ପାଇଁ ଗୋପାଳ ଦଣ୍ଡ ଧରି ସେମାନଙ୍କ ପଛେ ପଛେ ଯାଏ । କିନ୍ତୁ ଭଗବାନ ମନୁଷ୍ୟକୁ ନିଜର ରକ୍ଷଣ ପାଇଁ ଉତ୍ତମ ବୁଦ୍ଧି, ଜ୍ଞାନ, ଚିନ୍ତା ଶକ୍ତି ଆଦି ଦେଇଛନ୍ତି । ମାନବ ଜୀବନ ଏକ ପ୍ରୟୋଗଶାଳା । ସେସବୁର ସତ୍ ବ୍ୟବହାର କଲେ ଆମେ ଏକ ମହତ୍ତର ଜୀବନ ଯାପନ କରିପାରିବା । ସାଧାରଣତଃ ଆମ ଭାରତୀୟ ସଂସ୍କୃତି ସମାଜକୁ ସିଧାସଳଖ ଭାବେ କୌଣସି ବାର୍ତ୍ତା ନ ଦେଇ କେତେକ ପ୍ରତୀକ ମାଧ୍ୟମରେ ମାନବୀୟ ଧର୍ମ, ଧାରଣା, ଚଳଣି, ପରମ୍ପରା ଆଦି ଦିଗରେ ଆବାଳବୃଦ୍ଧବନିତାଙ୍କୁ ଅନୁପ୍ରେରିତ କରିଥାଏ । ସେହି ପ୍ରତୀକ ବା ଦେବାଦେବୀଙ୍କର ଗତାନୁଗତିକ ଭାବେ ମୂର୍ତ୍ତିପୂଜା, ଆରାଧନା, ଉପାସନା ବା ଅନ୍ୟ ଅର୍ଥରେ କେବଳ ସ୍ଥୂଳ ପୂଜା କରିବା ଆମର ଲକ୍ଷ୍ୟ ନୁହେଁ, ବରଂ ତତ୍ ସହିତ ଏହାର ସୂକ୍ଷ୍ମ ରହସ୍ୟ ବୁଝିବା ସଙ୍ଗେ ସଙ୍ଗେ ନିଜ ଜୀବନରେ ଧାରଣ କରିବା ନିହାତି ଆବଶ୍ୟକ । ନଚେତ୍ ଏହା କେବଳ କର୍ମକାଣ୍ଡ ହୋଇ ରହିଯାଏ । ଦେବାଦେବୀଙ୍କ ରୂପ ବିନ୍ୟାସ, ପରିଧାନ, ପରିବେଶ, ହସ୍ତରେ ଧାରଣ କରିଥିବା ଅସ୍ତ୍ରଶସ୍ତ୍ର ଆଦିର ଗୂଢ଼ତତ୍ତ୍ୱ ବିଷୟରେ ଜାଣିବା ପାଇଁ ସୂକ୍ଷ୍ମ ବୁଦ୍ଧି, ଦିବ୍ୟ ଦୃଷ୍ଟି ଓ ଜିଜ୍ଞାସାର ଆବଶ୍ୟକତା ରହିଅଛି । ଉପାଧ୍ୟକ୍ଷ ମହାଶୟ ହିନ୍ଦୁ ଧର୍ମର ପ୍ରଜ୍ଞାର ପ୍ରତୀକ ମାତା ସରସ୍ୱତୀଙ୍କ ମହିମାମୟ, ପ୍ରଭାବଶାଳୀ ବିଶେଷତାର ବର୍ଣ୍ଣନା ମାଧ୍ୟମରେ ୪୩ ଜଣ ଶୁଦ୍ଧ ବୁଦ୍ଧ ଅଂଶଗ୍ରହଣକାରୀଙ୍କୁ ମାର୍ଗଦର୍ଶନ କରାଇଥିଲେ । ସମାଜ ସୁଧାରକ, ଛାତ୍ରବତ୍ସଳ ବନ୍ଧୁମାନଙ୍କ ଦ୍ୱାରା ଉକ୍ତ ତଥ୍ୟ ବିଦ୍ୟାଳୟର ଶ୍ରେଣୀ ଗୃହରେ ପହଞ୍ଚିବା ହିଁ ତାଙ୍କର ଅସଲ ଉଦ୍ଦେଶ୍ୟ ଥିଲା ।

ସତ୍ତ୍ୱଗୁଣୀ ମାତା ସରସ୍ୱତୀ ସ୍ୱଚ୍ଛ, ଉଜ୍ଜ୍ୱଳମୟ, ସୂକ୍ଷ୍ମାତିସୂକ୍ଷ୍ମ

ଦାଗ ବିହୀନ ଶୁଭ୍ର ବସ୍ତ୍ର ପରିଧାନ କରିଥାନ୍ତି । ତାଙ୍କର ଅନ୍ତର ବାହାର ସବୁ ପବିତ୍ର । ଆମ ଚରିତ୍ର ରୂପକ ବସ୍ତ୍ର ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ, ନିଷ୍କଳଙ୍କ ବେଦାଗ ରହିବା ପାଇଁ ଆମେ ଆଜୀବନ ଯତ୍ନଶୀଳ ହେବା ଜରୁରୀ ବୋଲି ମାଆ ଆମକୁ ପରୋକ୍ଷରେ ଶିକ୍ଷା ଦିଅନ୍ତି । 'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର ।' ଚରିତ୍ରବାନ ବ୍ୟକ୍ତିଙ୍କୁ ସହଜରେ ସଫଳତା ପ୍ରାପ୍ତ ହୋଇଥାଏ । ସାଧାରଣତଃ ମାଆ ଶାରଦା ସ୍ୱର୍ଣ୍ଣ ସିଂହାସନରେ ଉପବେଶନ ନ କରି ଶ୍ୱେତପଦ୍ମ ଉପରେ ବିରାଜମାନ କରିଥାନ୍ତି । ସେଥିପାଇଁ ତ ତାଙ୍କର ଅନ୍ୟ ନାମ ଶ୍ୱେତପଦ୍ମାସନା । କଳିଯୁଗୀ ପତିତ ଦୁନିଆରେ ନ ରହି ବି ପଦ୍ମଫୁଲ ପରି ପାପପଙ୍କରୁ ଉର୍ଦ୍ଧ୍ୱରେ ରହି ଶୁଦ୍ଧପୂତ ଜୀବନ ଯାପନ କରିବା ପାଇଁ ମାଆ ସମଗ୍ର ମାନବ ଜାତିକୁ ପ୍ରବର୍ତ୍ତାଉଛନ୍ତି । ସୁନ୍ଦର ବନଲତା, ପାହାଡ଼, ଝରଣା ଘେରା ସବୁଜ ବନାନୀ ମାଆଙ୍କ ଚତୁଃପାର୍ଶ୍ୱରେ ଶୋଭା ପାଉଥାଏ । ସତରେ ଆମେ ଯଦି କଂକ୍ରିଟ ଜଙ୍ଗଲରୁ କିଛି ସମୟ ବାହାରି ଆସି ପ୍ରକୃତିର ନୈସର୍ଗିକ ସୌନ୍ଦର୍ଯ୍ୟ ଉପଭୋଗ କରୁ, ତେବେ ଆମର ସମସ୍ୟା ଭରା ଜୀବନର କ୍ଳାନ୍ତି, ଅବସାଦ କିଛି ମାତ୍ରାରେ ଲାଘବ ହୁଏ । ପ୍ରକୃତିକୁ ଭଲ ପାଇବା ସଙ୍ଗେ ସଙ୍ଗେ ତା'ର ଉପଯୁକ୍ତ ଯତ୍ନ ନେବା ପାଇଁ ଆମେ ବଦ୍ଧ ପରିକର ହେବା ଉଚିତ । ଜଳ ହିଁ ଜୀବନ । ନିର୍ଝର ପରି ଆମ ଜୀବନ ନିରନ୍ତର ଆଗକୁ ବଢ଼ିବା ଦରକାର । ପାଣି ଜମି ରହିଲେ ବା ବ୍ୟବହାର ନ ହେଲେ ଯେପରି ଦୁର୍ଗନ୍ଧ ହୁଏ ବା ବାଷ୍ପୀଭୂତ ହୋଇ ଶୁଷ୍କ ହୋଇଯିବାର ସମ୍ଭାବନା ଥାଏ, ସେହିପରି ଜୀବନ ଚୈତନ୍ୟ ଅଟକିବା ଅର୍ଥ ମୃତ୍ୟୁ ସହ ସମାନ । ବିପରୀତ ପରିସ୍ଥିତିରେ ବି ଆମ ବିଚାରଧାରାକୁ ପରିବର୍ତ୍ତନ କରି ସକାରାତ୍ମକ ଭାବନାରେ କର୍ମକ୍ଷେତ୍ରରେ ଅଗ୍ରସର ହେବା ପାଇଁ ଚେଷ୍ଟା କରିବା । ମରାଳବାହିନୀ ମାଆଙ୍କ ପାଖରେ ହଂସ ଓ ମୟୂର ସଦାସର୍ବଦା ରହିଛନ୍ତି । ହଂସ ଅଲୌକିକ ଦକ୍ଷତାର ଅଧିକାରୀ । ଯାହା ଅନ୍ୟ କୌଣସି ଜୀବଜନ୍ତୁ ପକ୍ଷେ ଅସମ୍ଭବ । ସେ କ୍ଷୀରରୁ ନୀରକୁ ପୃଥକ କରିପାରେ । ଆମେ ସେହିପରି ବୁଦ୍ଧି ବଦଳରେ ଭଲ ମନ୍ଦ, ଠିକ୍ ଭୁଲକୁ ପରଖିବା । ପରଖିବା ଶକ୍ତି ସୁଦୃଢ଼ ହେଲେ ନିର୍ଣ୍ଣୟ ଶକ୍ତି ବଢ଼େ । ଯଦ୍ୱାରା ଯେକୌଣସି ବାଧା, ସମସ୍ୟା, ଦ୍ୱନ୍ଦ୍ୱ ଥାଇ ବି ଜଣେ ଠିକ୍ ନିଷ୍ପତ୍ତି ନେବାରେ ସକ୍ଷମ ହୁଏ । ବର୍ତ୍ତମାନ ଯୁଗରେ ସାରା ପୃଥିବୀ ଗୋଟିଏ ପରିବାର ସଦୃଶ । ଗଣମାଧ୍ୟମ ଦ୍ୱାରା ଜଗତ ଯାକର ଖବର ଅନବରତ ପ୍ରଚାର ଚାଲିଛି । ପ୍ରତି ମୁହୂର୍ତ୍ତରେ ଅନେକ ଭୁଲ, ବିଭ୍ରାନ୍ତକାରୀ, ନକାରାତ୍ମକ, ବିଧ୍ୱଂସକାରୀ ତଥ୍ୟ ଶୁଣିବାକୁ ମିଳୁଛି । ଯଦି ଆମେ ଠିକ୍ ଭାବେ ଚୟନ କରି ସେଗୁଡ଼ିକୁ ଗ୍ରହଣ କରିବା ତେବେ ତ ଉନ୍ନତି ନିଶ୍ଚୟ ହେବ । କିନ୍ତୁ ସବୁ ସମ୍ବାଦକୁ ବିଶ୍ୱାସ କଲେ ଅଗାଧ ସମ୍ବାଦ ମହାସାଗରରେ ବୁଡି ଯାଇ ପ୍ରାଣ ହରାଇବାର ବି ଭୟ ଅଛି । ତେଣୁ ସାବଧାନ, ମୟୂର ହେଉଛି କଳାର ପ୍ରତୀକ । ସୁସ୍ଥ ଜୀବନ ପାଇଁ ଅବସର ବିନୋଦନ, ଚିତ୍ତ ବିନୋଦନର ଯଥେଷ୍ଟ ଆବଶ୍ୟକତା ରହିଛି । ଆଜିକାଲି ପ୍ରାୟତଃ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ନାଚ, ଗୀତ, ଖେଳକୁଦ ଆଦି ବାବଦରେ କିଛି ସମୟ ନିୟୋଜନ କରୁଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଗଣିତ, ବିଜ୍ଞାନ ଆଦି ଆଗ୍ରହ ନ ଥିବା ପାଠ ପଢ଼ିବାକୁ କେତେକ ମାତାପିତା ପିଲାଙ୍କୁ ବାଧ୍ୟ କରୁଛନ୍ତି । ଫଳତଃ ପିଲାମାନେ ମାନସିକ ସ୍ତରରେ ଚାପଗ୍ରସ୍ତ ରହୁଛନ୍ତି । ମାତା ସରସ୍ୱତୀ ମୟୂର ମାଧ୍ୟମରେ କଳା ପ୍ରତି ଆକର୍ଷଣ ହେବା ପାଇଁ ସୂଚାଉଛନ୍ତି । ଜଣେ କଳାକାର ନିଜେ ସୁଖୀ ହେବା ସଙ୍ଗେ ସଙ୍ଗେ ସାରା ସଂସାରକୁ ସୁଖ ବାଣ୍ଟିପାରେ । ମାଆ ବାଗ୍‌ଦେବୀ ଦୁଇ ହସ୍ତରେ ବୀଣା ଓ ପୁସ୍ତକ ଧରିଛନ୍ତି । ବୀଣା ସଙ୍ଗୀତ, କଳା, ସାହିତ୍ୟ, ସ୍ୱର, ଲୟ, ତାଳ, ଅଳଙ୍କାର, ଛନ୍ଦ ଆଦିର ଆଦର ପାଇଁ ପ୍ରେରଣା ଯୋଗାଏ । ସାତ ସ୍ୱରର ଜ୍ଞାନ ପ୍ରଦାନ କରୁଥିବାରୁ ତାଙ୍କୁ ସ୍ୱରାତ୍ମିକା ଭାବେ ବନ୍ଦନା କରାଯାଏ । କିନ୍ତୁ ପୁସ୍ତକ ଜ୍ଞାନ, ଜିଜ୍ଞାସା, ବୌଦ୍ଧିକତାର ଗୁରୁତ୍ୱ ବହନ କରେ । ସାହିତ୍ୟକୁ ବୁଝିବା ପାଇଁ ନିଶ୍ଚିତ ଭାବେ ଜ୍ଞାନର ଆବଶ୍ୟକତା ରହିଛି । କିନ୍ତୁ ଜିଜ୍ଞାସା ଓ ରସିକତାର ଅନୁପାତ ଠିକ୍ ରହିଲେ ଜୀବନ ପ୍ରାଣବନ୍ତ, ପୁଲକିତ

ଯାବତ ଥାଇ ଅର୍ଥ ଲାଭ । ତାବତ ଥାଇ ପ୍ରିୟଭାବ ।।

ହେବା ସଙ୍ଗେ ସଙ୍ଗେ ସାର୍ଥକ ମଧ୍ୟ ହୋଇଥାଏ । ପ୍ରାୟତଃ କଳ୍ପନା ଶକ୍ତି, ସୃଜନଶକ୍ତି, ଆଧ୍ୟାତ୍ମିକ ଶକ୍ତି ଆଦିର ଉଦ୍ରେକ ପାଇଁ ସ୍ୱପ୍ନ ବିଳାସୀ କବି, ଭାବୁକ, ଲେଖକ, ବୈଜ୍ଞାନିକ, ଇଞ୍ଜିନିୟର ଇତ୍ୟାଦି ପୁସ୍ତକଧାରୀ ମାତା ସରସ୍ୱତୀଙ୍କୁ ପୂଜା କଲାବେଳେ ନୃତ୍ୟାଙ୍ଗନା, ଚିତ୍ରକର, କଳାକାର, ଗୀତିକାର ଆଦି ବୀଣାଧାରୀ ମାଆଙ୍କ ପ୍ରତିମୂର୍ତ୍ତି ପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି । ମାଆ ପୁଣି ଅନ୍ୟ ଗୋଟିଏ ହସ୍ତରେ ସ୍ଫଟିକ ମାଳା ଧାରଣ କରିଥାନ୍ତି । ସାଧାରଣତଃ ହଜାର ହଜାର ବର୍ଷ ଧରି ବରଫ ଚଟାଣ ତଳେ ବସି ରହିଲେ ତାହା ସ୍ଫଟିକରେ ପରିଣତ ହୁଏ । ଏହା ଥଣ୍ଡା, ଭାରୀ ଓ ସ୍ୱଚ୍ଛ ଅଟେ । ଏହାକୁ ରଗଡ଼ିଲେ ଆଲୋକ ବାହାରେ । ଆମ ମନ ସେପରି ସ୍ଫଟିକ ପରି ଶୀତଳ ରହିବା ସହ ବଚନ ଭାରୀ ହେବା ଉଚିତ । ମନ ଶାନ୍ତ ନିର୍ମଳ ରହିଲେ ଆମେ ସମସ୍ୟାମୁକ୍ତ ରହିପାରିବା । ଶାନ୍ତ ଓ ସ୍ଥିର ଚିତ୍ତରେ ଅନେକ ନୂତନ ଚିନ୍ତା ପ୍ରସ୍ଫୁଟିତ ହୁଏ । ଅସ୍ଥିର ମନ ସବୁ ପ୍ରକାର ରୋଗ, ଦୁଃଖ ଓ ଅଶାନ୍ତିର କାରଣ ଅଟେ । ସ୍ଫଟିକର ଭୌତିକ ଶକ୍ତି ବଳରେ ଅନେକ ରୋଗ ଉପଶମ ହେବା ସହ ଗ୍ରହ ଶାନ୍ତ କରିଥାଏ । ଆମେ ବି ମାଆଙ୍କ ପରି ନିଜ ପାଖରେ ଏହିସବୁ ଗୁଣ ରଖିବା ଉଚିତ । ଆମ କଥା ମଧୁର ଓ ଯୁକ୍ତିଯୁକ୍ତ ହେବା ପାଇଁ ମାଆ ସ୍ଫଟିକ ମାଧ୍ୟମରେ ବାର୍ତ୍ତା ଦିଅନ୍ତି । ମାଆଙ୍କର ଚାରିଗୋଟି ହସ୍ତ ଚାରୋଟି ବେଦର ପ୍ରତୀକ ଅଟେ । ଅର୍ଥାତ୍ ଆମେ ସର୍ବଦା ଜ୍ଞାନଯୁକ୍ତ ଅବସ୍ଥାରେ ରହିବା ।

ମାଆଙ୍କର କୀର୍ତ୍ତିଗାଥା ତ ଅବର୍ଣ୍ଣନୀୟ । ବିଶ୍ୱାସ କରାଯାଏ ମାତା ସରସ୍ୱତୀଙ୍କର ଅତି ଶୁଭ ଫଳଦାୟୀ ଭାରତୀ, ବାଗ୍‌ଦେବୀ, ହଂସବାହିନୀ, ଶାରଦା, ଜଗତୀ, ବାଗୀଶ୍ୱରୀ, କୁମୁଦୀ, ବ୍ରହ୍ମଚାରିଣୀ, ବୁଦ୍ଧିଦାତ୍ରୀ, ବରଦାୟିନୀ, ଚନ୍ଦ୍ରକାନ୍ତି, ଭୁବନେଶ୍ୱରୀ ଆଦି ୧୨ଟି ପବିତ୍ର ନାମ ପ୍ରତ୍ୟହ ଉଚ୍ଚାରଣ କଲେ ମୂର୍ଖ ବି ବିଦ୍ୱାନ ହୋଇଯାଏ । ସ୍ମରଣ କଲେ ହିଁ ସରାଗ ବଢ଼େ । ତେଣୁ ଅନୁକରଣ କରିବାକୁ ଇଚ୍ଛା ହୁଏ । 'ଅମ୍ଭ ବିମଳ ବୁଦ୍ଧି ଦେ' କହି ମାଗିଲେ ହେବ ନାହିଁ । ଚିନି ମିଠା ଲାଗେ ବୋଲି କହିଲେ ତ ପାଟି ମିଠା ହୋଇ ଯାଏନା । କେବଳ ତୁଣ୍ଡରେ ନ କହି ତାଙ୍କର ଦିବ୍ୟତା, ସତ୍ୟତା, ସଭ୍ୟତା, ସ୍ୱଚ୍ଛତା ଆଦି ଗୁଣ ମୁଣ୍ଡରେ ଗ୍ରହଣ କରିବା ପାଇଁ ଆମର ପାତ୍ରତା, ଯୋଗ୍ୟତାର ଆବଶ୍ୟକତା ରହିଛି । ଯାହା ବଳରେ ଆମେ ବି ବୁଦ୍ଧିମତ୍ତା ହୋଇ ପାରିବା । ସେହି ବୁଦ୍ଧି ଓ ବିକ୍ରମ ବଳରେ ଆମେ ଭାରତବାସୀ ତ୍ୟାଗ, ତପୋମୟ ଓ ଉତ୍ସର୍ଗୀକୃତ ଜୀବନ ବଞ୍ଚିବା ସହିତ ଆମ ହୃଦୟ ଶୀଳ, ସାହସ, ସଂଯମ, ସତ୍ୟ, ସ୍ନେହ ଓ ସ୍ୱାଭିମାନରେ ଭରପୂର ହୋଇଯିବ । ଆମେ ମଧ୍ୟ ଲବ, କୁଶ, ଧ୍ରୁବ, ପ୍ରହ୍ଲାଦ ପରି ବିଶ୍ୱ ପରିବାରର ତ୍ରାସ ହରଣ କରିପାରିବା । ଗାୟତ୍ରୀ, ସୀତା, ସାବିତ୍ରୀ, ଦୁର୍ଗାମା'ଙ୍କ ପରି ନିର୍ଭୀକା, ସ୍ୱୟଂସିଦ୍ଧା ହୋଇ ଭାରତ ପୃଷ୍ଠରେ ସ୍ୱର୍ଗ ଅବତରଣ କରାଇ ପାରିବା । ସାରା ବିଶ୍ୱର ମୁକୁଟ ସଦୃଶ ଆମ ଭାରତ ମାତା ଶୋଭା ପାଇବ । ସମଗ୍ର ବିଶ୍ୱଗୁରୁ ଭାବେ ଆମର ନୂତନ ପରିଚୟ ସୃଷ୍ଟି ହେବ । ସ୍ୱପରିବର୍ତ୍ତନରେ ବିଶ୍ୱ ପରିବର୍ତ୍ତନ । ସଂକଳ୍ପ ହିଁ କର୍ମର ବୀଜ । ସଂକଳ୍ପରୁ ସିଦ୍ଧି ପ୍ରାପ୍ତ ହୁଏ । ପିଲାଦିନୁ ଦୈବୀ ଗୁଣର ମହତ୍ତ୍ୱ ଓ ଗୁରୁତ୍ୱ ବୁଝି ଜୀବନରେ ଆଚରଣରେ ଉତାରିଲେ ତାହା ଆପେ ଆପେ ସଂସ୍କାରରେ ପରିଣତ ହୋଇଯିବ । ଆମେ ସମସ୍ତେ ଦେବ ସୁଲଭ ବିଶେଷତାର ଅଧିକାରୀ ହେବା ସହ ଆମ ଲକ୍ଷ୍ୟ ଉଚ୍ଚ ଓ ମହାନ ହେବା ପାଇଁ ସଂକଳ୍ପ ନେବା ।

*ଅବସରପ୍ରାପ୍ତ ଶିକ୍ଷୟିତ୍ରୀ*
*ଗଜପତି ନଗର, ଭୁବନେଶ୍ୱର*

ମରଣକାଳେ ନିଦ୍ରା ଗଲେ । କାଳ କି ବଞ୍ଚାଇବ ଭଲେ ।।

**ଜୀବନ ମୂଲ୍ୟ**

# ଯାଜ୍ଞବଲ୍କ୍ୟ ଓ ମୈତ୍ରେୟୀ ସମ୍ବାଦ

* ଶ୍ରୀ ନରେନ୍ଦ୍ରକୁମାର ରାଉଳ

ମହର୍ଷି ଯାଜ୍ଞବଲ୍କ୍ୟ ନିଜ ଧର୍ମପତ୍ନୀ ମୈତ୍ରେୟୀଙ୍କୁ କହିଲେ, ହେ ମୈତ୍ରେୟୀ ! ମୁଁ ବର୍ତ୍ତମାନ ଗୃହସ୍ଥାଶ୍ରମ ଛାଡ଼ି ବାନପ୍ରସ୍ଥ ଆଶ୍ରମକୁ ଯିବା ଲାଗି ଇଚ୍ଛା କରୁଛି । ତେଣୁ ଦ୍ୱିତୀୟ ଧର୍ମପତ୍ନୀ କାତ୍ୟାୟନୀ ଓ ତୁମ ମଧ୍ୟରେ ସମ୍ପତ୍ତିର ବଣ୍ଟନ କରି ଦେବାକୁ ଇଚ୍ଛା କରୁଛି । ଏହାଶୁଣି ମୈତ୍ରେୟୀ କହିଲେ, 'ହେ ସ୍ୱାମୀ ! ମୁଁ ଯଦି ଧନଧାନ୍ୟ ପୂର୍ଣ୍ଣ ଏହି ସମ୍ପୂର୍ଣ୍ଣ ଧରିତ୍ରୀର ସ୍ୱାମିନୀ ହୁଏ, ତେବେ କ'ଣ ମୁଁ ଅମର ପଦ ଲାଭ କରିବି ?' ମହର୍ଷି ଯାଜ୍ଞବଲ୍କ୍ୟ କହିଲେ, 'ନା, ସାଧନ ସମ୍ପନ୍ନଙ୍କ ଜୀବନ ଯେପରି ହୁଏ, ତୁମ ଜୀବନ ମଧ୍ୟ ସେପରି ହେବ । ଧନ ଦ୍ୱାରା ଅମୃତତ୍ୱର ଆଶା କରିବା ଅନୁଚିତ ।' ମୈତ୍ରେୟୀ କହିଲେ, 'ହେ ସ୍ୱାମୀ ! ଅମୃତତ୍ୱ ଲାଭ କରିବାର କୌଣସି ଉପାୟ ଯଦି ଆପଣ ଜାଣନ୍ତି ତେବେ ସେ ବିଷୟରେ ମୋତେ କହିବା ପାଇଁ ଅନୁଗ୍ରହ କରନ୍ତୁ ।' ଯାଜ୍ଞବଲ୍କ୍ୟ କହିଲେ, 'ହେ ମୈତ୍ରେୟୀ ! ତୁମେ ମୋର ପ୍ରିୟା ଓ ପ୍ରିୟ ଲାଗୁଥିବା ବଚନ ମଧ୍ୟ କହୁଛ । ତୁମ ପାଇଁ ମୁଁ ଅମୃତତ୍ୱ ଲାଭ କରିବାର ଉପଦେଶ ପ୍ରଦାନ କରୁଛି । ତୁମେ ମୋ ଆଦେଶର ନିଦିଧ୍ୟାସନ (ଅନୁପାଳନ) କର ।'

ପତିଙ୍କ ଆକାଂକ୍ଷା ପୂରଣ ଲାଗି ପତି ପ୍ରିୟ ହୋଇ ନଥାନ୍ତି, ବରଂ ନିଜର ଆକାଂକ୍ଷା ପୂରଣ ପାଇଁ ପତ୍ନୀଙ୍କୁ ପତି ପ୍ରିୟ ହୋଇଥାଆନ୍ତି । ସେହପରି ପତ୍ନୀଙ୍କ ପ୍ରୟୋଜନ ପାଇଁ ନୁହେଁ, ବରଂ ନିଜ ପ୍ରୟୋଜନ ପାଇଁ ପତିଙ୍କୁ ପତ୍ନୀ ପ୍ରିୟ ହୋଇଥାନ୍ତି । ପୁତ୍ର ଆକାଂକ୍ଷା ପୂରଣ ନିମନ୍ତେ ନୁହେଁ ବରଂ ନିଜ ଆକାଂକ୍ଷା ପୂରଣ ପାଇଁ ପିତାଙ୍କୁ ପୁତ୍ର ପ୍ରିୟ ହୋଇଥାଏ । ଦେବତାଙ୍କ ପ୍ରୟୋଜନ ପାଇଁ ନୁହେଁ, ବରଂ ସ୍ୱପ୍ରୟୋଜନ ପୂରଣ ପାଇଁ ଦେବତା ପ୍ରିୟ ହୋଇଥାନ୍ତି । ତେଣୁ ହେ ମୈତ୍ରେୟୀ ! ଏହି ଆତ୍ମା ହିଁ ଦର୍ଶନ କରିବାର ଯୋଗ୍ୟ, ଶ୍ରବଣ କରିବାର ଯୋଗ୍ୟ । ଏହି ଆତ୍ମାର ଦର୍ଶନ, ଶ୍ରବଣ, ମନନ ଓ ଜ୍ଞାନ ଦ୍ୱାରା ହିଁ ସମସ୍ତଙ୍କର ଜ୍ଞାନ ଲାଭ ହୋଇଥାଏ ।

ସମସ୍ତ ଜଳର ଆଶ୍ରୟସ୍ଥଳ ଯେପରି ଏକମାତ୍ର ସମୁଦ୍ର, ସେହିପରି ସମସ୍ତ ସ୍ପର୍ଶର ଆଶ୍ରୟ ଚର୍ମ, ସମସ୍ତ ଗନ୍ଧର ଆଶ୍ରୟ ନାସିକା, ସମସ୍ତ ରସର ଆଶ୍ରୟ ଜିହ୍ୱା, ସମସ୍ତ ରୂପର ଆଶ୍ରୟ ଚକ୍ଷୁ, ସମସ୍ତ ଶବ୍ଦର ଆଶ୍ରୟ କର୍ଣ୍ଣ, ସମସ୍ତ ସଂକଳ୍ପର ଆଶ୍ରୟ ମନ, ସମସ୍ତ ବିଦ୍ୟାର ଆଶ୍ରୟ ହୃଦୟ, ସମସ୍ତ କର୍ମର ଆଶ୍ରୟ ହସ୍ତ, ସମସ୍ତ ବେଦର ଆଶ୍ରୟ ବାକ୍ ଶକ୍ତି (ବାଣୀ) ଅଟେ । ଜଳ ଭିତରେ ମେଞ୍ଚାଏ ଲୁଣ ପକାଇଦେଲେ, ତାହା ଯେପରି ବିଲୀନ ହୋଇଯାଏ ଓ ତାହାକୁ ଧରିବା କାହା ପକ୍ଷରେ ସମ୍ଭବ ହୋଇ ନ ଥାଏ, ଠିକ୍ ସେହିପରି ଏହି ମହଦ୍‌ଭୂତ ଆତ୍ମା ସମସ୍ତ ଭୂତଙ୍କ ଠାରୁ ଉପରକୁ ଉଠି ତାଙ୍କଠାରେ ବିଲୁପ୍ତ ହୋଇଯାଏ । ମୃତ୍ୟୁ ପରେ ଏହି ତତ୍ତ୍ୱର ନାମ ମଧ୍ୟ ବାକି ରହେ ନାହିଁ କାରଣ ଏହା ଦେହ ଓ ଇନ୍ଦ୍ରିୟ ଭାବରୁ ମୁକ୍ତ ହୋଇଯାଏ । ଯେଉଁଠି ଅଜ୍ଞାନ ଅବସ୍ଥାରେ ଦ୍ୱୈତ ପ୍ରତୀତ ହୁଏ, ସେଠାରେ କେହି ଅନ୍ୟ କାହାକୁ ଘ୍ରାଣ କରେ, ଦେଖେ, ଶୁଣେ, କହେ, ମନନ କରେ ଓ ଜାଣେ । କିନ୍ତୁ ଏସବୁ ଆତ୍ମରୂପ / ଆତ୍ମଜ୍ଞାନ ହୋଇଯିବା ପରେ, ଦ୍ୱୈତ ଭାବ ଅଦ୍ୱୈତ ଭାବରେ ପରିଣତ ହୋଇଯାଏ । ତାହା ହିଁ ପ୍ରକୃତ ଜ୍ଞାନ ।

ପ୍ରାନ୍ତ ପ୍ରଶିକ୍ଷଣ ସଂଯୋଜକ,
ଶି.ବି.ସ. ଓଡ଼ିଶା

ଭାଷା ବିଭବ

# ପୁନେଇଁ ଜହ୍ନ ପାଇଲୁ

ଶ୍ରୀ ପ୍ରସନ୍ନକୁମାର ବିଶ୍ୱାଳ

ପିଲାଦିନେ ଆମେ ଗୋଟିଏ ପ୍ରକାରର ଖେଳ ଖେଳୁଥିଲୁ । ସେ ଖେଳ ଦିନେ ନୁହେଁ କି ମାସେ ନୁହେଁ ପୂରା ବର୍ଷେ ପର୍ଯ୍ୟନ୍ତ ଚାଲୁଥିଲା । ଖେଳକୁ କିଏ ବାହାର କରିଥିଲେ ଆଉ କେଉଁ ଉଦ୍ଦେଶ୍ୟରେ କରିଥିଲେ ଜଣା ନାହିଁ । ଏବେ କିନ୍ତୁ କାହିଁକି କେଜାଣି ଜାଣିବାକୁ ଭାରି ଇଚ୍ଛା ହେଉଛି । ହେଲେ ଆଜି ଆଉ ସେ ଖେଳ ନାହିଁ କି ସେ ସମୟର ଜଣାଶୁଣା ଲୋକମାନେ ଆଉ ନାହାନ୍ତି । ଖେଳର ନାଆଁଟି ହେଉଛି 'ପୁନେଇଁ ଜହ୍ନ ପାଇଲୁ' । ପୂର୍ଣ୍ଣିମା ଦିନ ଚନ୍ଦ୍ର ଉଦୟ ହେଲା ପରେ ପିଲାମାନେ ନିଜ ସାଙ୍ଗସାଥୀଙ୍କୁ ପୁନେଇଁ ଜହ୍ନ ପାଇଲୁ ବୋଲି କହିଥାଆନ୍ତି । ଯାହାକୁ କୁହାଯାଏ ତା' ଉପରେ ଗଡ଼(ପଏଣ୍ଟ) ବସେ । ଯଦି ପର ମାସରେ ସେ ଆଗୁଆ 'ପୁନେଇଁ ଜହ୍ନ ପାଇଲୁ' କହିଦିଏ ତେବେ ଗଡ଼ ଶୁଝି ଯାଏ ନତୁବା ଗଡ଼ ବଢ଼ି ବଢ଼ି ଚାଲେ । ପ୍ରତି ପୂର୍ଣ୍ଣିମାରେ ଆଗୁଆ କହିବା ପାଇଁ ସାଙ୍ଗମାନଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲେ । ବର୍ଷ ଶେଷରେ ହିସାବ ସରିଯାଏ । ଏବର୍ଷର ଗଡ଼ ହିସାବ ଆରବର୍ଷକୁ ରହେ ନାହିଁ । କେବେ କେବେ କିଏ ଆଗେ ଜହ୍ନ ଦେଖିଲା, କିଏ ଆଗେ କହିଲା, ଆଗରୁ କେତେ ଗଡ଼ ଥିଲା, ଆଉ କେତେ ରହିଲା ଏସବୁକୁ ନେଇ ଛୋଟମୋଟ ଯୁକ୍ତିତର୍କ ବି ହେଉଥିଲା, ହେଲେ ଭାରି ମଜା ଲାଗୁଥିଲା । କିନ୍ତୁ ହାୟରେ ବିଧାତା ! କି ଯୁଗ ଆସି ହେଲା ? ଏଯୁଗର ପିଲାମାନେ ଜହ୍ନ ଦେଖିବାକୁ ସୁଯୋଗ ପାଉ ନାହାନ୍ତି, ଅନେକଙ୍କର ସେଥିରେ ଆଗ୍ରହ ମଧ୍ୟ ନାହିଁ । ଅଧିକାଂଶ ଉଚ୍ଚଶିକ୍ଷିତ ଯୁବକଯୁବତୀ ପୁନିଅଁ କ'ଣ ଜାଣନ୍ତି ନାହିଁ, ମାସ କ'ଣ ଜାଣନ୍ତି ନାହିଁ । ଇଂରେଜୀ ମାସକୁ ଭଲ ଭାବରେ ଜାଣନ୍ତି । ଶିରାବଣ କି ଭୋଦୁଅ କଥା ଛାଡ଼ନ୍ତୁ ଶ୍ରାବଣ, ଭାଦ୍ର ମଧ୍ୟ ଜାଣନ୍ତି ନାହିଁ ।

ମସ(ଚନ୍ଦ୍ର)+ଅ = ମାସ ଅଥବା ମସ୍(ପରିମାଣ କରିବା)+ଅ = ମାସ ହୋଇଛି । ଦୁଇ ପ୍ରକାରର ମାସ ଗଣନା ରହିଛି । ସୂର୍ଯ୍ୟଙ୍କୁ ଆଧାର କରି ସୌରମାସ ଏବଂ ଚନ୍ଦ୍ରଙ୍କୁ ଆଧାର କରି ଚାନ୍ଦ୍ରମାସ ଗଣନା କରାଯାଏ । ସୌରମାସ ରାଶିମାନଙ୍କର ନାମାନୁସାରେ ହୋଇଥିବା ବେଳେ ଚାନ୍ଦ୍ରମାସ ନକ୍ଷତ୍ରମାନଙ୍କ ନାମାନୁସାରେ ହୋଇଥାଏ । ସୌରମାସଗୁଡ଼ିକ ହେଲା - ୧) ମେଷ, ୨) ବୃଷ, ୩) ମିଥୁନ, ୪) କର୍କଟ, ୫) ସିଂହ, ୬) କନ୍ୟା, ୭) ତୁଳା, ୮) ବିଛା, ୯) ଧନୁ, ୧୦) ମକର, ୧୧) କୁମ୍ଭ ଓ ୧୨) ମୀନ । ସୂର୍ଯ୍ୟ ଯେଉଁ ରାଶିର ସୀମା ମଧ୍ୟରେ ଯେଉଁ ମାସରେ ରହନ୍ତି ସେହି ମାସର ନାମକରଣ ସେହି ରାଶି ଅନୁସାରେ ହୁଏ । ଗୋଟିଏ ରାଶିରେ ସୂର୍ଯ୍ୟ ଏକ ମାସ ଅବସ୍ଥାନ କରନ୍ତି । ଗୋଟିଏ ରାଶିରେ ରହିବାର ଶେଷ ଦିନକୁ ମାସାନ୍ତ କହନ୍ତି । ତାପରେ ଅନ୍ୟ ରାଶିକୁ ପ୍ରବେଶ କରନ୍ତି ଯାହାକୁ ସଂକ୍ରାନ୍ତି କୁହାଯାଏ ।

ଚାନ୍ଦ୍ରମାସ ନକ୍ଷତ୍ର ଅନୁସାରେ ହୋଇଥାଏ । ପୂର୍ଣ୍ଣିମା ଦିନ ଚନ୍ଦ୍ର ଯେଉଁ ନକ୍ଷତ୍ରରେ ଉଦୟ ହୁଅନ୍ତି ସେହି ମାସର ନାମକରଣ ସେହି ନକ୍ଷତ୍ରର ନାମାନୁସାରେ ହୋଇଥାଏ । ମୋଟ ୨୭ଟି ନକ୍ଷତ୍ର ଅଛନ୍ତି । ସେଗୁଡ଼ିକ ହେଲେ - ଅଶ୍ୱିନୀ, ଦ୍ୱିଜା, କୃତ୍ତିକା, ରୋହିଣୀ, ମୃଗଶିରା, ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଳେଷା, ମଘା, ପୂର୍ବଫାଲ୍‌ଗୁନୀ, ଉତ୍ତରଫାଲ୍‌ଗୁନୀ, ହସ୍ତା, ଚିତ୍ରା, ସ୍ୱାତୀ, ବିଶାଖା, ଅନୁରାଧା, ଜ୍ୟେଷ୍ଠା, ମୂଳା, ପୂର୍ବାଷାଢ଼ା, ଉତ୍ତରାଷାଢ଼ା, ଶ୍ରବଣା, ଧନିଷ୍ଠା, ଶତଭିଷା, ପୂର୍ବଭାଦ୍ର, ଉତ୍ତରଭାଦ୍ର ଓ ରେବତୀ । ବିଶାଖା ନକ୍ଷତ୍ରର ନାମରୁ ବୈଶାଖ , ଜ୍ୟେଷ୍ଠାରୁ ଜ୍ୟେଷ୍ଠ, ଆଷାଢ଼ାରୁ ଆଷାଢ଼, ଶ୍ରବଣାରୁ ଶ୍ରାବଣ, ଭାଦ୍ରରୁ ଭାଦ୍ର, ଅଶ୍ୱିନୀରୁ ଆଶ୍ୱିନ, କୃତ୍ତିକାରୁ କାର୍ତ୍ତିକ, ମୃଗଶିରାରୁ ମାର୍ଗଶିର, ପୁଷ୍ୟାରୁ ପୌଷ, ମଘାରୁ ମାଘ, ଫାଲ୍‌ଗୁନୀରୁ ଫାଲ୍‌ଗୁନ ଏବଂ ଚିତ୍ରାରୁ ଚୈତ୍ର ମାସ ସୃଷ୍ଟି ହୋଇଛି । ମାସଗୁଡ଼ିକୁ ଦେଶୀୟ ବା ଗ୍ରାମୀଣ ଭାଷାରେ ବଇଶାଖ, ଜେଷ୍ଠ, ଅଷାଢ଼, ଶିରାବଣ, ଭାଦ୍ରବ ବା ଭୋଦୁଅ, ଅଶିଣ, କାରତିକ, ମଗୁଶିର, ପୁଷ, ମାଘ, ଫଗୁଣ, ଚଇତ ଇତ୍ୟାଦି ମଧ୍ୟ କହିଥାଆନ୍ତି ।

ଆମେ ଆମ ଭାଷାକୁ ଜାଣିବା । ବିଭିନ୍ନ ଶବ୍ଦର ସୃଷ୍ଟି ସମ୍ବନ୍ଧରେ ଜାଣିବା । ଆମ ଭାଷାରେ ଥିବା ବିଭିନ୍ନ ସାହିତ୍ୟକୁ ଅଧ୍ୟୟନ କଲେ ଆମ ଭିତରେ ସ୍ୱାଭିମାନ ଜାଗ୍ରତ ହେବ । ତେବେ ଯାଇ ଆମ ଭାଷା, ଜାତି ଓ ସଂସ୍କୃତିକୁ ବିଶ୍ୱବାସୀଙ୍କ ପାଖରେ ପହଞ୍ଚାଇ ପାରିବା । ଆମ ଭାଷା ଯେତେ ଶୁଦ୍ଧ ଓ ଉନ୍ନତ ହେବ ଆମେ ବିଶ୍ୱ ଦରବାରରେ ସେତେ ସମ୍ମାନିତ ହେବା । ନିଜ ମାତୃଭାଷାକୁ ସବଳ ଓ ସୁଦୃଢ଼ କରିବା ପାଇଁ ସ୍ୱଭାବ କବି ଗଙ୍ଗାଧର ସେଥିପାଇଁ ଲେଖିଛନ୍ତି - ଯା ଭାଷା ଦୁର୍ବଳା କାହିଁ ତା'ର ଜ୍ଞାନ ? କାହିଁ ତା'ର ରାଜଦୁଆରେ ସମ୍ମାନ ?

ପ୍ରାନ୍ତ ନିରୀକ୍ଷକ,
ଶିକ୍ଷା ବିକାଶ ସମିତି, ଓଡ଼ିଶା

ଇନ୍ଦ୍ରିୟ ସୁଖେ ଦେଇ ମତି । ତୋର ଚରଣେ ନ ଭଜନ୍ତି ॥

**କବିତା ପସରା**

# ପୂଜିବା ତାହାଙ୍କୁ ଆସ

■ ଶ୍ରୀ ଶିଶିର କୁମାର ପଣ୍ଡା

ବରଷକ ପରେ ଆସିଛନ୍ତି ଏବେ
ଧରାକୁ ଗଣେଶ ଦେବ
ତାଙ୍କୁ ଯେ ପୂଜିବ ଭକତି ମନରେ
ପାଠ ସିଏ ମାଗିନେବ ।
ଜ୍ଞାନର ଠାକୁର ଅଟନ୍ତି ସିଏ ତ
ତାଙ୍କର ମହିମା ଭାରି
ଭକତି ଯାହାର ମନରେ ତା'ପାଇଁ
ଝରଇ ଆଶିଷ ବାରି ।
ପିତା ତାଙ୍କ ଦେବ ଦେବ ମହାଦେବ
ମାତା ତାଙ୍କ ପାରବତୀ
ମୂଷିକ ତାଙ୍କର ବାହନ ବୋଲିକି
ଥାଏ ସଦା ତାଙ୍କ କତି ।
ଖସାଲଡ଼ୁ ପ୍ରିୟ ଭୋଗ ତ ତାଙ୍କର
ଭକତିରେ ଦେଲେ ବାଢ଼ି
ପାଇବାକୁ ସିଏ ମରତ ଆସନ୍ତି
ସରଗ ରାଇଜ ଛାଡ଼ି ।
ଆସ ଆସ ଏବେ ପୂଜିବା ତାହାଙ୍କୁ
ଦୀପ ଧୂପ ଭୋଗ ଆଣି
ପୁଷ୍ପାଞ୍ଜଳି ଦେଇ ଗୁହାରି କରିଲେ
ଫଳ ଦେବେ ମନ ଜାଣି ।

କୁଆଁସ, ମେରଦା କାଟିଆ
ଯାଜପୁର



# କର ନାହିଁ ପ୍ରଭୁ ରୋଷ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ବେହେରା

ଆହେ ଗଣନାଥ କରୁଛୁ ମିନତି
ସଭିଏଁ ଆକୁଳ ହୋଇ
ଜ୍ଞାନର ବରଷା ବରଷି ବରଷି
ଅଜ୍ଞାନକୁ ଦିଅ ଧୋଇ ।
ବୁଦ୍ଧିର ଭଣ୍ଡାର ଖୋଲିଦିଅ ପ୍ରଭୁ
ଶୁଭ ବୁଦ୍ଧି ଯାଉ ଭରି
ଧୂପ ଦୀପ ଦେଇ ଫୁଲରେ ସଜେଇ
ଡାକୁଛୁ ଭକତି କରି ।
ସଜାଡ଼ି ଆଣିଛୁ ଖାତା ଓ କଲମ
ରାଶି ଲଡ୍ଡୁ ଫୁଲମାଳ
ଅଜାଡ଼ି ଦିଅ ହେ ଶୁଭାଶିଷ ପ୍ରଭୁ
ଭରିଦିଅ ଆମ ଥାଳ ।
ଖଇ ଡାଲା ସାଥେ କାକୁଡ଼ି ଆଣିଛୁ
କର ନାହିଁ ପ୍ରଭୁ ରୋଷ
କୁନି କୁନି ଶିଶୁ ଜାଣିନାହୁଁ କିଛି
କେମିତି କରିବୁ ତୋଷ ।
ଦୟାମୟ ପ୍ରଭୁ ଜ୍ଞାନର ସାଗର
ଆମେ ସବୁ ଟିକି କଳି
ଘେନ ବାରେ ଆମ ପୂଜା ଅରଚନା
ଏତିକି ଆମର ଅଳି ।
ଏ ସାଲ ତୁମକୁ କେମିତି ପୂଜିବୁ
କରୋନା ଦେଖାଏ ଆଖି
ପାଠ ଶାଠ କିଛି ପଢ଼ି ବି ପାରୁନୁ
ବିଦ୍ୟାଳୟ ମୂକସାକ୍ଷୀ ।

ପତ୍ରିକା ପ୍ରତିନିଧି
ଉତ୍ତର ପୂର୍ବ ସମ୍ଭାଗ, କଟକ

ପଢ଼ନ୍ତି ଗୃହ ଅନ୍ଧକୂପେ । ପଶୁ ଯେସନେ ତୃଣ ଶାକେ ॥

# ରକ୍ଷାକର ଆମ ଜୀବନ

ଖୁଲଣା ନାୟକ

ଜଗତର ନାଥ ଆହେ ଜଗନ୍ନାଥ
କୃପାସିନ୍ଧୁ ବିଶ୍ୱବିହାରୀ
ବେଳୁ ବେଳ ମହୀ ଅସ୍ୟ ହେଲାଣି
ଶୁଣ ବାରେ ଆମ ଗୁହାରି ।
ସାରା ବିଶ୍ୱେ ଆଜି ଆତଙ୍କ ଖେଳାଇ
କରୋନା କରୁଛି ଶିକାର
ଗାଆଁଠୁ ସହର ଧନୀ କି ଗରିବ
କରେ ନାହିଁ ବାଛ ବିଚାର ।
ସ୍ପର୍ଶରେ ଆସୁଛି ଶରୀରେ ପଶୁଛି
ଅଳ୍ପ ଅଳ୍ପ ଅବହେଳାରେ
ଜୀବନ ଜୀବିକା ଶିଥିଳ ସମାନ
ବିଜ୍ଞାନ ପଡ଼ିଛି ପଛରେ ।
କିଏ କହେ ଏଠି ବାୟୁରେ ବ୍ୟାପୁଛି
କିଏ କହେ ପୁଣି ଛୁଆଁରେ
ପାଠ ଶାଠ ସବୁ ହାର ମାନୁଅଛି
କରୋନାର ପ୍ରାଦୁର୍ଭାବରେ ।
ଗବେଷଣା ପରେ ଗବେଷଣା କରି
ପାଉ ନାହିଁ ସନ୍ଧାନ କିଛି
ବିଶ୍ୱ ମହାମାରୀ ରୂପେ ଆସିଅଛି
ଜୀବନ ନେଉ ଅଛି ବାଛି ।
ଅଧୁନା ମାନବ ପୁରାତନ ଭଳି
ଗାଆଁକୁ ଆଦରି ନେଇଛି
କରୋନା ପ୍ରଭାବେ ସହର ଛାଡ଼ିକି
ଉପାସରେ ଦିନ କାଟୁଛି ।

ନାକ ପାଟି ଭିଡ଼ି ବସି ଅଛି ଘରେ
କାହାକୁ ଛୁଉଁନି ମଣିଷ
ଜୀବ ଥାଉ ଥାଉ ଯାତନା ଭୋଗୁଛି
ସବୁ କଥା ଲାଗଇ ବିଷ ।
ଥଣ୍ଡା କାଶ ଛିଙ୍କ କାଳ ସାଜି ଅଛି
ରକ୍ତ ସମ୍ପର୍କ ହୁଏ ଦୂର
ସଙ୍ଗରୋଧେ ଏଠି ଜୀବନ ଜଳୁଛି
ଶୁଭୁଛି ଖାଲି ହାହାକାର ।
ଭକତ ଗହଳି ଶୁଭୁ ନାହିଁ ଆଜି
ଶିରୀକ୍ଷେତ୍ରେ ଯେ ଖାଆଁ ଖାଆଁ
ଆମ ସାଥେ ପ୍ରଭୁ ମଥା ପାତି ସବୁ
ସହି ଯାଉଛ ତୁମ୍ଭେ କିଆଁ ?
ଲୀଳାମୟ ପ୍ରଭୁ କି ଲୀଳା ରଚୁଛ
ଭକତ ପାଶେ ଅଗୋଚର ?
ସର୍ବଶ୍ରେଷ୍ଠ ଶକ୍ତି ବଳେ ବଳୀୟାନ
କରୋନା ସାମାନ୍ୟ ମାତର ।
ହେ ସୃଷ୍ଟି ନିୟନ୍ତା ହେ ଜୀବନଦାତା
ନିଷ୍ଠୁର ଭାବନା ତେଜିଣ
ପାପ ତାପ ହରି କରୋନା କବଳୁ
ରକ୍ଷା କର ଆମ ଜୀବନ ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ଦୀପଶିଖା*

# କୁତୁରୁ କୁତୁରୁ କୁତୁ

ଶ୍ରୀ ଶୁଭକାନ୍ତ ସାହୁ

କୁତୁ କୁତୁ କୁତୁ କୁତୁ
ଅଜା କରୁଥିଲେ କୁତୁରୁ କାଳିଆ
ହସି ଗଡୁଥିଲା ସିତୁ ।
ପାଆ କରୁ କରୁ ପିଠା ।
ଭାତ କ୍ଷୀରୀ ପୁରୀ ମହୁର ଏଣ୍ଡୁରୀ
ଯାବତ ବ୍ୟଞ୍ଜନ ମିଠା ।
ଇଏ ଖାଉ ସିଏ ଖାଉ
ତୋ ମୋ ଭାଗ ସରଗକୁ ଯାଉ
ଖେଳ ଆମ ଚାଲିଥାଉ ।
କରୋନାର ହୁଲସ୍ଥୁଲ
ଘରେ ରହି ରହି ପିଲାଏ ବିରକ୍ତ
ଏଯାଏଁ ଖୋଲିନି ଇସ୍କୁଲ ।
ବାହାରେ ଖେଳିବା ମନା
ସାଙ୍ଗସାଥି ମେଳେ ଖେଳୁ ଖେଳୁ କାଳେ
ଚାଲି ଆସିବ କରୋନା ।
ପିଲାଙ୍କର ଖୁସି ପାଇଁ
କା ଘରେ ଖେଳନ୍ତି ଜେଜେ ଜେଜୀ ଆଉ
କାହା ଘରେ ଅଜା ଆଈ ।
କୁତୁରୁ କୁତୁରୁ କୁତୁ
ପଢ଼ା ସାଥେ ଘରେ ଖେଳ ହେଲେ
କରୋନାଠୁଁ ଆମେ ଜିତୁ ।

*ଦେଉଳପଲ୍ଲୀ*
*ପୋଲସରା, ଗଞ୍ଜାମ*

# ଜିତିବ ଭାରତ ହାରିବ କରୋନା

*ଶ୍ରୀମତୀ ସଙ୍ଗୀତା ମିଶ୍ର*

କରୋନା ..... କରୋନା ...... କରୋନା
ତା ନାଁ ଶୁଣି ବିଶ୍ୱ ଛାନିଆ
କୋଭିଡ଼-୧୯ ତା ନାଁ
ଭେଟି ତ ଦେଇଛି ଚାଇନା ।
କୋଳାଗ୍ରତ କାରେ କରନା
କର ମରଦନ କରନା
ବିନା କାରଣରେ ବୁଲନା
ସଭା ସମିତିକୁ ଯାଅନା ।
କାଶ ଛିଙ୍କ ଥଣ୍ଡା ହୋଇଲେ
ମୁଖାକୁ ମୁହଁରୁ କାଢ଼ନା
ହାତ ଧୋଇବାକୁ ଭୁଲନା
ପ୍ରଶ୍ୱାସରେ କଷ୍ଟ ହୋଇଲେ
ବେଗେ ଯାଅ ଡାକ୍ତରଖାନା ।
ସଂସ୍କୃତିକୁ ଆମ ଭୁଲନା
ଘରକୁ ଆସିଲେ କୁଣିଆ
ବିନମ୍ର ଭାବ ବହି
ନମସ୍କାର ହୁଅ ଭାଇନା ।
ମନ୍ଦିର ଐତିହ୍ୟ ସ୍ଥାନରେ
ଅଯଥା ଗହଳି କରନା
ଏଠି ସେଠି ଛେପ ପକାନା
ଗୁଜବେ ବିଶ୍ୱାସ କରନା ।
କରୋନା ତ ରୋଗ ଅଜଣା
ସଚେତନତା ହିଁ ସ୍ୱଚ୍ଛତା
ମନ୍ତ୍ରଟି କର ଆପଣା
ଜିତିବ ଭାରତ ହାରିବ କରୋନା
ଦମ୍ଭ ଧର ଜମା ଡରନା ।

*ଆଚାର୍ଯ୍ୟା*
*ସ.ଶି.ବି.ମ., ଚନ୍ଦନପୁର*

ଯାହାର ପ୍ରତିକାର ଥାଇ । ତାର ଭକ୍ଷଣେ ଭୟ ନାହିଁ ॥

# ପାହିଲା ରାତି

ଶ୍ରୀ ଦେବେନ୍ଦ୍ରକୁମାର ନାୟକ

ରାତି ପାହିଲା ସକାଳ ହେଲା
ଉଠରେ ପିଲେ ଉଠ
ସରିଲେ କାମ ଚାହାଳୀ ଯିବ
ନକର ଆଉ ମଠ ।
ଦେଖ କେମିତି ନାଲି ସୂରୁଜ
ଆସୁଛି ଉଠି ଉଠି
ଫୁଟିଛି ଫୁଲ ଗଛ ଡାଳରେ
ଗୀତ ଗାଉଛି ପକ୍ଷୀ ।
ବଡ଼ ମଣିଷ ହେବା ପାଇଁକି
ସାଧିବ ଆଜ ଦିନୁ
ସୂରୁଜ ପରି ପକ୍ଷୀଟି ପରି
ଅଳସ ତେଜି ମନୁ ।
ଦେଖିଛ କେବେ ଡେରି କରିକି
ସୂରୁଜ ଆସିବାକୁ
ଅଳସ ପଣେ ଡରିଛି କେବେ
ପଉଷ ସକାଳକୁ ।
ସକାଳ ହେଲେ ନିଇତି ଆସେ
ନିଇତି ସଞ୍ଜେ ଯାଏ
ଝଡ଼ି ବରଷା ଶୀତ କାକର
ନ ମାନେ କେବେ ସିଏ ।
ଦେଶର ମାନ ରଖିବ ଯେବେ
ସୂରୁଜ ପରି ହୁଅ
ପାହିଲେ ରାତି ନିହତ ପଣେ
କାମରେ ଲାଗି ଯାଅ ।

ଆଚାର୍ଯ୍ୟ
ସ.ଶି.ବି.ମ., ସାଲେପୁର

# ମାଟି ଦୀପ ମୁହିଁ ମାଟିଦୀପ

ଶ୍ରୀ ନିତ୍ୟାନନ୍ଦ ମିଶ୍ର

ମାଟି ଦୀପ ମୁହିଁ ମାଟିଦୀପ
ମାଟିରେ ଗଢ଼ା ମୁଁ ମାଟିରେ ମିଶେ
ମାଟି ହିଁ ମୋହର ଜୀବନ ରେଖା ।
ଟିକି ଦୀପ ମୁହିଁ ଜଳୁଥାଏ
ଘନ ଅନ୍ଧାରକୁ କରଇ ଦୂର
ଜାଳି ଆଲୋକର କ୍ଷୁଦ୍ର ଶିଖା ।
କେତେ ଆଦର ଯତନରେ
କୁମ୍ଭାର ଶାଳରେ ମୁହିଁ ଗଢ଼ା
ଗରୀବ ଲୋକର ଜୀବିକା ଜାଣ
ସେଇ ଦୀପ ବିକି ବଜାରରେ
ଗରିବ କୁମ୍ଭାରର ଚଳେ ଘର
ପରିବାର କରେ ପ୍ରତିପୋଷଣ ।
ମାନସିକଟିଏ ମନେ ନେଇ
ମନ୍ଦିରେ ଜାଳଇ ମତେ କେହି
ସେତେବେଳେ ମତେ ଖୋଜାଲୋଡ଼ା
ସଞ୍ଜ ନଇଁଗଲେ ଅଗଣାରେ
ଚଉରାମୂଳେ ମୁହିଁ ସଞ୍ଜବତ୍ତୀ
ସେଥିପାଇଁ ମୁହିଁ ଅଟେ ଗଢ଼ା ।
ଓଷା ବ୍ରତ ପୂଜା ପାର୍ବଣେ
ଭିଡ଼ରେ ହେଉ ବା ନିରୋଳାରେ
ଶୁଭ ମଙ୍ଗଳରେ ମୁହିଁ ଜଳେ
ଗାଆଁ ମନ୍ଦିରେ ପ୍ରଭୁଙ୍କ ପାଶେ
ଘର ଅଗଣା ଠାକୁର ଘରେ
ଜଳୁଥାଏ ମୁହିଁ ସଞ୍ଜ ସକାଳେ ।
ଦୀପାବଳୀ ଅମାବାସ୍ୟା ବେଳେ
ଘରେ ଘରେ ମୁହିଁ ହୁଅଇ ସଜା
ମୋ ଆଲୋକେ ଦୂର ଅନ୍ଧକାର
ଏନ୍ତୁଡ଼ିଶାଳରେ ଷଠୀ ଘରେ
ମୃତ୍ୟୁ ହେଲେ କାହାର ମଶାଣିରେ
ଦୀପ ମୁଁ ଜଳଇ ସବୁଥର ।
ବତୀଟିଏ ନେଇ ଜଳୁଥାଏ
ସଳିତା ବି ଥାଏ ସାଥେ ମୋର
ତେଲ ଅବା ଘିଅ ଟିକେ ମିଶିଗଲେ
ମାଟିଦୀପ ମୁହିଁ ମାଟିଦୀପ
ଜ୍ୟୋତିଟିଏ ମୁଁ ଅନ୍ଧାର ଦୂରେଇ
ଆଲୋକ ବର୍ତ୍ତିକା ରୂପେ ଜଳେ ।

ଶିକ୍ଷକ, ଜବାହର ନବୋଦୟ ବିଦ୍ୟାଳୟ

ବ୍ରହ୍ମସ୍ୱ ମହାବିଷ ହୋଇ । ତାହାର ପ୍ରତିକାର ନାହିଁ ॥

**ଗୀତା ଜ୍ଞାନ**

# ଓଁ ଶ୍ରୀ ପରମାତ୍ମନେ ନମଃ



ଶ୍ରୀମଦ୍ ଭଗବତ୍ ଗୀତାର ପ୍ରଥମ ଅଧ୍ୟାୟର ୩୦ତମ ଶ୍ଳୋକରୁ ୪୬ତମ ଶ୍ଳୋକ ମଧ୍ୟରେ ଅର୍ଜୁନ ଯୁଦ୍ଧ ନ କରିବା ସପକ୍ଷରେ ଯେଉଁ ସବୁ ଯୁକ୍ତି ଉପସ୍ଥାପନ କରିଥିଲେ ଭଗବାନ ଶ୍ରୀକୃଷ୍ଣ ସେଗୁଡ଼ିକୁ ଗ୍ରହଣ ନ କରି ଅର୍ଜୁନଙ୍କୁ ତିରସ୍କାର ପୂର୍ବକ ସ୍ୱକର୍ତ୍ତବ୍ୟ (ଯୁଦ୍ଧ) ପାଳନ ନିମନ୍ତେ ଦଣ୍ଡାୟମାନ ହେବାକୁ ଆଦେଶ ଦେଇଥିଲେ । ଦ୍ୱିତୀୟ ଅଧ୍ୟାୟର ୨ୟ ଓ ୩ୟ ଶ୍ଳୋକରେ ଭଗବାନଙ୍କ ଉଚ୍ଚାରିତ ବଚନ ବୀର ଅର୍ଜୁନଙ୍କ ହୃଦୟରେ ନିଶ୍ଚିତ ଭାବରେ ପ୍ରଭାବ ପକାଇଥିଲା । କ୍ଳୀବ ସଦୃଶ କଠୋର ଶବ୍ଦର ପ୍ରୟୋଗରେ ଅର୍ଜୁନ ବିଚଳିତ ହୋଇ ପରବର୍ତ୍ତୀ ଚତୁର୍ଥ ଶ୍ଳୋକରେ ଭଗବାନଙ୍କ ସମ୍ମୁଖରେ ନିଜ କଥା ରଖିଛନ୍ତି ।

କଥଂ ଭୀଷ୍ମମ୍ ଅହଂ ସଙ୍ଖ୍ୟେ ଦ୍ରୋଣଂ ଚ ମଧୁସୂଦନ
ଇଷୁଭିଃ ପ୍ରତି ଯୋତ୍ସ୍ୟାମି ପୂଜାର୍ହାବରିସୂଦନ ।

ଅର୍ଜୁନ କହୁଛନ୍ତି ହେ ମଧୁସୂଦନ ହେ ଅରିସୂଦନ ମୁଁ ଏହି ରଣ ଭୂମିରେ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ସହିତ ବାଣ ସାହାଯ୍ୟରେ କିପରି ଯୁଦ୍ଧ କରିପାରିବି ସେ ଦୁହେଁ ତ ମୋର ପୂଜ୍ୟ ।

*✽ ଶ୍ରୀ ସତ୍ୟନାରାୟଣ ପଟ୍ଟନାୟକ*

ଆଲୋଚ୍ୟ ଅଧ୍ୟାୟର ପ୍ରଥମ ଶ୍ଳୋକରେ ସଂଜୟ ଶ୍ରୀକୃଷ୍ଣଙ୍କ ପ୍ରତି ମଧୁସୂଦନ ବିଶେଷ୍ୟ ପଦର ପ୍ରୟୋଗ କରିଛନ୍ତି । ମଧୁ ନାମକ ଦୈତ୍ୟର ସଂହାରକର୍ତ୍ତା ହେତୁ ଶ୍ରୀକୃଷ୍ଣଙ୍କ ନାମ ମଧୁସୂଦନ । ସେହିପରି ଚତୁର୍ଥ ଶ୍ଳୋକରେ ମଧ୍ୟ ଅର୍ଜୁନ ଭଗବାନଙ୍କୁ ମଧୁସୂଦନ ସମ୍ବୋଧନର ପ୍ରୟୋଗ କରିଛନ୍ତି । ଅରିର ଅର୍ଥ ଶତ୍ରୁ । ଶତ୍ରୁମାନଙ୍କୁ ଯେ ବିନାଶ କରେ ସେ ଅରିସୂଦନ ଅଟନ୍ତି । ଏହି ସମ୍ବୋଧନ ମାଧ୍ୟମରେ ଗୀତାକାର ସୂଚିତ କରିବାକୁ ଚାହାନ୍ତି ଯେ ଭଗବାନ ଶ୍ରୀକୃଷ୍ଣ ସମସ୍ତ ଦୁଷ୍ଟ ତଥା ଅଧର୍ମୀଙ୍କ ସଂହାରକ । ଶ୍ରୀକୃଷ୍ଣଙ୍କ ଧରାବତରଣ ଦୁଷ୍ଟଙ୍କ ବିନାଶ ଓ ଧର୍ମର ସଂସ୍ଥାପନା ପାଇଁ । ସେ ପାଳନ କର୍ତ୍ତା ଓ ସେ ମହା ସଂହାରକ ମଧ୍ୟ । ତେଣୁ ମହାଭାରତ ଯୁଦ୍ଧ ନିମିତ୍ତ ମାତ୍ର ।

କୁରୁକ୍ଷେତ୍ରରେ ଅନେକ ଯୋଦ୍ଧା ଉପସ୍ଥିତ ଥିବା ସ୍ଥଳେ ଉପର୍ଯ୍ୟୁକ୍ତ ଶ୍ଳୋକରେ ଅର୍ଜୁନ କେବଳ ଭୀଷ୍ମ ଓ ଦ୍ରୋଣଙ୍କ ସହିତ କିପରି ଯୁଦ୍ଧ କରିବି ବୋଲି ପ୍ରଶ୍ନ ଉତ୍ଥାପନ କରିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଅର୍ଜୁନଙ୍କ ଅନୁରୋଧ କ୍ରମେ ଶ୍ରୀକୃଷ୍ଣ ଏହି ଦୁଇଜଣ (ଭୀଷ୍ମ ଓ ଦ୍ରୋଣ)ଙ୍କ ସମ୍ମୁଖରେ କପିଧ୍ୱଜ ରଥଟିକୁ ରଖି ଅର୍ଜୁନଙ୍କ ଉଦ୍ଦେଶ୍ୟରେ କହିଥିଲେ । ଏଠାରେ ଉପସ୍ଥିତ କୁରୁବଂଶମାନଙ୍କୁ ଦେଖ (ଭୀଷ୍ମ ଦ୍ରୋଣ ପ୍ରମୁଖତଃ .... ପଶ୍ୟୈତାନ୍ ସମବେତାନ୍ କୁରୁନିତି) ପିତାମହ ଭୀଷ୍ମଙ୍କ ସହିତ ଅର୍ଜୁନଙ୍କର ଜନ୍ମଗତ ସମ୍ବନ୍ଧ ରହିଛି ଏବଂ ସେ ଅର୍ଜୁନଙ୍କର ଅତ୍ୟନ୍ତ ପ୍ରିୟ । ଆଚାର୍ଯ୍ୟ ଦ୍ରୋଣଙ୍କ ସହିତ ଅର୍ଜୁନଙ୍କର ଶିକ୍ଷାଗତ ସମ୍ବନ୍ଧ ତେଣୁ ସେ ପୂଜନୀୟ । ଉଭୟେ ଅର୍ଜୁନଙ୍କ ପାଇଁ ସେବ୍ୟ ଓ ସମ୍ମାନର ଅଧିକାରୀ । ଭଗବାନ ଜାଣିଥିଲେ ଯେ କୁରୁକ୍ଷେତ୍ରରେ ଏହି ଦୁଇଜଣ ପ୍ରମୁଖ

ବିଷ ଭକ୍ଷିଲେ ପ୍ରାଣୀ ମରେ । ବ୍ରହ୍ମସ୍ୱ ବଂଶନାଶ କରେ ।।

ଯୋଦ୍ଧାଙ୍କ ଉପସ୍ଥିତି ଓ ସେମାନଙ୍କ ସମ୍ମୁଖୀନ ହେବା ଅର୍ଜୁନଙ୍କ ବିବଶତାର କାରଣ ହେବ ।

ଏହି ଅଧ୍ୟାୟର ଦ୍ୱିତୀୟ ଶ୍ଳୋକରେ ଭଗବାନଙ୍କ ଦ୍ୱାରା ବ୍ୟବହୃତ 'କୁତଃ ଶବ୍ଦ କେଉଁଠାରୁ ଦୁର୍ବଳତା ଆସିଲା)ର ଉତ୍ତରରେ ଅର୍ଜୁନ କଥମ୍ (କିପରି) ଶବ୍ଦର ପ୍ରୟୋଗ କରି ଜଣାଇବାକୁ ଚାହାନ୍ତି ଯେ ସେ ଦୁର୍ବଳ ଓ କାପୁରୁଷ ନୁହନ୍ତି କିମ୍ବା ମୃତ୍ୟୁକୁ ଭୟ କରନ୍ତି ନାହିଁ, କିନ୍ତୁ ମାରିବାକୁ ପଛଘୁଞ୍ଚା ଦେଉଛନ୍ତି । କାରଣ ଅର୍ଜୁନ ପିତାମହ ଭୀଷ୍ମ ଓ ଗୁରୁ ଦ୍ରୋଣ ଉଭୟଙ୍କର ଅତ୍ୟନ୍ତ ପ୍ରିୟ ଥିଲେ । ପୂଜାଯୋଗ୍ୟ ଏହି ଦୁଇଜଣ ଶ୍ରେଷ୍ଠ ବ୍ୟକ୍ତିତ୍ୱଙ୍କ ପ୍ରତି ଅର୍ଜୁନ କଦାପି କଠୋର ଶବ୍ଦର ପ୍ରୟୋଗର ଚିନ୍ତା କରି ନ ଥିବା ସ୍ଥଳେ ଶର ସାହାଯ୍ୟରେ ସେମାନଙ୍କୁ କିପରି ଆଘାତ କରିପାରିବେ । (ଇଷୁଭିଃ ପ୍ରତିଯୋତ୍ସ୍ୟାମି-ଇଷୁର ଅର୍ଥ ଶର) ଏହି ପ୍ରଶ୍ନ ଅର୍ଜୁନଙ୍କ ମନକୁ ଆନ୍ଦୋଳିତ କରୁଥିଲା ।

ଅର୍ଜୁନଙ୍କର ବିବଶତା ଓ ଯୁଦ୍ଧରୁ ବିମୁଖ ହେବା ପରିପ୍ରେକ୍ଷୀରେ ଭଗବାନ ଯଶ ଅପଯଶ ସ୍ୱର୍ଗ ଓ ଶ୍ରେଷ୍ଠ ଆଚରଣର କଥା କହି ତାଙ୍କୁ ଉତ୍ସାହିତ କରିବାକୁ ପ୍ରୟାସ କରିଛନ୍ତି । (ଅନାର୍ଯ୍ୟ ଜୁଷ୍ଟମ୍ ଅସ୍ୱର୍ଗମ୍ ଅକୀର୍ତ୍ତିକରମର୍ଜୁନ) । ଦ୍ୱିତୀୟ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ କଥନ ଆଧାରରେ ନିଜର ପକ୍ଷ ରଖିଛନ୍ତି ।

ଗୁରୂନହତ୍ୱା ହି ମହାନୁଭାବାନ୍
ଶ୍ରେୟୋ ଭୋକ୍ତୁମ୍ ଭୈକ୍ଷ୍ୟମ୍ ଅପି ଇହଲୋକେ
ହତ୍ୱା ଅର୍ଥକାମାନ୍ ତୁ ଗୁରୁନ୍ ଇହ ଏବ
ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ

ଅର୍ଜୁନ କହୁଛନ୍ତି ଯେ ଗୁରୁଜନ ଓ ମହାନୁଭବମାନଙ୍କୁ ନିଧନ କରିବା ଅପେକ୍ଷା ସେ ଇହଲୋକରେ ଭିକ୍ଷାନ୍ନ ଗ୍ରହଣ କରି ବଞ୍ଚିବା ଶ୍ରେୟ ମନେ କରୁଛନ୍ତି । ଏହି ଗୁରୁଜନଙ୍କ ରୁଧିରସିକ୍ତ ବିଜୟ ତଥା ରାଜ୍ୟ ଓ ଧନଭୋଗ ତାଙ୍କର କାମ୍ୟ ନୁହେଁ ।

ଶ୍ରୀକୃଷ୍ଣ କହିଥିଲେ, ହେ ପାର୍ଥ ! ତୁମେ ଯୁଦ୍ଧ ନ କଲେ ଏହି ସଂସାରରେ ତୁମେ ଯଶହୀନ ହେବ ଓ ଏହା ସ୍ୱର୍ଗପ୍ରଦାୟକ ମଧ୍ୟ ନୁହେଁ । ଅଧିକନ୍ତୁ ଏହିପରି ସ୍ଥିତିରେ କର୍ତ୍ତବ୍ୟ ବିମୁଖତା କ୍ଷତ୍ରୀୟଙ୍କ ଶ୍ରେଷ୍ଠ ଆଚରଣ ନୁହେଁ । ତେଣୁ ଅର୍ଜୁନ ଆଲୋଚ୍ୟ ଶ୍ଳୋକରେ ଅପି ଇହଲୋକ ପଦ ମାଧ୍ୟମରେ ନିଜର ମନୋଭାବ ବ୍ୟକ୍ତ କରିଛନ୍ତି ଯେ ଯଦିବା ଭିକ୍ଷାନ୍ନ ଭକ୍ଷଣ ଏହି ସଂସାରରେ ତାଙ୍କ ଯେଉଁ ଅପମାନ ଓ ଅପଯଶ ଆଣିଦେବ ତଥାପି (ଅପି) ଗୁରୁଜନମାନଙ୍କୁ ଯୁଦ୍ଧରେ ହତ୍ୟା କରିବା ଅପେକ୍ଷା ସେ ଏହାକୁ ଶ୍ରେଷ୍ଠ ମନେ କରନ୍ତି ।

ଶ୍ରୀକୃଷ୍ଣ ଅର୍ଜୁନଙ୍କ କଲ୍ୟାଣ ଦୃଷ୍ଟିରୁ କାପୁରୁଷତା ତ୍ୟାଗ କରି ଯୁଦ୍ଧ କରିବାକୁ ଆହ୍ୱାନ ଦେଇଥିଲେ । କିନ୍ତୁ ଅର୍ଜୁନ ଏହାକୁ ବିପରୀତ ଭାବରେ ବୁଝିଲେ ଯେ ଭଗବାନ ରାଜ୍ୟଭୋଗ କରିବା ଦୃଷ୍ଟିରୁ ତାଙ୍କୁ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଉଛନ୍ତି । ପଞ୍ଚମ ଶ୍ଳୋକରେ ଅର୍ଜୁନଙ୍କ ଦ୍ୱାରା ବ୍ୟବହୃତ ଅର୍ଥକାମାନ୍ ଭୋଗାନ୍ ରୁଧିର ପ୍ରଦିଗ୍ଧାନ ଶବ୍ଦଗୁଡ଼ିକ ତାଙ୍କର ଏହି ପ୍ରକାର ମନୋଭାବକୁ ବୁଝାଉଛି ।

ଅର୍ଜୁନଙ୍କ ବିବଶତା ଓ ଶ୍ରୀକୃଷ୍ଣଙ୍କ ବଚନ ତଥା ନିଜର କ୍ଷତ୍ରୀୟୋଚିତ ମୂଳ ସ୍ୱଭାବର ପ୍ରଭାବରେ ତାଙ୍କ ମନରେ ଏକ ଦ୍ୱନ୍ଦ୍ୱାତ୍ମକ ସ୍ଥିତିର ଉତ୍ପନ୍ନ ହୋଇଛି । ପରବର୍ତ୍ତୀ ଷଷ୍ଠ ଶ୍ଳୋକରେଏହାର ବର୍ଣ୍ଣନା କରାଯାଇଛି ।

ନ ଚ ଏତଦ୍ ବିଦ୍ମଃ କତରତ୍ ନଃ ଗରୀୟୋ
ଯତ୍ ବା ଜୟେମ ଯଦି ବା ନୋ ଜୟେୟୁଃ
ଯାନ୍ ଏବ ହତ୍ୱା ନ ଜିଜୀବିଷାମ
ତେ ଅବସ୍ଥିତାଃ ପ୍ରମୁଖେ ଧାର୍ତ୍ତରାଷ୍ଟ୍ରାଃ

ଅର୍ଜୁନ କହୁଛନ୍ତି ଆମେ ଏହା ଜାଣି ନାହୁଁ ଯେ ଆମ ପାଇଁ ଯୁଦ୍ଧ କରିବା ଓ ନ କରିବା ଏହି ଦୁଇଟି ମଧ୍ୟରୁ କେଉଁଟି ଅତ୍ୟନ୍ତ ଶ୍ରେଷ୍ଠ ଏବଂ ଆମେ ଜିତିବୁ ବା ସେମାନେ ଜିତିବେ ଏହା ମଧ୍ୟ ଆମକୁ ଅଜଣା । ଯେଉଁମାନଙ୍କୁ ମାରି ଆମେ ବଞ୍ଚିବାକୁ ଇଚ୍ଛା କରୁ

ନାହୁଁ ସେହି ଧୃତରାଷ୍ଟ୍ରଙ୍କ ଆତ୍ମୀୟମାନେ ଆମ ସମ୍ମୁଖରେ ଯୁଦ୍ଧ ନିମନ୍ତେ ଦଣ୍ଡାୟମାନ ।

ଉପର୍ଯ୍ୟୁକ୍ତ ଶ୍ଳୋକରେ ଅର୍ଜୁନଙ୍କ ମନର ସଂଶୟ ବର୍ଣ୍ଣିତ । କେଉଁଟା ତାଙ୍କ ପାଇଁ କଲ୍ୟାଣକର ଯୁଦ୍ଧ କରିବା ବା ନ କରିବା । ନିଜର କର୍ତ୍ତବ୍ୟ ବିଷୟରେ ମଧ୍ୟ ଅର୍ଜୁନଙ୍କ ମନରେ ଦ୍ୱନ୍ଦ୍ୱ । ଭବିଷ୍ୟତ ଫଳାଫଳ ନେଇ ତାଙ୍କ ମନରେ ସନ୍ଦେହର ଭାବନା ଉଙ୍କି ମାରୁଛି । କୌରବ ସେନାର ବିଜୟ ହେବ ନା ପାଣ୍ଡବଙ୍କୁ ଏହି ଯୁଦ୍ଧରେ ବିଜୟ ପ୍ରାପ୍ତ ହେବ ଏହି ଦ୍ୱନ୍ଦ୍ୱ ଅର୍ଜୁନଙ୍କ ମନକୁ ଆନ୍ଦୋଳିତ କରୁଛି । ଅର୍ଜୁନଙ୍କର ଆତ୍ମବିଶ୍ୱାସ ମଧ୍ୟ ବାଧାପ୍ରାପ୍ତ ହୋଇଛି । ଯାହାର ପ୍ରତିଫଳନ ଯଦିବା ନୋ ଜୟେୟୁଃ ଚକ୍ରରେ ଜଣାପଡ଼େ । ଯଦିଓ ସେ ବୀର ଓ ସାହସୀ ତଥାପି ଯୁଦ୍ଧର ଫଳାଫଳ ନେଇ ତାଙ୍କ ମନରେ ଅବିଶ୍ୱାସର ଭାବନା ଉଦ୍ରେକ ହୋଇଛି ।

ଯତ୍ରୀଲୋଚିତ ଭାବନାର ପରିପ୍ରକାଶ ତଥା ଯୁଦ୍ଧ ନିର୍ଣ୍ଣୟ ସ୍ୱଜନ ପ୍ରୀତି ଜନିତ ଦୁର୍ବଳତା କର୍ତ୍ତବ୍ୟ ବିମୁଖତା - ଯୁକ୍ତି ଓ ବିତୃଷ୍ଣା ଓ ଶେଷରେ ସଂଶୟ ଏହି କ୍ରମରେ ମଧ୍ୟମ ପାଣ୍ଡବ କ୍ଷତ୍ରୀୟ ଶିରୋମଣି ଅର୍ଜୁନଙ୍କ ମାନସିକ ଅବସ୍ଥାର ଚଳ ଓ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଅଦ୍ୟାବଧି ବର୍ଣ୍ଣିତ ଶ୍ଳୋକମାନଙ୍କରେ ନିଜର କର୍ତ୍ତବ୍ୟ ସଂପର୍କରେ ସଠିକ୍ ନିର୍ଣ୍ଣୟ କରି ନ ପାରି ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ନିକଟରେ ନିଜକୁ ସମର୍ପଣ କରିଛନ୍ତି । ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ।

ମାନସିକ ସ୍ତରର ବିଭିନ୍ନତା ଏହି କ୍ରମରେ ଆମ ଜୀବନରେ ମଧ୍ୟ ଅନୁଭୂତ ହୋଇଥାଏ । ଆମର ସଂକଳ୍ପ ଓ କାର୍ଯ୍ୟର ଆଲୋଡ଼ନରେ ଯେତେବେଳେ ଆମେ ନିଜର ମନେ କରୁଥିବା ବ୍ୟକ୍ତି ଓ ବସ୍ତୁ ସମ୍ପର୍କରେ ସେତେବେଳେ କଦାଚିତ ମୋହ ଓ ଲୋଭର ବଶବର୍ତ୍ତୀ ହେଉ । ଫଳସ୍ୱରୂପ ମୋହର ଶିକାର ହୋଇ କର୍ତ୍ତବ୍ୟ ବିଚ୍ୟୁତ ହୋଇ ଥଉ । ଏହି ପରିସ୍ଥିତିରେ ନିଜର ନିର୍ଣ୍ଣୟ ସପକ୍ଷରେ ଅନାବଶ୍ୟକ ଯୁକ୍ତି ଉପସ୍ଥାପନା କରୁ ଓ ପ୍ରତି ରାସ୍ତାରେ ସଂଶୟ ତଥା ଜ୍ୱଳର ବଳୟ ମଧ୍ୟରେ ନିପତିତ ହୋଇ ନିଜକୁ ଅସହାୟ ଓ ଅସମର୍ଥ ମନେ କରୁ । ସେତେବେଳେ ଅର୍ଜୁନଙ୍କ ସଦସ୍ୟ ଇଶ୍ୱରଙ୍କ ପ୍ରତି ଶରଣାଗତି ହିଁ ଆମର କଲ୍ୟାଣର ମାର୍ଗ ଉନ୍ମୋଚନ କରିଥାଏ ।

ନିଜର ବଳ ଓ ବୁଦ୍ଧି ସାମର୍ଥ୍ୟ ଉପରେ ଯେତେବେଳେ ଭରସା ତୁଟିଯାଏ ସେତେବେଳେ ଭଗବାନ ହିଁ ଏକମାତ୍ର ଆଶ୍ରୟ ।
ବୁଦ୍ଧିର୍ବିକୁଣ୍ଠିତା ନାଥ ସମାପ୍ତ ମମ ଯୁକ୍ତୟଃ
ନିଜର ବୁଦ୍ଧି କୁଣ୍ଠିତ ହୋଇଗଲେ ନିଜର ଉଦ୍ୟମ ଓ ଉପାୟ ବିଫଳ ହେଲେ ଶରଣାଗତି ଆସେ ।

ଏକ ଭରୋସୋ ଏକ ବଲ ଏକ ଆତ୍ମ ବିଶ୍ୱାସ
ଏକ ରାମ ଘନ ଶ୍ୟାମ ହିତ ଶତକ ତୁଳସୀଦାନ ।

*କୋଷାଧ୍ୟକ୍ଷ*
*ଶିକ୍ଷା ବିକାଶ ସମିତି, ପୂର୍ବ ସମ୍ଭାଗ*

**-: ଗୀତା ମାହାତ୍ମ୍ୟମ୍ :-**

*ଗୀତାସାରମିଦଂ ପୁଣ୍ୟଂ ଯଃ ପଠେତ୍ ସୁସମାହିତଃ ।*
*ବିଷ୍ଣୁଲୋକମବାପ୍ନୋତି ଭୟଶୋକ ବିନାଶନମ୍ ।*

*ଯେଉଁ ଲୋକ ଏହି ପବିତ୍ର ଗୀତାସାରକୁ ଏକାଗ୍ର ଚିତ୍ତରେ ପାଠ କରିଥାଏ ସେ ଲୋକ ଭୟ, ଶୋକ, ଜନ୍ମ ଓ ମରଣ ରହିତ ହୋଇ ବିଷ୍ଣୁଲୋକକୁ ପ୍ରାପ୍ତି କରିଥାଏ ।*

ଆମ ପରମ୍ପରା

# ଆମ ପରମ୍ପରାରେ ଜନ୍ମାଷ୍ଟମୀ

❋ ସୁଶ୍ରୀ ସ୍ୱୟଂସ୍ମିତା ସ୍ୱାଇଁ

'ବର୍ଷାଣାଂ ଭାରତଃ ଶ୍ରେଷ୍ଠ, ଦେଶାନାମ୍ ଉତ୍କଳଃ ଶ୍ରେଷ୍ଠ
ଉତ୍କଳସ୍ୟ ସମୋଦେଶଃ ଦେଶଃ ନାସ୍ତି ମହୀତଳେ ।'

ଯେଉଁ ଦେଶର ମାଟି, ପାଣି, ପବନରୁ ଭୁରୁ ଭୁରୁ ହୋଇ ବାହାରି ଆସେ ଧର୍ମୀୟ ଚେତନାର ଦିବ୍ୟ, ସ୍ୱର୍ଗୀୟ ଓ ସାତ୍ତ୍ୱିକ ବାସ୍ନା; ଯେଉଁ ଦେଶରେ ପାଞ୍ଚ କ୍ଷେତ୍ର ବିଦିତ, ଯେଉଁ ଦେଶରେ ସମଗ୍ର ଜଗତର ନାଥ ସର୍ବଧର୍ମର ସମନ୍ୱୟକର୍ତ୍ତା ପରମ ପୁରୁଷ ଚକାଡ଼ୋଳା ଜଗନ୍ନାଥ ସମାସୀନ ହୋଇ ସମଗ୍ର ବିଶ୍ୱକୁ ଶାନ୍ତି, ମୈତ୍ରୀ ଓ ସମାନତାର ମହାମନ୍ତ୍ର ଶୁଣାନ୍ତି ସେ ଭୂଇଁ ହେଉଛି କୀର୍ତ୍ତିକିରୀଟିନୀ, ଚିର ହାସ୍ୟଲାସ୍ୟମୟୀ ମନ୍ଦିରମାଳିନୀ ଓ ପ୍ରକୃତିମାଳିନୀ ଓଡ଼ିଶା । କୃଷିଭିତ୍ତିକ ସଭ୍ୟତା ଏବଂ ଧର୍ମ ଓ ନୈତିକତା ବିମଣ୍ଡିତ ସଂସ୍କୃତି ବିଶିଷ୍ଟ ଏହି ଦେଶରେ ପରମାରାଧ୍ୟ ଜଗନ୍ନାଥଙ୍କୁ କେନ୍ଦ୍ର କରି ବାର ମାସରେ ସୃଷ୍ଟି ହୋଇଛି ତେର ପର୍ବ । ସମସ୍ତ ପର୍ବପର୍ବାଣି ସମଗ୍ର ମାନବ ଜାତିକୁ ଏକ କରି ସେମାନଙ୍କ ମଧ୍ୟରେ ଥିବା ସଂକୀର୍ଣ୍ଣତା ଓ ହୀନମନ୍ୟତା ଦୂର କରିଥାଏ । ସାମାଜିକ ବନ୍ଧନକୁ ଏହା ଦୃଢ଼ କରିଥାଏ । ଓଡ଼ିଶାରେ ପରିଦୃଶ୍ୟମାନ ହେଉଥିବା ପ୍ରାୟ ଅଧିକାଂଶ ପର୍ବ କୃଷିଭିତ୍ତିକ ହୋଇଥିଲେ ମଧ୍ୟ ଧାର୍ମିକ, ପାର୍ବିକ ଓ ଶୋଭା ଯାତ୍ରାମୂଳକ ଏବଂ ନିଛକ ସାଂସ୍କୃତିକ ପର୍ବ ମଧ୍ୟ ପାଳନ କରାଯାଇଥିବା ଦେଖିବାକୁ ମିଳିଥାଏ । ଏହି ସମସ୍ତ ପର୍ବଗୁଡ଼ିକର ଶେଷ ଉଦ୍ଦେଶ୍ୟ ହେଉଛି କର୍ମକ୍ଳାନ୍ତ ଜୀବନରୁ ସାମୟିକ ମୁକ୍ତିଲାଭ କରି ଆନନ୍ଦଲାଭ କରିବା ତଥା ପାରିବାରିକ ଓ ସାମାଜିକ ଜୀବନକୁ ସ୍ୱଚ୍ଛ ଓ ନିରାମୟ କରିବାରେ ଅଭୀପ୍ସା । ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ପାଳିତ ହେଉଥିବା ପର୍ବଗୁଡ଼ିକ ମଧ୍ୟ ସଂହତି, ସାମାଜିକତା ଓ ଭାଇଚାରାର ବନ୍ଧକୁ ଶକ୍ତ କରିବାର କାର୍ଯ୍ୟ ସମ୍ପାଦନ କରିଥାଏ । ଉତ୍କଳରେ ପାଳିତ ହେଉଥିବା ପର୍ବଗୁଡ଼ିକ ଋତୁକାଳୀନ ଏବଂ ଜଗନ୍ନାଥ କୈନ୍ଦ୍ରିକ ତେଣୁ ଯଥାର୍ଥରେ କୁହାଯାଇଛି -

ବାର ମାସରେ ତେର ଲୀଳା
କରି ବସନ୍ତି ଚକାଡ଼ୋଳା ।

ଭାଦ୍ରବ ମାସରେ ଯେଉଁ ପର୍ବପର୍ବାଣିଗୁଡ଼ିକ ଓଡ଼ିଶାର ପୁରପଲ୍ଲୀକୁ ସଜୀବ, ସଜଳ ଓ ମୁଖରିତ ତଥା ଚଳଚଞ୍ଚଳ କରେ ସେଥିମଧ୍ୟରୁ ଶ୍ରୀକୃଷ୍ଣଙ୍କର ଜନ୍ମାଷ୍ଟମୀ ପ୍ରମୁଖ । ଜନ୍ମାଷ୍ଟମୀ ଉତ୍କଳୀୟ ହିନ୍ଦୁମାନଙ୍କର ଏକ ପ୍ରମୁଖ ପର୍ବ । ଶ୍ରୀକୃଷ୍ଣ ପ୍ରଭୁ ବିଷ୍ଣୁଙ୍କର ଏକ ଶକ୍ତିଶାଳୀ ଅବତାର ବୋଲି ବିଶ୍ୱାସ କରାଯାଏ । ବିଶେଷ ଭାବରେ ହିନ୍ଦୁ ଧର୍ମର ବୈଷ୍ଣବ ଧର୍ମ ପରମ୍ପରା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଜନ୍ମାଷ୍ଟମୀ ମଥୁରା ଓ ବୃନ୍ଦାବନରେ ବିଶେଷ ଭାବରେ ପାଳନ କରାଯାଏ । ଲୋକମାନେ ରାସଲୀଳା ଅର୍ଥାତ୍ ନୃତ୍ୟର ଏକ ରୂପ ଉପଭୋଗ କରନ୍ତି । ଭାଗବତ ପୁରାଣ (ଯେପରିକି ରାସଲୀଳା କିମ୍ବା କୃଷ୍ଣ ଲୀଳା) ଅନୁଯାୟୀ କୃଷ୍ଣଙ୍କ ଜୀବନର ନୃତ୍ୟ, ନାଟକ ପ୍ରଣୟନ, କୃଷ୍ଣ ଜନ୍ମ ସମୟରେ ମଧ୍ୟରାତ୍ରିରେ ଭକ୍ତିଗାନ, ଉପବାସ, ରାତ୍ରି ସଚେତନତା ଆଦି ଜନ୍ମାଷ୍ଟମୀ ଉତ୍ସବର ଏକ ଅଂଶ । ବହୁ ଉଚ୍ଚରେ ଥିବା ଦଧି ହାଣ୍ଡିକୁ ଭାଙ୍ଗିବା ପାଇଁ ମାନବ ପିରାମିଡ଼ ଗଠନ କରାଯାଇଥାଏ । ଭଗବାନ କୃଷ୍ଣଙ୍କ ଭକ୍ତମାନେ ଏହି ପର୍ବକୁ ବହୁ ଆନନ୍ଦରେ ପାଳନ କରନ୍ତି ଏବଂ ସେମାନେ ଉତ୍ସାହର ସହ ଏହି ପର୍ବକୁ ଅପେକ୍ଷା କରିଥାନ୍ତି ।

ଆମ ପରମ୍ପରାରେ ବର୍ଷସାରା ଯେଉଁ ପର୍ବପର୍ବାଣି ପାଳିତ ହେଉଛି ସେଗୁଡ଼ିକ ମୂଳରେ ଧର୍ମୀୟ ଭାବନା ମୁଖ୍ୟତଃ ଦାୟୀ ରହିଛି । ଅନେକ ପର୍ବପର୍ବାଣି କିଛି ଦେବତା ଓ ଦେବୀଙ୍କୁ କେନ୍ଦ୍ର କରି ସୃଷ୍ଟି ହୋଇଛି । ସଂସ୍କାର ପ୍ରବଣ ହେବା ସବୁ ପର୍ବପର୍ବାଣିର ମୂଳ କଥା ।

*ପୂର୍ବ ଛାତ୍ରୀ*
*ସ.ଶି.ବି.ମ., ନିଶ୍ଚିନ୍ତକୋଇଲି*

# ବଙ୍କିମଚନ୍ଦ୍ର ଓ ବନ୍ଦେ ମାତରମ୍

✸ ଶ୍ରୀ ପର୍ଶୁରାମ ବେହେରା

ଭାରତବର୍ଷରେ ବନ୍ଦେ ମାତରମ୍‌ର ବେଳକୁ ବେଳ ଲୋକପ୍ରିୟତା ଦେଖି ଇଂରେଜମାନଙ୍କ ମଗଜ ଚହଲିବାକୁ ଲାଗିଲା । ଏହାପରେ ଲଣ୍ଡନରେ ୧୯୦୬ ମସିହା ସେପ୍ଟେମ୍ବର ୧୦ ତାରିଖରେ ଦି ଟାଇମସ୍ ପତ୍ରିକାରେ ଏକ ସମ୍ପାଦକୀୟ ଲିଖିତ ହେଲା । ସମ୍ପାଦକୀୟରେ କେତେକ ପ୍ରତିକ୍ରିୟା ପରିଦୃଷ୍ଟ ହେଲା । ଏଥିରେ ପ୍ରଥମ ଥର ପାଇଁ ସାମ୍ପ୍ରଦାୟିକତାର ଆରୋପ କରାଯାଇଥିଲା । ଏଥିରେ ଲେଖାଥିଲା ଯଦି ଭାରତବର୍ଷର ମୁସଲମାନ ଓ ଆଙ୍ଗ୍ଲୋ ଇଣ୍ଡିଆନ ମାନେ ଆନନ୍ଦ ମଠକୁ ସମ୍ପୂର୍ଣ୍ଣ ପାଠ କରିବେ ଏହି ଗୀତର ସ୍ୱରରେ ବିଶୁଦ୍ଧ ହିନ୍ଦୁ ଶାସନର ପ୍ରତିଷ୍ଠା ନିମନ୍ତେ ଛପି ରହିଥିବା ଉଦ୍ଦେଶ୍ୟକୁ ଭଲ ଭାବରେ ହୃଦୟଙ୍ଗମ କରିପାରିବେ ।

ମାତ୍ର ବାସ୍ତବତାକୁ ନ ବୁଝି ଏହି ଗୀତ ଉପରେ ଏପରି ଭାବରେ ସାମ୍ପ୍ରଦାୟିକତା ଆରୋପ କରାଗଲା ଯଦ୍ଵାରା ଏହାକୁ ରାଷ୍ଟ୍ରୀୟ ସଙ୍ଗୀତ ଗ୍ରହଣ କରାଯିବା ନିମନ୍ତେ ବିଶ୍ୱ କବି ରବୀନ୍ଦ୍ର ନାଥ ଠାକୁର ନିଜେ ମଧ୍ୟ ଏହାର ଘୋର ବିରୋଧ କଲେ । ଏହି ବିବାଦରେ ମହାତ୍ମା ଗାନ୍ଧୀ ଅତ୍ୟନ୍ତ ଦୁଃଖିତ ହୋଇ ହରିଜନରେ ଅଭିମତ ରଖିଥିଲେ ଯେତେ ଦିନ ପର୍ଯ୍ୟନ୍ତ ଆମ ଦେଶର ଅସ୍ତିତ୍ୱ ଥିବ ସେତେଦିନ ପର୍ଯ୍ୟନ୍ତ ଆମର ଜାତୀୟ ପତାକା ଓ ଏହି ଗୀତ ସ୍ଥାୟିତ୍ୱ ଲାଭ କରିବ ।

ସ୍ୱାଧୀନତା ପରେ ବନ୍ଦେ ମାତରମ୍‌କୁ ରାଷ୍ଟ୍ରୀୟ ଗୀତ ଭାବରେ ଗ୍ରହଣ କରା ନ ଗଲେ ମଧ୍ୟ ଏହାର ଲୋକପ୍ରିୟତା ଅପସରି ଯାଇ ନାହିଁ ।

ଆନନ୍ଦ ମଠର ରଚୟିତା ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ବଙ୍ଗ ଦର୍ଶନ ନାମକ ଏକ ଉପାଦେୟ ସାପ୍ତାହିକ ପତ୍ରିକାର ସମ୍ପାଦନା ଦାୟିତ୍ୱ ବହନ କରିଥାନ୍ତି । କୌଣସି ପୃଷ୍ଠାରେ କିଛି ସ୍ଥାନ ବଞ୍ଚିଗଲେ ସେ ଗଦ୍ୟ ବା ପଦ୍ୟରେ ହେଉ ସଙ୍ଗେ ସଙ୍ଗେ କିଛି ଲେଖିଦେଇ ଖାଲି ସ୍ଥାନ ପୂରଣ କରିବାରେ ସିଦ୍ଧ ହସ୍ତ ଥିଲେ ।

ଦିନେ ବଙ୍କିମ ଚନ୍ଦ୍ର ଏକ ଜରୁରୀ କାର୍ଯ୍ୟରେ ବାହାରକୁ ଚାଲିଗଲେ । ପତ୍ରିକାଟିର ଶେଷ ପୃଷ୍ଠାରେ ବଞ୍ଚି ଯାଇଥିବା ଜାଗା ପୂର୍ଣ୍ଣ ନିମନ୍ତେ ଏକ ଛୋଟ ଲେଖା ଆବଶ୍ୟକ ହେଲା । ତେଣୁ କମ୍ପୋଜିଟର ତାଙ୍କ ନିକଟକୁ ଯାଇ ହାତ ବଢ଼ାଇବାରୁ ଅଳ୍ପ ସମୟ ମଧ୍ୟରେ ବଙ୍କିମ ବାବୁ ଛବିଶ ଧାଡ଼ିର ଏକ ଲେଖା ତାଙ୍କ ହାତକୁ ବଢ଼ାଇ ଦେଲେ ।

ବଙ୍କିମ ବାବୁ ଫେରିବା ବେଳକୁ ପତ୍ରିକାଟିର ଛପା ସରି ଯାଇଥିଲା । ସେ ଦେଇଥିବା ଲେଖାଟି ପିଲର ଭାବରେ ପ୍ରକାଶିତ ହୋଇଥିବା ଦେଖିଥିଲେ । ବଙ୍କିମ ବାବୁ କମ୍ପୋଜିଟରକୁ ପାଖକୁ ଡାକି ବୁଝାଇ ଦେଇଥିଲେ ଏହି କବିତାଟିର ମହତ୍ତ୍ୱ ତୁମେ ବୁଝି ପାରିନ କିନ୍ତୁ ଭବିଷ୍ୟତରେ ତୁମେ ଜାଣିବ ଯେ ଏହି କବିତାଟି ଏକ ଇତିହାସ ସୃଷ୍ଟି କରିବ । କିନ୍ତୁ ସେତେବେଳକୁ ମୁଁ ଏ ଦୁନିଆରେ ବଞ୍ଚି ରହି ନ ଥିବି ।

ବଙ୍କିମ ବାବୁ ଏହି କବିତାଟିର ବିନିଯୋଗ ସ୍ୱଲିଖିତ ପ୍ରସିଦ୍ଧ ଉପନ୍ୟାସ 'ଆନନ୍ଦ ମଠ'ରେ କରିଥିଲେ । ପରେ ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ୍ୟ ପ୍ରକଟିତ ହୋଇଥିଲା । ଏହି କବିତାଟି ହେଉଛି 'ବନ୍ଦେ ମାତରମ୍' ।

*ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ*
*ଗୁରୁଡ଼ଙ୍ଗା, କୋଟସାହି, କଟକ*

ମୋର ଭକତ ପ୍ରାଣୀ ଯେବେ । ମୋତେ ପୂଜଇ ପ୍ରେମଭାବେ ।।

ବିଜ୍ଞାନ ବିଭବ

# ବଳୟାକାର ସୂର୍ଯ୍ୟୋପରାଗ

* ଶ୍ରୀ ନିକୁଞ୍ଜ ବିହାରୀ ସାହୁ

ସୂର୍ଯ୍ୟୋପରାଗ ତିନି ପ୍ରକାରର; ଯଥା ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗ, ଆଂଶିକ ସୂର୍ଯ୍ୟୋପରାଗ ଓ ବଳୟାକାର ସୂର୍ଯ୍ୟୋପରାଗ । ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟପରାଗରେ ସୂର୍ଯ୍ୟ ଆକାଶରୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇ ଯାଉଥିବା ବେଳେ ଏକ ଆଂଶିକ ପରାଗରେ ସୂର୍ଯ୍ୟ ବିମ୍ବ ଆଂଶିକ ମାତ୍ରାରେ ଦୃଶ୍ୟ ହୋଇଥାଏ । ମାତ୍ର ସବୁଠାରୁ ଦର୍ଶନୀୟ ସୂର୍ଯ୍ୟୋପରାଗ ହେଉଛି ବଳୟାକାର ସୂର୍ଯ୍ୟୋପରାଗ । ଏହି ପରାଗରେ ଚନ୍ଦ୍ର ସୂର୍ଯ୍ୟ ବିମ୍ବର କେନ୍ଦ୍ରାଞ୍ଚଳର ଅଧିକାଂଶ ଭାଗ ଢାଙ୍କି ହେଉଥିବା ବେଳେ ପ୍ରାନ୍ତ ଭାଗକୁ ଅବରୋଧ କରି ନ ଥାଏ । ଫଳରେ ସୂର୍ଯ୍ୟ କେବଳ ପ୍ରାନ୍ତ ଭାଗ ହିଁ ଦୃଶ୍ୟ ହୁଏ । ଏହା ଆକାଶରେ ଏକ ଆଲୋକିତ ବଳୟ ରୂପେ ଦୃଶ୍ୟମାନ ହେଉଥିବାରୁ ଏହି ପରିସ୍ଥିତିକୁ ବଳୟାକାର ସୂର୍ଯ୍ୟୋପରାଗ କୁହାଯାଏ ।

ଏକ ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ତିଥିରେ ସଙ୍ଗଠିତ ହୋଇଥାଏ । ମାତ୍ର ସମସ୍ତ ଅମାବାସ୍ୟାରେ ସୂର୍ଯ୍ୟୋପରାଗ ଘଟି ନ ଥାଏ । କୌଣସି ଅମାବାସ୍ୟା ତିଥିରେ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ଏକ ସମତଳରେ ଅବସ୍ଥାନ କରିଥାନ୍ତି । ମାତ୍ର କେତେକ ଅମାବାସ୍ୟାରେ ଏହି ତିନି ମହାକାଶୀୟ ପିଣ୍ଡ ଏକ ସରଳରେଖାରେ ମଧ୍ୟ ଅବସ୍ଥାନ କରିଥାନ୍ତି । ଏହି ଦିନ ହିଁ କେବଳ ସୂର୍ଯ୍ୟୋପରାଗ ଘଟିଥାଏ । ପୃଥିବୀର କକ୍ଷତଳ ଓ ଚନ୍ଦ୍ରର କକ୍ଷତଳ ପ୍ରାୟ ୫° ଡିଗ୍ରୀ କୋଣ ଅନ୍ତରରେ ରହୁଥିବାରୁ ସବୁ ଅମାବାସ୍ୟାରେ ଏ ତିନି ପିଣ୍ଡ ଏକ ସରଳରେଖାରେ ରହି ନ ଥାନ୍ତି । ତେଣୁ ପ୍ରତି ଅମାବାସ୍ୟା ତିଥିରେ ସୂର୍ଯ୍ୟୋପରାଗ ଘଟି ନ ଥାଏ ।

ସୂର୍ଯ୍ୟର ଆକାର ଚନ୍ଦ୍ରଠାରୁ ବଡ଼ ଥିଲେ ସୁଦ୍ଧା ଏହା ଦୂରରେ ଥିବାରୁ ଛୋଟ ଦେଖାଯାଏ । ସେହିପରି ଚନ୍ଦ୍ରର ଆକାର ଛୋଟ ଥିଲେ ସୁଦ୍ଧା ଏହା ପାଖରେ ଥିବାରୁ ବଡ଼ ଦେଖାଯାଏ । ଉଭୟ ପିଣ୍ଡର ଆକାର ଓ ଦୂରତା ଏପରି ଯେ ପୃଥିବୀୟ ଦୃଷ୍ଟିରେ ଉଭୟଙ୍କର ବିମ୍ବ ସମାନ ଆକାରର ଦେଖାଯାଏ । ତେଣୁ ଏକ ସମ୍ପୂର୍ଣ୍ଣ ସୂର୍ଯ୍ୟୋପରାଗରେ ଚନ୍ଦ୍ର ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ଢାଙ୍କି ପାରେ । ମାତ୍ର ବେଳେବେଳେ ଚନ୍ଦ୍ର ପୃଥିବୀ ଚାରିପଟେ ନିଜ କକ୍ଷପଥରେ ଘୂରୁ ଘୂରୁ ସବୁଠାରୁ ଦୂର ସ୍ଥାନରେ ପହଞ୍ଚି ଥାଏ । ଫଳରେ ପୃଥିବୀରୁ ଚାହିଁଲେ ଚନ୍ଦ୍ରର ବିମ୍ବ ସାମାନ୍ୟ ଛୋଟ ଦେଖାଯାଏ । ଏଭଳି ଅବସ୍ଥାରେ ଚନ୍ଦ୍ର ସୂର୍ଯ୍ୟ ବିମ୍ବକୁ ସମ୍ପୂର୍ଣ୍ଣ ଢାଙ୍କି ପାରେ ନାହିଁ । ଚନ୍ଦ୍ର କେବଳ ସୂର୍ଯ୍ୟର ସମ୍ମୁଖରେ ରହି ସୂର୍ଯ୍ୟର କେନ୍ଦ୍ର ଭାଗର ଅଧିକାଂଶ ଅଞ୍ଚଳ ଢାଙ୍କି ଥାଏ ମାତ୍ର ସୂର୍ଯ୍ୟର ପ୍ରାନ୍ତ ଭାଗ ଉନ୍ମୁକ୍ତ ରହିଥାଏ । ସୁତରାଂ ସୂର୍ଯ୍ୟର କେନ୍ଦ୍ରାଞ୍ଚଳ ଅନ୍ଧାର ଦେଖାଯାଉଥିଲେ ସୁଦ୍ଧା ଏହାର ପ୍ରାନ୍ତ ଭାଗ ଏକ ସରୁ ଆଲୋକିତ ବଳୟ ରୂପେ ଦୃଶ୍ୟମାନ ହୁଏ । ଏହା ହିଁ ବଳୟାକାର ସୂର୍ଯ୍ୟୋପରାଗ ।

ବଳୟାକାର ସୂର୍ଯ୍ୟୋପରାଗ ନିୟମିତ ଅନ୍ତରରେ ସଂଘଟିତ ହେଉଥିବାରୁ ଏହା ଏକ ବିରଳ ଘଟଣା ନୁହେଁ । ମାତ୍ର ଅଧିକାଂଶ କ୍ଷେତ୍ରରେ ଏହା ସମୁଦ୍ର ଭଳି ଜଳଭାଗ ଦେଇ ଏକ ସଂକୀର୍ଣ୍ଣ ପଥରେ ଗତି କରୁଥିବାରୁ ଏହାକୁ ଭୂଭାଗରେ ଦେଖିବା ଏକ ବିରଳ ଘଟଣା ହୋଇଥାଏ । ଗତ ଡିସେମ୍ବର ୨୬ ତାରିଖର ବଳୟାକାର ସୂର୍ଯ୍ୟୋପରାଗ ଭାରତର ଦକ୍ଷିଣ ଭାଗରେ ଦୃଶ୍ୟ ହେଉଥିଲାବେଳେ ପରବର୍ତ୍ତୀ ବଳୟାକାର ସୂର୍ଯ୍ୟୋପରାଗ ଆଗାମୀ ଜୁନ ୨୧ ତାରିଖରେ ଉତ୍ତର ଭାରତରେ ଦୃଷ୍ଟିଗୋଚର ହେବ ।

ସୂର୍ଯ୍ୟୋପରାଗ ଏକ ବିରଳ ମହାକାଶୀୟ ଘଟଣା ହୋଇଥିବାରୁ ଏଥିରେ ଶଙ୍କିତ ନ ହୋଇ ଏହାକୁ ନିରାପଦ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରି ଉପଭୋଗ କରିବା ଉଚିତ ।

ଏଜୁକେଶନ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ

ସେ ଅଣୁମାତ୍ରେ ଯେବେ ଦେଇ । ପର୍ବତ ପ୍ରାୟ ମୁଁ ମଣଇ ॥

ଗଣିତ ବିଭବ

# ବର୍ଗ

ଶ୍ରୀ ପ୍ରସନ୍ନ କୁମାର ସାହୁ

ଆନୁରୂପେଣ ବିଧି :-

ଏହି ବିଧି ଦ୍ୱାରା ଆମେ ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ମାନଙ୍କର ବର୍ଗ ନିର୍ଣ୍ଣୟ କରିପାରିବା ।

ପ୍ରଥମ ସୋପାନରେ ଦଶକ ସ୍ଥାନରେ ଥିବା ସଂଖ୍ୟାର ବର୍ଗ ସଂଖ୍ୟା ଲେଖିବା । ଦ୍ୱିତୀୟ ସୋପାନରେ ଦଶକ ଓ ଏକକ ସ୍ଥାନରେ ଥିବା ଅଙ୍କ ଦ୍ୱୟର ଗୁଣଫଳ ଲେଖି ତା'ର ଠିକ୍ ତଳେ ଆଉ ଥରେ ତାକୁ ଲେଖିବା । ତୃତୀୟ ସୋପାନରେ ଏକକ ସ୍ଥାନରେ ଥିବା ଅଙ୍କର ବର୍ଗ ସଂଖ୍ୟା ଲେଖିବା । କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ସ୍ଥାନ ଅନୁସାରେ ଯୋଗ କରିବା । ଯଦି ଦୁଇ ଅଙ୍କ ବିଶିଷ୍ଟ ସଖ୍ୟା ଗୋଟିଏ ସ୍ଥାନରେ ଥାଏ ତେବେ ଏକକ ସ୍ଥାନର ଅଙ୍କକୁ ତଳେ ଲେଖି ଦଶମ ସ୍ଥାନର ଅଙ୍କକୁ ହାସିଲ ଦ୍ୱାରା (ବାମ ପାର୍ଶ୍ୱରେ ଥିବା ସଂଖ୍ୟାରେ) ଯୋଗ କରିବା । ଏହି କ୍ରମରେ ଆଗେ ଡାହାଣରୁ ବାମ ପଟକୁ ଗଲେ ଉତ୍ତର ପ୍ରାପ୍ତ ହେବା ।

**ଉଦାହରଣ - ୦୧ -** ୧୪$^{୨}$ = କେତେ ?

**ସମାଧାନ -**

୧$^{୨}$   ୧ x ୪   ୧୬

\+   ୧ x ୪$_{୧}$

---

୧   ୯   ୬

ଅତଏବ ୧୪$^{୨}$ = ୧୯୬ (ଉତ୍ତର) ହେବ ।

ପ୍ରଥମ ସୋପାନ - ୧ର ବର୍ଗ = ୧

ଦ୍ୱିତୀୟ ସୋପାନ - ୧ x ୪ = ୪

ତୃତୀୟ ସୋପାନ = ୪ର ବର୍ଗ = ୧୬

ପରେ ଯୋଗ କରାଯାଇଛି ।

**ଉଦାହରଣ - ୦୨ -** ୨୭$^{୨}$ = କେତେ ?

**ସମାଧାନ -**

୨$^{୨}$   ୨ x ୭   ୭$^{୨}$

\+   ୨ x ୭$_{୪}$

---

୭   ୨   ୯

ଅତଏବ ୨୭$^{୨}$ = ୭୨୯ (ଉତ୍ତର) ହେବ ।

ପ୍ରଥମ ସୋପାନ - ୨ର ବର୍ଗ = ୪

ଦ୍ୱିତୀୟ ସୋପାନ - ୨ x ୭ = ୧୪

ତୃତୀୟ ସୋପାନ = ୭ର ବର୍ଗ = ୪୯

ପରେ ଯୋଗ କରାଯାଇଛି ।

**ଉଦାହରଣ - ୦୩ -** ୩୯$^{୨}$ = କେତେ ?

**ସମାଧାନ -**

୯   ୨୭   ୮୧

\+   ୦   ୨୭

୫   ୮

---

୧୪   ୨   ୧

ଅତଏବ ୩୯$^{୨}$ = ୧୪୨୧ (ଉତ୍ତର) ହେବ ।

ପ୍ରଥମ ସୋପାନ - ୩ର ବର୍ଗ = ୯

ଦ୍ୱିତୀୟ ସୋପାନ - ୩ x ୯ = ୨୭

ତୃତୀୟ ସୋପାନ = ୯ର ବର୍ଗ = ୮୧

ପରେ ଯୋଗ କରାଯାଇଛି ।

ଯେ ମୋର ଭାବ ନ ଜାଣନ୍ତି । ପର୍ବତ ପ୍ରାୟେ ଧନ ଦ୍ୟନ୍ତି ॥

**ଉଦାହରଣ - ୦୪ -** ୬୪$^{୨}$ = କେତେ ?

**ସମାଧାନ -**

୩୬ ୨୪ ୧୬
\+ ୪ ୨୪$_{୧}$

୪୦ ୯ ୬

ଅତଏବ ୬୪$^{୨}$ = ୪୦୯୬ (ଉତ୍ତର) ହେବ ।

ପ୍ରଥମ ସୋପାନ - ୬ର ବର୍ଗ = ୩୬

ଦ୍ୱିତୀୟ ସୋପାନ - ୬ x ୪ = ୨୪

ତୃତୀୟ ସୋପାନ = ୪ର ବର୍ଗ = ୧୬

ପରେ ଯୋଗ କରାଯାଇଛି ।

**ଉଦାହରଣ - ୦୫ -** ୯୧$^{୨}$ = କେତେ ?

**ସମାଧାନ -**

୮୧ ୯ ୧
\+ ୧ ୯

୮୨ ୮ ୧

ଅତଏବ ୯୧$^{୨}$ = ୮୨୮୧ (ଉତ୍ତର) ହେବ ।

ପ୍ରଥମ ସୋପାନ - ୯ର ବର୍ଗ = ୮୧

ଦ୍ୱିତୀୟ ସୋପାନ - ୯ x ୧ = ୯

ତୃତୀୟ ସୋପାନ = ୧ର ବର୍ଗ = ୧

ପରେ ଯୋଗ କରାଯାଇଛି ।

**ବର୍ତ୍ତମାନ ଆମେ ଗୋଟିଏ ଧାଡ଼ିରେ ବା ଏକାଥରକେ ନିର୍ଣ୍ଣୟ କରିପାରିବା ।**

**ଉଦାହରଣ ୦୬ -** ୪୧$^{୨}$ = କେତେ ?

**ସମାଧାନ -**

୧୬ ୮ ୧

ଅତଏବ ୪୧$^{୨}$ = ୧୬୮୧ (ଉତ୍ତର) ହେବ ।

ପ୍ରଥମ ସୋପାନ - ୪ର ବର୍ଗ = ୧୬

ଦ୍ୱିତୀୟ ସୋପାନ - (୪ x ୧) x ୨ = ୮

ତୃତୀୟ ସୋପାନ = ୧ର ବର୍ଗ = ୧

**ଉଦାହରଣ ୦୭ -** ୬୭$^{୨}$ = କେତେ ?

**ସମାଧାନ -**

୩୬ ୮୪ ୪୯
+୪ ୪ ୮ +୯

ଅତଏବ ୬୭$^{୨}$ = ୪୪୮୯ (ଉତ୍ତର) ହେବ ।

ପ୍ରଥମ ସୋପାନ - ୬ର ବର୍ଗ = ୩୬

ଦ୍ୱିତୀୟ ସୋପାନ - (୬ x ୭) x ୨ = ୮୪

ତୃତୀୟ ସୋପାନ = ୭ର ବର୍ଗ = ୪୯

**ଉଦାହରଣ ୦୮ -** ୮୯$^{୨}$ = କେତେ ?

**ସମାଧାନ -**

୬୪ ୧୪୪ ୮୧
+୧ +
୭ ୯ ୨୧

ଅତଏବ ୮୯$^{୨}$ = ୭୯୨୧ (ଉତ୍ତର) ହେବ ।

ପ୍ରଥମ ସୋପାନ - ୮ର ବର୍ଗ = ୬୪

ଦ୍ୱିତୀୟ ସୋପାନ - (୮ x ୯) x ୨ = ୧୪୪

ତୃତୀୟ ସୋପାନ = ୯ର ବର୍ଗ = ୮୧

***ଆସ ଆମେ ଅଭ୍ୟାସ କରିବା :-***

୧) ସୋପାନ ଅନୁସାରେ ବର୍ଗ ନିର୍ଣ୍ଣୟ କର ।

୧୬, ୨୪, ୩୮୬, ୯୮, ୯୧, ୮୮

୨) ଗୋଟିଏ ଧାଡ଼ିରେ ବର୍ଗ ନିର୍ଣ୍ଣୟ କର ।

୧୯, ୨୮, ୪୩, ୬୮, ୭୯

*ଅଖିଳ ଭାରତୀୟ ସହ ଗଣିତ ପ୍ରମୁଖ*
*ବିଦ୍ୟା ଭାରତୀ*

# ଭାରତର ପ୍ରଥମ ଶିକ୍ଷୟିତ୍ରୀ ସାବିତ୍ରୀ ବାଇ ଫୁଲେ

*✸ ସଂଗୃହୀତ*



ଭାରତର ପ୍ରଥମ ମହିଳା ଶିକ୍ଷକ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ୧୮୩୧ ଜାନୁଆରୀ ୩ ତାରିଖରେ ହୋଇଥିଲା । ସାବିତ୍ରୀ ବାଇ ଫୁଲେଙ୍କୁ ଭାରତର ପ୍ରଥମ ଶିକ୍ଷୟିତ୍ରୀ ହେବାର ଶ୍ରେୟ ଯାଉଛି । ଯେଉଁ ସମୟରେ ମହିଳାଙ୍କୁ ପରଦା ପଛରେ ରଖାଯାଉଥିଲା ସେହି ସମୟରେ ସେ ତାଙ୍କ ସ୍ୱାମୀ ଜ୍ୟୋତିବା ଫୁଲେଙ୍କ ସହାୟତା ଯୋଗୁଁ ନିଜେ ଶିକ୍ଷିତ ହେବା ସହ ଅନ୍ୟ ମହିଳାମାନଙ୍କୁ ପାଠ ପଢ଼ିବା ପାଇଁ ପ୍ରେରିତ କରିପାରିଥିଲେ ।

ସାବିତ୍ରୀ ବାଇ ଫୁଲେଙ୍କ ଜନ୍ମ ମହାରାଷ୍ଟ୍ରର ସତାରା ଜିଲ୍ଲା ସ୍ଥିତ ନାୟଗାଁଓରେ ହୋଇଥିଲା । ମାତ୍ର ୯ ବର୍ଷ ବୟସରେ ତାଙ୍କ ବିବାହ ଜ୍ୟୋତିବା ଫୁଲେଙ୍କ ସହିତ କରାଯାଇଥିଲା । ବିବାହ ସମୟରେ ସାବିତ୍ରୀ ବାଇ ଅପାଠୁଆ ଥିଲେ । କିନ୍ତୁ ତାଙ୍କ ଦୃଢ଼ ଆତ୍ମବିଶ୍ୱାସ ଏବଂ ସ୍ୱାମୀଙ୍କ ସହଯୋଗ ଯୋଗୁଁ ସେ ଦେଶର ପ୍ରଥମ ଶିକ୍ଷୟିତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିପାରିଥିଲେ ।

ସାବିତ୍ରୀ ବାଇ ନିଜ ପତି ଜ୍ୟୋତିବା ଫୁଲେଙ୍କ ସହ ମିଶି ବାଳିକାମାନଙ୍କ ପାଇଁ ୧୮ଟି ବିଦ୍ୟାଳୟ ଖୋଲିଥିଲେ । ୧୮୪୮ ମସିହାରେ ମହାରାଷ୍ଟ୍ରର ପୁଣେରେ ଦେଶର ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ସେହିପରି ଦେଶର ୧୮ତମ ବିଦ୍ୟାଳୟ ମଧ୍ୟ ପୁଣେରେ ହିଁ ଖୋଲା ଯାଇଥିଲା । ବାଳିକାଙ୍କ ଶିକ୍ଷା ପାଇଁ ସାବିତ୍ରୀ ବାଇଙ୍କ ଯୋଗଦାନ ଅତୁଳନୀୟ ।

ଊନବିଂଶ ଶତାବ୍ଦୀରେ ପଛୁଆ ବର୍ଗର ମହିଳାଙ୍କୁ ପାଠ ପଢ଼ାଇବା ଏବଂ ସମାଜ କାର୍ଯ୍ୟରେ ଭାଗ ନେବା ଅନେକ କଠିନ କାର୍ଯ୍ୟ ଥିଲା । କୁହାଯାଇଛି ଯେ ସାବିତ୍ରୀ ବାଇ ବିଦ୍ୟାଳୟକୁ ପଢ଼ାଇବାକୁ ଯାଉଥିବା ବେଳେ ତାଙ୍କୁ ଲୋକମାନେ ଅନେକ ଟାହିଟାପରା କରିବା ସହ ପଥର ମାଡ଼ ମଧ୍ୟ କରୁଥିଲେ । ଏସବୁ ସତ୍ତ୍ୱେ ସେ ପାଠ ପଢ଼ାଇବା ଛାଡ଼ି ନ ଥିଲେ । ସାବିତ୍ରୀ ବାଇ ଫୁଲେ ମରାଠୀରେ ଜନଜାଗରଣ କବିତା ମଧ୍ୟ ଲେଖିଥିଲେ ।

ସାବିତ୍ରୀ ବାଇ ଫୁଲେ ଓ ଜ୍ୟୋତିବା ଉଭୟ ୧୮୭୩ ସେପ୍ଟେମ୍ବର ୨୪ ତାରିଖରେ ସତ୍ୟଶୋଧକ ସମାଜ ସ୍ଥାପନ କରିଥିଲେ । ସେ ବିଧବା ବିବାହ ପରମ୍ପରା ମଧ୍ୟ ଆରମ୍ଭ କରିଥିଲେ । ଏହି ସଂସ୍ଥା ଦ୍ୱାରା ୧୮୭୩ ଡିସେମ୍ବର ୨୫ରେ ପ୍ରଥମ ବିଧବା ପୁନର୍ବିବାହ କରାଯାଇଥିଲା । ୧୮୯୦ ନଭେମ୍ବରରେ ଅସୁସ୍ଥତା କାରଣରୁ ଜ୍ୟୋତିବାଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ସତ୍ୟଶୋଧକ ସମାଜର ଦାୟିତ୍ୱ ସାବିତ୍ରୀ ବାଇ ଫୁଲେ ଦୃଢ଼ତାର ସହ କରିଥିଲେ । ୧୮୯୭ ମାର୍ଚ୍ଚ ୧୦ ତାରିଖରେ ସାବିତ୍ରୀ ବାଇ ଫୁଲେଙ୍କ ପରଲୋକ ପୁଣେରେ ହୋଇଥିଲା ।

ପତ୍ର କୁସୁମ ଫଳ ପାଣି । ଯେ ମୋତେ ଭାବେ ଦ୍ୟନ୍ତି ଆଣି ॥

**ଆମ ସ୍ୱାସ୍ଥ୍ୟ**

# କରୋନା : ଭୂତାଣୁ ସଂକ୍ରମଣ ବନାମ ରୋଗ ପ୍ରତିରୋଧକ ଶକ୍ତି

*ଡାକ୍ତର ଦେବଦତ୍ତ ସାମନ୍ତରାୟ*

ସାରା ବିଶ୍ୱ ଆଜି ବିଷମ ପରିସ୍ଥିତିରେ ଗତି କରୁଅଛି । ଛୋଟ ପିଲାଙ୍କଠୁ ଆରମ୍ଭ କରି ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ କରୋନା ଭାଇରସ୍ ନାଁ ଶୁଣି ଭୟଭୀତ । ସାରା ବିଶ୍ୱରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । କରୋନା ସଂକ୍ରମଣରେ ଭାରତ ବର୍ଷ ମଧ୍ୟ କମ୍ ନୁହେଁ । ଭାରତରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ସାରାବିଶ୍ୱରେ କରୋନା ମୃତ୍ୟୁ ସଂଖ୍ୟା ହୁ ହୁ ହୋଇ ବଢ଼ିଚାଲିଛି । ଏହା ଅତି ଭୟଙ୍କର ରୂପ ନେଇ ସାରିଲାଣି । ଯଦି ତର୍ଜମା କରାଯାଏ ପାଶ୍ଚାତ୍ୟ ଦେଶମାନଙ୍କ ତୁଳନାରେ କିମ୍ବା ଅନ୍ୟଦେଶମାନଙ୍କ ତୁଳନାରେ ଭାରତ ବର୍ଷରେ କରୋନା ମୃତ୍ୟୁହାର ବହୁତ କମ୍ । ଏହା ପଛରେ ଯେଉଁ ଗୂଢ଼ ରହସ୍ୟଟି ଲୁଚି ରହିଛି ତାହା ହେଉଛି ବୈଦିକ ସଭ୍ୟତା । ଭାରତୀୟ ସଂସ୍କୃତି, ସଂସ୍କାର ଏବଂ ପରମ୍ପରା ସାରା ବିଶ୍ୱରେ ଏକ ଉଦାହରଣ ସୃଷ୍ଟି କରିଛି । ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତୀୟ ମାନଙ୍କ ଶରୀରକୁ ଖାଲି କରୋନା ନୁହେଁ ଯେକୌଣସି ଭୂତାଣୁ ବା ଜୀବାଣୁ ଜନୀତ ରୋଗ ଶୀଘ୍ର ସଂକ୍ରମିତ କରିପାରେ ନାହିଁ । ଏହା ପଛରେ ଯେଉଁ କାରଣଟି ଲୁଚି ରହିଛି ତାହା ହେଲା ରୋଗ ପ୍ରତିରୋଧକ ଶକ୍ତି (Immunity Power) । ବୈଦିକ ସଭ୍ୟତାରେ ବସବାସ କରୁଥିବା ଭାରତୀୟ ମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଶରୀର ଭିତରେ ଅଧିକ ମାତ୍ରାରେ ଅନ୍ତର୍ନିହିତ ଅଛି । ଏହି ପରିପ୍ରେକ୍ଷୀରେ ଆଜିର ବିଷୟ - 'ଭୂତାଣୁ ସଂକ୍ରମଣ ବନାମ ରୋଗ ପ୍ରତିରୋଧକ ଶକ୍ତି । (Virus Infection VS Immunity Power)'

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ରଖିବାର ସହଜ ଘରୋଇ ଉପାୟ :-**

୧) ଶୁଣ୍ଠି ୫୦ ଗ୍ରାମ୍, ଗୋଲମରିଚ ୫୦ ଗ୍ରାମ୍, ପିପ୍ପଳୀ ୫୦ ଗ୍ରାମ, ମହୁ ୫୦ ଗ୍ରାମ୍ ଓ ଗଙ୍ଗଶିଉଳି ରସ ୫୦ ଗ୍ରାମ୍ ଏହି ସମସ୍ତକୁ ମିଶାଇ ୧୦ ଗ୍ରାମ କରି ଦିନକୁ ୨ ଥର ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨) ତୁଳସୀ ପତ୍ର ରସ ୨୦ ଗ୍ରାମ୍, ପାନ ରସ ୧୦ ଗ୍ରାମ୍, ବେଲ ରସ ୨୫ ଗ୍ରାମ୍, କର୍ପୂର ୨୦୦ ମି.ଲି. ଗ୍ରାମ୍ ଓ ମହୁ ୧୫ ଗ୍ରାମ୍ ମିଶାଇ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

୩) ଆୟୁଷ କ୍ୱାଥ - ତୁଳସୀ ପତ୍ର ୪ ଭାଗ, ଗୋଲମରିଚ ୧ ଭାଗ, ଡାଲଚିନି ୨ ଭାଗ, ପିପ୍ପଳୀ ୨ ଭାଗ, ଶୁଣ୍ଠି ୨ ଭାଗ ଏକତ୍ର ମିଶାଇ ୪ ଭାଗ ଜଳରେ ଶିଝାଇ ଜଳର ଏକଭାଗ ରହିବା ପରେ ସେଥିରେ ଅଳ୍ପ ମହୁ ମିଶାଇ ସେବନ କରିବା ଆବଶ୍ୟକ ।

୪) ଅଦା ୫ ଗ୍ରାମ୍, ଗୋଲମରିଚ ୫ଟି, ଡାଲଚିନି ୫ ଗ୍ରାମ୍, ତୁଳସୀ ପତ୍ର ୫ ଗ୍ରାମ୍, ଲବଙ୍ଗ ୫ ଗ୍ରାମ୍ ଏହି ସମସ୍ତକୁ ୪ କପ୍ ଜଳରେ ସିଝାଇ ଏକ କପ୍ ହେବା ପରେ ତାହାକୁ ଛାଣି ଆବଶ୍ୟକ ଅନୁସାରେ ସେଥିରେ ମହୁ ମିଶାଇ ଚା ପିଇବା ଭଳି ପିଇଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

୫) ଗୁଡୁଚି କାଣ୍ଡର ତାଜା ରସ ୧୦ ମି.ଲି. ସହ ଗାଈ କ୍ଷୀର ଏକ କପ୍ ମିଶାଇ ସକାଳେ ଖାଲି ପେଟରେ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

୬) ହଳଦୀ ଏକ ଚାମଚ, ଗୁଡ଼ ୨ ଚାମଚ ମିଶାଇ ରାତିରେ ଖାଦ୍ୟ ପରେ ଉଷୁମ ପାଣି ସହ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

୭) ଲେମ୍ବୁ, କମଳା, ବାତାପି ବା ଟଭା ଜାତୀୟ ଫଳରେ ଭିଟାମିନ ସି ଭରପୂର ରହିଥିବାରୁ ଏହାର ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

୮) ଲାଲ କ୍ୟାପ୍ସିକମ୍, ପେସ୍ତା ବାଦାମ, ସଜନା ଶାଗ ପ୍ରଚୁର ପରିମାଣରେ ସେବନ କରିବା ଆବଶ୍ୟକ ।

୯) ଶରୀରକୁ ସେସାମି ଓଏଲ ଦ୍ୱାରା ଅଭ୍ୟଙ୍ଗ କରିବା ଦ୍ୱାରା ଶରୀର ସୁସ୍ଥ ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

୧୦) ପ୍ରତିଦିନ ଖାଦ୍ୟରେ ୪-୫ ପାଖୁଡ଼ା ରସୁଣ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

୧୧) ପ୍ରତିଦିନ ସକାଳ ସନ୍ଧ୍ୟାରେ ଗୋଟେ କପ୍ ପାଣିରେ ହଳଦୀ ଅଧ ଚାମଚ, ଅଦା ୫ ଗ୍ରାମ୍‌କୁ ଛେଚି ଏକତ୍ର ସିଝାଇ ତାହାକୁ ଛାଣି ସେଥିରେ ଲେମ୍ବୁର ଅର୍ଦ୍ଧ ଭାଗ ସଂପୂର୍ଣ୍ଣ ଚିପୁଡ଼ି ଗୋଟେ ଚାମଚ ମହୁ ମିଶାଇ ସେବନ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

*ଦିଶା ଆୟୁର୍ବେଦ ଓ ପଞ୍ଚକର୍ମ ହସ୍ପିଟାଲ*
*ଇଫ୍‌କୋ ଛକ, ପାରାଦ୍ୱୀପ*

ତାର ଭକତି ଭାବେ ଲଇଁ । ମୁଖ ପ୍ରସାରି ମୁଁ ଭୁଞ୍ଜଇ ॥

ଯୋଗ ବିଜ୍ଞାନ

# କପାଳ ଭାତି ପ୍ରାଣାୟାମ

■ ଶ୍ରୀଯୁକ୍ତ ମଧୁସୂଦନ ବାରିକ

ବର୍ଷାରେ ଆଷାଢ଼ ଶ୍ରାବଣ, ମେଘ ବରଷେ ଘନ ଘନ । ଏହି ପଦ୍ୟ ଖଣ୍ଡଟି ଆମକୁ ମନେ ପକାଇ ଦିଏ ଆଷାଢ଼ ମାସ ଠାରୁ ଶ୍ରାବଣ ମାସ ଯାଏଁ ବର୍ଷା କାରଣରୁ ପରିବେଶ ସନ୍ତସନ୍ତିଆ ହୋଇଥାଏ । ନଦୀ ନାଳ, ଗଡ଼ିଆ ପୋଖରୀ ଜଳପୂର୍ଣ୍ଣ ହୋଇଥାଏ । ତନ୍ମଧ୍ୟରୁ ଅନେକ ପ୍ରକାରର ଜୀବାଣୁ, ଭୂତାଣୁ, କୀଟପତଙ୍ଗ ଜନ୍ମ ନେଇଥାନ୍ତି । ଏହିମାନଙ୍କ ଦ୍ୱାରା ଅନେକ ପ୍ରକାର ରୋଗ ବ୍ୟାପିଥାଏ । ସାଧାରଣତଃ ଥଣ୍ଡା କାଶ, ସର୍ଦ୍ଦି ହେବା, ମୁଣ୍ଡ ବିନ୍ଧା, ଡାଇରିଆ ଆଦି ପେଟ ରୋଗ ଜଳ ଏବଂ ବାୟୁ ଦ୍ୱାରା ସଂକ୍ରମିତ ହୋଇଥାଏ । ଆମେ ଓଦା ହୋଇଥାଉ । ଏଣୁ ସ୍ୱାଭାବିକ ଭାବରେ ଆମ ଦେହରେ ରୋଗ ପ୍ରତିରୋଧକ ଶକ୍ତି କମି ଯାଇଥାଏ । ଏଥିପାଇଁ ପୁରା କାଳରେ ଘର ମାନଙ୍କରେ (ପରିବାରରେ) ଉଷୁମ ପାଣି, ଭାତରେ ରସୁଣ/ଘିଅ ଖାଇବା, ପାଦରେ ରସୁଣ ସୋରିଷତେଲ ଲଗାଇବା ଇତ୍ୟାଦି ଘରୋଇ ଚିକିତ୍ସା କରାଯାଇଥାଏ ।

ମାତ୍ର ଆଜି ଦିନରେ କରୋନା ପରି ମହାମାରୀ ମନୁଷ୍ୟକୁ ଘାଇଲା କରି ଦେଇଛି । ସମଗ୍ର ବିଶ୍ୱ କରୋନା ଠାରୁ ରକ୍ଷା ପାଇବା ପାଇଁ ତ୍ରାହି ତ୍ରାହି ଡାକୁଛି । ଏଣୁ ଏହି ଦିନଗୁଡ଼ିକରେ ଗୋଟିଏ ପଟେ କରୋନା ପରି ବୈଶ୍ୱିକ ମହାମାରୀ ଏବଂ ଅପର ପାର୍ଶ୍ୱରେ ଆମର ବର୍ଷା ଋତୁର ପାରିପାର୍ଶ୍ୱିକ ରୁଗ୍ଣ ପରିବେଶ । ଏହାକୁ ମୁକାବିଲା କରିବା ପାଇଁ ସବୁଠାରୁ ଶ୍ରେଷ୍ଠ ଉପାୟ ହେଉଛି ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାକୁ ପଡ଼ିବ । ଏଥିପାଇଁ ଯୋଗାଭ୍ୟାସ ହିଁ ସର୍ବଶ୍ରେଷ୍ଠ ମାର୍ଗ ଅଟେ । ଏଣୁ ଆସନ୍ତୁ କପାଳ ଭାତି ପ୍ରାଣାୟାମ କରିବା, ଶରୀରକୁ ସୁସ୍ଥ ସବଳ ଓ ନୀରୋଗ ରଖିବା ।

### କପାଳ ଭାତି ପ୍ରାଣାୟାମ ବିଧି -:

ପଦ୍ମାସନ କିମ୍ବା ସୁଖାସନରେ ବସିବା ପୂର୍ବକ ସୂର୍ଯ୍ୟ ମୁଦ୍ରା ଅଥବା ଧ୍ୟାନ ମୁଦ୍ରାରେ ବସିବା । ଶ୍ୱାସକୁ ପୂରା ଭିତରକୁ ନେଇ ବାରମ୍ବାର ଛାଡ଼ିବା । ଯେପରିକି ପ୍ରତି ସେକେଣ୍ଡରେ ଥରେ ଅର୍ଥାତ୍ ମିନିଟ୍‌ରେ ୬୦ ରୁ ୭୦ ଥର ଯାଏଁ ଶ୍ୱାସ ଛାଡ଼ିବା କ୍ରିୟା କରିବା । ନିରନ୍ତର ୫ ମିନିଟ୍‌ରୁ ୧୫ ମିନିଟ୍ ଯାଏଁ କରାଯିବା ଆବଶ୍ୟକ ।

### ଲାଭ :

୧) ମୁଖମଣ୍ଡଳରେ ଆଭା, କାନ୍ତି, ଶୋଭା, ସୌନ୍ଦର୍ଯ୍ୟ ବୃଦ୍ଧି ହୋଇଥାଏ ।

୨) ସମସ୍ତ ପ୍ରକାର ଥଣ୍ଡା, କାଶ, ସର୍ଦ୍ଦି, ଛିଙ୍କ ଆଦି ରୋଗରୁ ମୁକ୍ତି ମିଳିଥାଏ ।

୩) ଗ୍ୟାସ୍, ବଦ ହଜମି ଆଦି ସମସ୍ତ ପେଟ ରୋଗ ଦୂର ହୋଇଥାଏ ।

୪) ପାଚନ ତନ୍ତ୍ର ସବଳ ହୋଇଥାଏ ।

୫) ହୃଦୟ, ଫୁସ୍‌ଫୁସ୍ ଆଦି ରୋଗରୁ ଉପଶମ ମିଳିଥାଏ ।

୬) ମୂଳାଧାରଚକ୍ର ଓ ମଣିପୁର ଚକ୍ରର ଶୋଧନ ହୋଇଥାଏ ।

୭) ସଂପୂର୍ଣ୍ଣ ଶରୀର ପାଇଁ ଏହା ସଂଜୀବନୀ ଅର୍ଥାତ୍ ଅମୃତ ପରି କାର୍ଯ୍ୟ କରିଥାଏ ।

୮) ୩୦ମି. ରୁ ୧ ଘଣ୍ଟା ଯାଏଁ ନିତ୍ୟ ଅଭ୍ୟାସ ଦ୍ୱାରା ବଂଶାନୁକ୍ରମିକ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ ।

୯) ସର୍ବୋପରି କୁଣ୍ଡଳିନୀ ଶକ୍ତି ଜାଗ୍ରତ କରିବାରେ ଏହା ସାହାଯ୍ୟ କରିଥାଏ ।

୧୦) ଶରୀରର ପୁନର୍ବିନ୍ୟାସ ହୋଇଥାଏ ।

ଏଣୁ ଆସନ୍ତୁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି କପାଳଭାତି ପ୍ରାଣାୟାମ କରି ଶରୀରକୁ ସୁସ୍ଥ, ସବଳ, ନୀରୋଗ ଓ ନିରାମୟ କରିବା ସହିତ ଶରୀର ଭିତରେ ରୋଗ ପ୍ରତିରୋଧକ ଶକ୍ତିକୁ ବିକଶିତ କରି କରୋନା ପରି ମହାମାରୀ କବଳରୁ ନିଜକୁ ତଥା ବିଶ୍ୱକୁ ରକ୍ଷା କରିବା ପାଇଁ ସହାୟକ ହେବା ।

*ପ୍ରାନ୍ତ ଯୋଗଶିକ୍ଷା ସଂଯୋଜକ*
*ଶିକ୍ଷା ବିକାଶ ସମିତି, ଓଡ଼ିଶା*



ଅଭାବେ ଦେଲେ କୃଷ୍ଣ ଚିତ୍ତ । କିଞ୍ଚିତ ମଣଇ ବହୁତ ।।

ସଂସ୍କୃତେନ ବଦତୁ

# ରେଳ ଯାତ୍ରା ପତ୍ର କ୍ରୟଣାର୍ଥଂ ରେଳସ୍ଥାନେ ସମ୍ଭାଷଣମ୍

✸ ଶ୍ରୀ ଶ୍ରୀନିବାସ ପ୍ରଧାନ

ସୂର୍ଯ୍ୟଃ - ଭୋ ମିତ୍ରମ୍ ! ସୁପ୍ରଭାତମ୍ । କା ବାର୍ତ୍ତା ? କୁତ୍ର ଗଚ୍ଛତି ?

ଦେବାଶିଷଃ - ସୁପ୍ରଭାତମ୍ । ସର୍ବଂ କୁଶଳମ୍ । ରେଳଯାତ୍ରାପତ୍ର କ୍ରୟଣାର୍ଥଂ ରେଳସ୍ଥାନେ ଗଚ୍ଛାମି । ଭବାନ୍ କୁତ୍ର ଗଚ୍ଛତି ।

ସୂର୍ଯ୍ୟଃ - ଅହମ୍ ଅପି ତତ୍ର ଗଚ୍ଛାମି । ଆଗଚ୍ଛତ୍ । ମିଳିତ୍ୱା ଏବ ଗଚ୍ଛାବଃ ।

ଦେବାଶିଷଃ - ଏବଂ ଭବତୁ । (ରେଳସ୍ଥାନେ ଆରକ୍ଷଣ ଅଧିକାରୀଂ ପ୍ରତି) ମହୋଦୟ ! ନମୋନମଃ । ଅହମ୍ ପ୍ରଚଳନ୍ ଅଗଷ୍ଟ ମାସସ୍ୟ ୩୧ ଶତମେ ଦିବସେ ନବ ଦେହଲୀ ଗନ୍ତୁମ୍ ଇଚ୍ଛାମି । ଆରକ୍ଷଣମ୍ ଉପଲବ୍ଧଂ ଭବିଷ୍ୟତି ବା ?

ଆରକ୍ଷଣ ଅଧିକାରୀ - ପଶ୍ୟାମି ସଙ୍ଗଣକେନ । କିଞ୍ଚିତ୍ ଅପେକ୍ଷତୁ/ଅପେକ୍ଷାଂ କରୋତୁ । (କିୟତ୍ କଳାତ୍ ପରମ୍) ଆମ୍ ଆରକ୍ଷଣମ୍ ଉପଲବ୍ଧଂ ଭବିଷ୍ୟତି ।

ସୂର୍ଯ୍ୟଃ - ଅହମ୍ ଅପି ନବ ଦହେଲୀଂ ଗମିଷ୍ୟାମି । ମିଳିତ୍ୱା ହି ଯାତ୍ରା କରିଷ୍ୟାବଃ ।

ଦେବାଶିଷଃ - ଅବଶ୍ୟମ୍ । (ଆରକ୍ଷଣ ଅଧିକାରୀଂ ପ୍ରତି) ମହୋଦୟ ! କସ୍ମିନ୍ ଯାନେ ଆରକ୍ଷଣମ୍ ଉପଲବ୍ଧ ଭବିଷ୍ୟତି ?

ଆରକ୍ଷଣ ଅଧିକାରୀ - ଅଧୁନା କରୋନା ମହାମାରୀ କାରଣାତ୍ ଏକୋଽହି ଯାନଂ ନବ ଦହେଲୀଂ ପ୍ରତି ଗଚ୍ଛତି । ତଦ୍ଧି 'କୋଭିଡ୍ ସ୍ୱତନ୍ତ୍ରମ୍' (Covid Special) । ତସ୍ମିନ୍ ଯାନେ ଏବ ଆରକ୍ଷଣମ୍ ଉପଲବ୍ଧଂ ଭବିଷ୍ୟତି ।

ଦେବାଶିଷଃ - ଆବାଂ ଦ୍ୱୌ ତସ୍ମିନ୍ ଯାନେ ଏବ ଯାତ୍ରାଂ କରିଷ୍ୟାବଃ । କୃପୟା ଯାତ୍ରା ପତ୍ରଂ ନିର୍ମାଣଂ କରୋତୁ ।

ଆରକ୍ଷଣ ଅଧିକାରୀ - ତତ୍ କୃତେ 'ଆରକ୍ଷଣ ଆବଶ୍ୟକତା ପତ୍ରଂ' (Reservation requisition Slip) ପୂରୟିତ୍ୱା ଯାତ୍ରା ଶୁଳ୍କଂ ଚ ମହ୍ୟଂ ଦଦାତୁ ।

ସୂର୍ଯ୍ୟଃ - ଆମ୍ । ଅବଶ୍ୟଂ ଦାସ୍ୟାବଃ । ପ୍ରତି ଜନଂ ଯାତ୍ରା ଶୁଳ୍କଂ କତି ରୂପ୍ୟକାଣି ଭବିଷ୍ୟତି ? କଦା ଚ ଯାନସ୍ୟ ଯାତ୍ରାରମ୍ଭଂ ଭବିଷ୍ୟତି ?

ଆରକ୍ଷଣ ଅଧିକାରୀ - ଜନଂ ପ୍ରତି ଏକ ଶହସ୍ର ତ୍ରିଶତ ଷଷ୍ଟି ରୂପ୍ୟକାଣି ଯାତ୍ରା ଶୁଳ୍କଂ ଭବିଷ୍ୟତି । ଯାନଂ ରାତ୍ରୌ ସାର୍ଦ୍ଧ ଏକାଦଶ ବାଦନେ ଯାତ୍ରାରମ୍ଭଂ କରିଷ୍ୟତି ।

ଦେବାଶିଷଃ - ମହୋଦୟ ! ଏତତ୍ ନୟତୁ ଆରକ୍ଷଣ ଆବଶ୍ୟକତା ପତ୍ରଂ ଦ୍ୱୟୋଃ ଯାତ୍ରା ଶୁଳ୍କମ୍ ଅପି ।

ଆରକ୍ଷଣ ଅଧିକାରୀ - ନୟତୁ ଏତତ୍ ଯାତ୍ରା ପତ୍ରଂ ଯାତ୍ରାରମ୍ଭାୟ ।

ସୂର୍ଯ୍ୟଃ - ଧନ୍ୟବାଦଃ ମହୋଦୟ !

ଦେବାଶିଷଃ - ଆଗଚ୍ଛତୁ ପ୍ରତ୍ୟାଗଚ୍ଛାବଃ ଗୃହମ୍ ।

ସୂର୍ଯ୍ୟଃ - ଅବଶ୍ୟମ୍ । ଚଳତୁ ।

କ୍ଷେତ୍ର ସଂସ୍କୃତ ପ୍ରମୁଖ
ବିଦ୍ୟା ଭାରତୀ, ପୂର୍ବ କ୍ଷେତ୍ର

ଏହା ନ ଶୁଝି ଧର୍ମ ଛାଡ଼ି । ମଲେ ନରକେ ଥାନ୍ତି ପଡ଼ି ।।

**ସମ୍ବାଦ ଟୁମ୍ବକେ ଟୁମ୍ବକେ**

# ରାଷ୍ଟ୍ରୀୟ ଶିକ୍ଷାନୀତି ଶୀର୍ଷକ ଆଲୋଚନା ଚକ୍ର : ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶା

## ଜାତୀୟ ଶିକ୍ଷାନୀତି - ୨୦୨୦ ସମ୍ପର୍କରେ ବିଦ୍ୟା ଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ଓଡ଼ିଶା ଶାଖା ଶିକ୍ଷା ବିକାଶ ସମିତି, ଓଡ଼ିଶା ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି

ଅତୀତର ଅନୁଭୂତି, ବର୍ତ୍ତମାନର ଆହ୍ୱାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଛି ନୂତନ ଜାତୀୟ ଶିକ୍ଷା ନୀତି । ଗତ ଛଅ ବର୍ଷ ଧରି ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ପ୍ରକାଶକ ଓ ଅନ୍ୟାନ୍ୟ ହିତଗ୍ରାହୀମାନଙ୍କର ମାନସ ମନ୍ଥନ, ପରାମର୍ଶ ପ୍ରାୟ ଏକ ଲକ୍ଷ ଗ୍ରାମ ସହିତ ସମ୍ପର୍କ ଆଲୋଚନା, ବହୁ କର୍ମଶାଳା ଓ ଆଲୋଚନାଚକ୍ରର ଆୟୋଜନ, ସବୁ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳରୁ ମତ ସଂଗ୍ରହ ପରେ ବହୁ ପ୍ରତୀକ୍ଷିତ ଜାତୀୟ ଶିକ୍ଷାନୀତି- ୨୦୨୦ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଅନୁମୋଦନ ଲାଭ କରି ଜନଗଣଙ୍କୁ ଲୋକାର୍ପିତ ହୋଇଛି । ବୈଜ୍ଞାନିକ ଡକ୍ଟର, କସ୍ତୁରୀରଙ୍ଗନଙ୍କ ଅଧିନାୟକତ୍ୱରେ ଏଇ ମୂଲ୍ୟବାନ ଦଲିଲ ପ୍ରସ୍ତୁତ ହୋଇଛି ଓ ସମଗ୍ର ଦେଶର ଶିକ୍ଷା ବ୍ୟବସ୍ଥାର ନବୀକରଣ ପାଇଁ ଏଇ ଶିକ୍ଷାନୀତି ମାର୍ଗଦର୍ଶିକା ଭାବେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ସ୍ୱାଭାବିକ ଭାବେ ଆଶା କରାଯାଉଛି ଏହି ଶିକ୍ଷାନୀତି ସୁସମଗ୍ର, ଏକାତ୍ମ ଓ ସମନ୍ୱିତ ତଥା ଗୁଣାତ୍ମକ ଶିକ୍ଷା ପାଇଁ ଏକ ଦୃଢ଼ ପଦକ୍ଷେପ ହୋଇପାରିବ । ଏଥି ସହିତ ବର୍ତ୍ତମାନର ଏକବିଂଶ ଶତାବ୍ଦୀ ପାଇଁ ପ୍ରୟୋଜନୀୟ କୌଶଳ ଓ ମୂଲ୍ୟବୋଧ ଆଧାରିତ ବ୍ୟକ୍ତି ନିର୍ମାଣ ପାଇଁ ଉଦ୍ଦିଷ୍ଟ ଶିକ୍ଷା ପଦ୍ଧତି ପ୍ରବର୍ତ୍ତନ ପାଇଁ ମାର୍ଗ ପ୍ରସ୍ତୁତ କରିବ । ଶିକ୍ଷା ବିକାଶ ସମିତି, ଓଡ଼ିଶା ଏହି ଜାତୀୟ ନୂତନ ଶିକ୍ଷାନୀତି- ୨୦୨୦କୁ ହାର୍ଦ୍ଦିକ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଏହି ବିଶ୍ୱାସ ପ୍ରକଟ କରୁଛି ଯେ ସାର୍ବଜନିକ ପ୍ରୟାସ, ସାମୂହିକ ଅଂଶଗ୍ରହଣ ଓ ଅନୁସରଣୀୟ କାର୍ଯ୍ୟଧାରା ଦ୍ୱାରା ନିଜର ଉଦ୍ଦେଶ୍ୟରେ ସଫଳତା ଅର୍ଜନ କରିବ ।

୧) ଜାତୀୟ ଶିକ୍ଷାନୀତିର ପ୍ରଧାନ ବିଷୟବସ୍ତୁ ମଧ୍ୟରେ ପ୍ରଥମ ହେଉଛି ଏହା ବିଦ୍ୟାଳୟ ଶିକ୍ଷାର ମୂଳ ବ୍ୟବସ୍ଥାକୁ ପରିବର୍ତ୍ତନ କରି ଏହାକୁ ୫+୩+୩+୪ କରିବା ପାଇଁ ସିଦ୍ଧାନ୍ତ ନେଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୂର୍ବ ପ୍ରାଥମିକ (Pre-Primary)ରୁ ଉଚ୍ଚ ମାଧ୍ୟମିକ (Senior Secondary) ପର୍ଯ୍ୟନ୍ତ ଶିକ୍ଷାକୁ ସମନ୍ୱିତ କରି ଏହାକୁ ବୃତ୍ତିଗତ ଶିକ୍ଷା ସହିତ ଯୋଡ଼ିବା ।

୨) ପ୍ରାରମ୍ଭିକ ଶିଶୁ ଯତ୍ନ ଓ ଶିକ୍ଷା (Early Childhood care and Education - ECCE) କୁ ବ୍ୟବସ୍ଥିତ କରି ଏଥିସହିତ ସ୍ୱାସ୍ଥ୍ୟ, ପୋଷଣ ଓ ସ୍ୱସହାୟତାର କୌଶଳ ନିର୍ମାଣ ।

୩) ବିଦ୍ୟାଳୟ ଶିକ୍ଷା ସଂପୂର୍ଣ୍ଣ ନ କରି ଅଧାରୁ ଛାଡ଼ି ଯାଉଥିବା ପିଲାମାନଙ୍କୁ ଶିକ୍ଷାରେ ମନୋନିବେଶ କରାଇବା ପାଇଁ ଔପଚାରିକ ଓ ଅନୌପଚାରିକ ବ୍ୟବସ୍ଥା ଗ୍ରହଣ କରି ଶତ ପ୍ରତିଶତ ଉପସ୍ଥାନ ଉପରେ ଗୁରୁତ୍ୱ ଏଇ ଶିକ୍ଷାନୀତିର ଉଲ୍ଲେଖନୀୟ ଦିଗ । ଏଦିଗରେ ଜୀବନକୌଶଳ ଓ ଦକ୍ଷତାର ବିକାଶ ଠାରୁ ଆରମ୍ଭ କରି ବୈଜ୍ଞାନିକ ମନସ୍କତା, ବହୁ ଭାଷିକତା ଓ ଡିଜିଟାଲ ସାକ୍ଷରତା ଉପରେ ଗୁରୁତ୍ୱ ଦିଆଯିବ ।

୪) ମୂଲ୍ୟାଙ୍କନକୁ କେବଳ ପରୀକ୍ଷା କେନ୍ଦ୍ରିତ ନ କରି ବହୁସ୍ତରୀୟମାନଙ୍କ ବ୍ୟବସ୍ଥାର ପ୍ରଚଳନ ହେଲେ ପରିଣାମ ପ୍ରେରଣାପ୍ରଦ ହେବ ।

୫) ଉଚ୍ଚ ଶିକ୍ଷାରେ ମଧ୍ୟ ବହୁ ପରିବର୍ତ୍ତନ ପାଇଁ ଏହି ଶିକ୍ଷାନୀତିରେ ଅନୁମୋଦନ ରହିଛି ଯାହା ଏକବିଂଶ ଶତାବ୍ଦୀର ଭାରତବର୍ଷର ଶିକ୍ଷା ବ୍ୟବସ୍ଥାକୁ ଜଗତ ସପକ୍ଷରେ ଗୌରବାନ୍ୱିତ କରିବ ।

ବର୍ତ୍ତମାନ ଆମ ସମ୍ମୁଖରେ ଉପସ୍ଥାପିତ ନୂତନ ଜାତୀୟ ଶିକ୍ଷାନୀତିକୁ ଦୃଷ୍ଟିପାତ କଲେ ପ୍ରତୀତ ହେଉଛି ଯେ ସ୍ୱାଧୀନ ଭାରତବର୍ଷରେ ୧୯୬୮, ୧୯୮୬ରେ ଯେଉଁ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହୋଇଥିଲା ଓ ବିଭିନ୍ନ ସମୟରେ ସେଥିରେ ସଂଯୋଜନକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଆହ୍ୱାନ ଓ ଭବିଷ୍ୟତର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଏହି ଶିକ୍ଷାନୀତି ପ୍ରସ୍ତୁତ କରାଯାଇଛି । ବର୍ତ୍ତମାନ ଏହାର ସଫଳ ରୂପାୟନ ପାଇଁ ସାମଗ୍ରିକ ଭାବେ ଆମେ ସମସ୍ତେ ଭାରତୀୟ ଜନଗଣ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବା । ଏହି ଅବସରରେ ଏହି ଶିକ୍ଷାନୀତିର ଶୁଭ ଲୋକାର୍ପଣ ମୁହୂର୍ତ୍ତରେ ଭାରତ ସରକାର, ମାନନୀୟ ପ୍ରଧାନମନ୍ତ୍ରୀ, ମାନନୀୟ ଶିକ୍ଷାମନ୍ତ୍ରୀ ଓ ଶିକ୍ଷାନୀତି ପ୍ରସ୍ତୁତି କମିଟିର ଅଧ୍ୟକ୍ଷ ଓ ସଦସ୍ୟବୃନ୍ଦ ତଥା ମନ୍ତ୍ରାଳୟର ସମସ୍ତ ଅଧିକାରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛୁ ।

ନିର୍ମଳ ଧନେ ଯଜ୍ଞ କଲେ । ଦେବତା ଋଣ ଶୁଝେ ଭଲେ ।।

# ନୂତନ ଶିକ୍ଷାନୀତି ଭାରତୀୟ ସମାଜରେ ନବ ଜାଗରଣ ଆଣିପାରିବ :

ଭୁବନେଶ୍ୱର ତା ୦୨.୦୮.୨୦୨୦ରିଖ, ରବିବାର ଦିନ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଆନୁକୂଲ୍ୟରେ ପ୍ରାନ୍ତ ବିଦ୍ୱତ ପରିଷଦ ନୂତନ ଭାବେ ଘୋଷିତ ହୋଇଥିବା ଜାତୀୟ ଶିକ୍ଷାନୀତି ସନ୍ଦର୍ଭରେ ଏକ ମନୋଜ୍ଞ Webinar ଆୟୋଜିତ ହୋଇଥିଲା । ଏଥିରେ ବିଦ୍ୟା ଭାରତୀଙ୍କ ଅଖିଳ ଭାରତୀୟ ମନ୍ତ୍ରୀ ଡଃ. କିଶୋରଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଓ ଗବେଷକ ଡଃ. ବସନ୍ତକୁମାର ପଣ୍ଡା ଆତିଥ୍ୟ ଗ୍ରହଣ କରି ଯଥାକ୍ରମେ ସମାରୋପ ବକ୍ତବ୍ୟ ଓ ବୀଜ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶ୍ରୀମାନ ରମାକାନ୍ତ ମହାନ୍ତ । ବିଦ୍ୱତ୍ ପରିଷଦର ରାଜ୍ୟ ସଂଯୋଜକ ଶ୍ରୀଯୁକ୍ତ ରୁଦ୍ରନାରାୟଣ ବେହେରାଙ୍କ ପ୍ରାରମ୍ଭିକ ସୂଚନା ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପରିଚୟ ପ୍ରଦାନ ପରେ ଆଲୋଚନା ଆରମ୍ଭ ହୋଇଥିଲା । କାର୍ଯ୍ୟକ୍ରମରେ ନିଜର ବୀଜ ବକ୍ତବ୍ୟ ପ୍ରଦାନ କରି ଡଃ. ବସନ୍ତକୁମାର ପଣ୍ଡା କହିଲେ ଯେ ବିଦ୍ୟାଳୟ ସ୍ତରୀୟ ଶିକ୍ଷାକୁ ସାର୍ବଜନୀନ କରିବା ଓ ବ୍ୟାପକ ସାମାଜିକ ପରିବର୍ତ୍ତନ ପରିପ୍ରେକ୍ଷୀରେ ନୂତନ ଶିକ୍ଷାନୀତି କେତେକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ ହୋଇଛି । ସେ ପ୍ରଚଳିତ ଶିକ୍ଷାନୀତିଗୁଡ଼ିକର ଇତିହାସ ଉପସ୍ଥାପନ କରି କହିଲେ ଯେ ବର୍ତ୍ତମାନର ଜାତୀୟ ଶିକ୍ଷାନୀତି ବହୁ ଭାଷା, ବହୁ ସଂସ୍କୃତିର ଏଇ ଦେଶରେ ଏକ ନୂତନ ଜାଗରଣ ଆଣିବାରେ ସମର୍ଥ ହେବ । ଶିକ୍ଷଣ ପଦ୍ଧତି ପାଠ୍ୟକ୍ରମ ସବୁରେ ବହୁ ପ୍ରକାର ନୂତନତ୍ୱର ପରିକଳ୍ପିତ ହୋଇଛି । ଶିକ୍ଷକମାନଙ୍କର ବହୁ ସମସ୍ୟାକୁ ସମାଧାନ କରିବା ଓ ସେମାନଙ୍କ ତାଲିମ ଇତ୍ୟାଦି ପ୍ରକ୍ରିୟାକୁ ସରଳ କରାଯାଇଛି ।

ତାଙ୍କ ବକ୍ତବ୍ୟ ପରେ ପ୍ରାଧ୍ୟାପକ ଭବେଶଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଏକ ମୁକ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡଃ. ବାଞ୍ଛାନିଧି ପଣ୍ଡା (ପଦ୍ମପୁର), ଶ୍ରୀ ବିଜୟକୁମାର ମହାନ୍ତି (ବାଲେଶ୍ୱର), ଡଃ. ବୈଦ୍ୟନାଥ ରାଉତ (କଟକ), ଶ୍ରୀ ଅକ୍ଷୟକୁମାର ଜେନା (ପୁରୀ), ଶ୍ରୀ ପ୍ରଫୁଲ୍ଲକୁମାର ସାହୁ (ଭୁବନେଶ୍ୱର), ଡଃ. କାଳୀପ୍ରସନ୍ନ ଶତପଥୀ (କଟକ), ଡଃ. ତରୁଲତା ଦେବୀ (ନିଶ୍ଚିନ୍ତକୋଇଲି), ଡଃ. କିଶୋରୀ ଦାସ (ରାଉରକେଲା), ପ୍ରାଧ୍ୟାପକ ଅଚିନ୍ତ୍ୟ ନାରାୟଣ ଜେନା (ରାଉରକେଲା) ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରି ଶିକ୍ଷାରେ ସୃଜନଶୀଳତା, ବୈଜ୍ଞାନିକ ଦୃଷ୍ଟିକୋଣ, ପ୍ରଯୁକ୍ତି ବିଦ୍ୟାର ବିକାଶ, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିକ୍ଷାର ଉପଯୋଗ, ଭାଷାର ଉନ୍ନତି, ରାଷ୍ଟ୍ରୀୟତାର ନିର୍ମାଣ, ଶିକ୍ଷାର ମଙ୍ଗଳକାରୀ ବିଭବର ବିକାଶ ସମ୍ପର୍କିତ ବହୁ ବିଷୟ ବିନ୍ଦୁ ଉପରେ ମତାମତ ପ୍ରଦାନ କରିଥିଲେ । ଶିକ୍ଷକଙ୍କ ତାଲିମ ଓ ଅନ୍ୟାନ୍ୟ ବିକାଶ ଉପରେ ଆହୁରି ଅଧିକ କାର୍ଯ୍ୟ ହୋଇପାରିବ ବୋଲି ମତ ଆସିଥିଲା । ସମାରୋପ ବକ୍ତବ୍ୟରେ ଡଃ. କିଶୋର ଚନ୍ଦ୍ର ମହାନ୍ତି ଜାତୀୟ ଶିକ୍ଷାନୀତି ସନ୍ଦର୍ଭରେ ନିଜର ସୁଚିନ୍ତିତ ଓ ବିସ୍ତୃତ ଚିନ୍ତା ବ୍ୟକ୍ତ କରିଥିଲେ । ଇଉରୋପ ମହାଦେଶ ଆଧାରିତ ଶିକ୍ଷାରୁ ମୁକ୍ତ ହୋଇ ପ୍ରଥମତଃ ଶିକ୍ଷା ଭାରତ କେନ୍ଦ୍ରିତ ହୋଇପାରିଛି । ଜୀବନ ବଞ୍ଚିବାର କୌଶଳ, ସଂସ୍କୃତିର ବିକାଶ, ବୃତ୍ତିଗତ ଦକ୍ଷତାର ବିକାଶ ଓ ନିଯୁକ୍ତି, ସୃଜନଶୀଳତାର ବିକାଶ ପରି ବହୁ ବିଷୟରେ ଚିନ୍ତା କରି ବୈଜ୍ଞାନିକ କସ୍ତୁରୀରଙ୍ଗନଙ୍କ ଅଧ୍ୟକ୍ଷତାରେ ଗଠିତ ଶିକ୍ଷା କମିଶନ ବହୁ ନୂତନତାକୁ ସ୍ଥାନ ଦେଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକ ୧୨ ଜଣ, ପ୍ରଧାନ ଶିକ୍ଷକ ୮ ଜଣ, ଅଧ୍ୟାପକ ଓ ପ୍ରାଧ୍ୟାପକ ୧୯ ଜଣ, ଅଧ୍ୟକ୍ଷ ୧୨ ଜଣ, ଶିକ୍ଷା ବିଭାଗୀୟ ଅଧିକାରୀ ୩ ଜଣ, ବିଦ୍ୟା ଭାରତୀ ଓ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ କାର୍ଯ୍ୟକର୍ତ୍ତା ୫ ଜଣ ଅନ୍ୟାନ୍ୟ ୨ ଜଣ ସର୍ବମୋଟ ୬୧ ଜଣ ଶିକ୍ଷାବିତ୍ ଉପସ୍ଥିତ ରହି ସମ୍ପୂର୍ଣ୍ଣତଃ Webinarରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ଶେଷରେ ଧନ୍ୟବାଦ ପ୍ରସ୍ତାବ ରଖାଯାଇଥିଲା ଓ ଶାନ୍ତିମନ୍ତ୍ର ଉଚ୍ଚାରଣ ପୂର୍ବକ ସଭା ସମାପ୍ତ କରାଯାଇଥିଲା ।

# ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାନ୍ତ ପ୍ରଚାର ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ଶିକ୍ଷାନୀତି ୨୦୨୦ ଶୀର୍ଷକ ଆଲୋଚନା ଚକ୍ର

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରାନ୍ତ ପ୍ରଚାର ବିଭାଗ ବୈଠକ ପ୍ରାନ୍ତ ସଂଗଠନ ସମ୍ପାଦକ ଶ୍ରୀମାନ ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରଚାର ପ୍ରସାର ଦୃଷ୍ଟିରୁ ଆୟୋଜିତ ବୈଠକରେ ଶିକ୍ଷା ବିକାଶ ସମିତିର ଉପ ସଭାପତି, ଶିକ୍ଷାସୃଜନୀର ସଭାପତି ତଥା ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ଡଃ ବସନ୍ତକୁମାର ପଣ୍ଡା ଆଲୋଚନା ଚକ୍ରର ବୀଜ କଥନ ଉପସ୍ଥାପନ କରି ୧୯୬୮ ରୁ ୨୦୨୦ ପର୍ଯ୍ୟନ୍ତ ଶିକ୍ଷାନୀତିର କ୍ରମ ବିକାଶ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଦ୍ୟା ଭାରତୀ ଅଖିଳ ଭାରତୀୟ ସହ ସଂଗଠନ ମନ୍ତ୍ରୀ ମାନନୀୟ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଯୋଗଦାନ କରି ଭାରତକୁ ବିଶ୍ୱଗୁରୁ ବା Super Power ରେ ପରିଣତ କରିବା ପାଇଁ ଜାତୀୟ ଶିକ୍ଷାନୀତି ମାଧ୍ୟମରେ ସମସ୍ତେ ସହଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ । ଦୈନିକ ସମ୍ବାଦର AGM, କଟକ ମୁଖ୍ୟ ତଥା ବିଶିଷ୍ଟ ଔପନ୍ୟାସିକ ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ ବିଭିନ୍ନ ସ୍ତରରେ ନୂତନ ଜାତୀୟ ଶିକ୍ଷାନୀତିର ଭୂୟସୀ ପ୍ରଶଂସା କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ଓ ପ୍ରଚାର ମାଧ୍ୟମରେ ଶିକ୍ଷାନୀତିର ମୂଳତତ୍ତ୍ୱ ସମାଜର ସବୁ ବର୍ଗର ଜନସାଧାରଣଙ୍କ ନିକଟରେ ପହଂଚାଇବାକୁ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ତଥା ଉଦ୍ଭିଦ ବିଜ୍ଞାନୀ ଅଧ୍ୟାପକ ଡଃ ସରୋଜ କୁମାର ମିଶ୍ର ନୂତନ ଶିକ୍ଷାନୀତିର ବୈଜ୍ଞାନିକ ଦିଗ ଉପରେ ଆଲୋଚନା କରି ୩ ବର୍ଷରୁ ଶିଶୁମାନଙ୍କୁ ବିଦ୍ୟାଳୟ ଅଭିମୁଖୀ କରାଇ ପିତାମାତାଙ୍କ ଦାୟିତ୍ୱକୁ ସରକାର ନିଜେ ବହନ କରିଛନ୍ତି ବୋଲି ପ୍ରଶଂସା କରିଥିଲେ । କାମାକ୍ଷାନଗର ମହାବିଦ୍ୟାଳୟର ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଡଃ. ଜ୍ଞାନରଂଜନ ମିଶ୍ର ତାଙ୍କ ବକ୍ତବ୍ୟରେ ଶିକ୍ଷାର ୬୪ କଳା ବସ୍ତାନୀ ବିହୀନ ୧୦ ଦିନ, ଡିଜିଟାଲ ଲର୍ଣ୍ଣିଙ୍ଗ ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ସ୍ତମ୍ଭ ଲେଖକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବ ପ୍ରାନ୍ତ ସମ୍ପର୍କ ପ୍ରମୁଖ ଶ୍ରୀଯୁକ୍ତ ସର୍ବେଶ୍ୱର ବେହେରା ନୂତନ ଶିକ୍ଷାନୀତି କିପରି ଦେଶ ଦେଶ ମଧ୍ୟରେ ଜ୍ଞାନ କୌଶଳ ଆଦାନ ପ୍ରଦାନରେ ସହାୟକ ହେବ ସେ ବିଷୟରେ ଆଲୋଚନା କରିଥିଲେ । ବିଶିଷ୍ଟ ଲେଖକ ଶ୍ରୀଯୁକ୍ତ ଦିବ୍ୟଜ୍ୟୋତି ପାଣି ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନରେ ମାତୃଭାଷାର ଗୁରୁତ୍ୱକୁ ନେଇ ଧନ୍ୟବାଦ ଜଣାଇଥିଲେ । ବରିଷ୍ଠ ପ୍ରବକ୍ତା ତଥା ସଂସ୍କୃତ ଭାରତୀର ଅଧ୍ୟକ୍ଷ ଶ୍ରୀଯୁକ୍ତ ନୃସିଂହଚରଣ ପଣ୍ଡା ଜାତୀୟ ଶିକ୍ଷାନୀତି କିପରି Skill Power ସହିତ Will Power ବଢ଼ାଇବା ପାଇଁ ଦକ୍ଷତା ବିକାଶ ସହିତ ଇଚ୍ଛା ଶକ୍ତିର ବୃଦ୍ଧିରେ ସହାୟକ ହୋଇପାରିବ ତାହା ଉଦାହରଣ ମାଧ୍ୟମରେ ଉପସ୍ଥାପନ କରିଥିଲେ । ଶ୍ରୀଯୁକ୍ତ ଆର୍ତତ୍ରାଣ ପାଣି ଜି.ଡ଼ି.ପି.ର ୬% ଖର୍ଚ୍ଚ ବିଷୟରେ ଉପସ୍ଥାପନ କରିଥିଲେ । ଏହି ଭରଚୁଆଲ ଆଲୋଚନା ଚକ୍ରରେ କେ.ଏମ୍.ବି.ବି. ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ବିଜୁନୀ ଚରଣ ସୂତାର ରାଷ୍ଟ୍ରଦୀପର ପୂର୍ବ ସମ୍ପାଦକ ତଥା ବରିଷ୍ଠ ସମ୍ବାଦିକ ଲେଖକ ଶ୍ରୀଯୁକ୍ତ ବିପିନ ବିହାରୀ ରାଉତ, ଜେ.କେ.ବି.କେ. କଲେଜର ଓଡ଼ିଆ ପ୍ରାଧ୍ୟାପକ ଡଃ. ନୂତନ ରଂଜନ ମହାନ୍ତି, ରେଭେନ୍ସା ବିଶ୍ୱ ବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡଃ ନେତାଜୀ ଅଭିନନ୍ଦନ, ଖ୍ରୀଷ୍ଟ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡଃ. ବିଜୟ ଭୂଷଣ ଆଚାର୍ଯ୍ୟ, ମାତୃଭବନର ଓଡ଼ିଆ ଅଧ୍ୟାପକ ତଥା ବିଶିଷ୍ଟ କବି ଶ୍ରୀଯୁକ୍ତ ପ୍ରସନ୍ନକୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଶିବଶଙ୍କର ଓଝା, ଶ୍ରୀମାନ ସ୍ମୃତିରଂଜନ ବିଶ୍ୱାଳ, ଶ୍ରୀ ସୁଭାସଚନ୍ଦ୍ର ସାହୁ, ଶ୍ରୀ ସୌରଭ ସାହୁ ଓ ଶ୍ରୀ ଶିବବ୍ରତ ନାୟକ ପ୍ରମୁଖ ଯୋଗଦାନ କରିଥିଲେ ।

ଶିକ୍ଷାସୃଜନୀର ସମ୍ପାଦକ, ପ୍ରାନ୍ତ ପ୍ରଚାର ଟୋଲି ସଦସ୍ୟ, କେନ୍ଦ୍ରାପଡ଼ା ବିଭାଗ ପ୍ରମୁଖ ତଥା ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଘଡ଼ାଇ ଆଲୋଚନା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀଯୁକ୍ତ ସମୀର ମହାନ୍ତି ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ପ୍ରକାଶନ ବିଭାଗ ପ୍ରମୁଖ ତଥା ପ୍ରାନ୍ତ ପ୍ରଚାର ପ୍ରସାର ଟୋଲି ସଦସ୍ୟ ଶ୍ରୀଯୁକ୍ତ ଚିନ୍ମୟ ରଞ୍ଜନ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାନ୍ତ ପ୍ରଚାର ପ୍ରସାର, ପତ୍ରିକା, ପୂର୍ବଛାତ୍ର ଓ ସାଧନାର ସଂଯୋଜକ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ପୁତ୍ର ପଉତ୍ର ଜାତ ହେଲେ । ପିତୃଙ୍କ ଋଣ ଶୁଝେ ଭଲେ ।।

# "ଜାତୀୟ ଶିକ୍ଷାନୀତି ଭାରତକୁ ମହାଶକ୍ତିରେ ପରିଣତ କରାଇବ"
## ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ଆୟୋଜିତ ଆଲୋଚନା ଚକ୍ର

ବିଦ୍ୟା ଭାରତୀ, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କଦ୍ୱାରା ଜାତୀୟ ଶିକ୍ଷାନୀତି ୨୦୨୦ ଶୀର୍ଷକରେ ଏକ ଭରର୍ଚୁଆଲ ଆଲୋଚନା ଚକ୍ର ଅନୁଷ୍ଠାନର ସମ୍ପାଦକ ଡା. ଲକ୍ଷ୍ମୀକାନ୍ତ ମହାରଣା ଏବଂ ସଂଗଠନ ସମ୍ପାଦକ ଶ୍ରୀମାନ ରମାକାନ୍ତ ମହାନ୍ତଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ମନ୍ତ୍ରୀ ଡଃ. ସରୋଜକୁମାର ହାତୀ ଜାତୀୟ ଶିକ୍ଷାନୀତି ୨୦୨୦ର ଦୃଷ୍ଟିକୋଣ ଏବଂ ପ୍ରମୁଖ ଅଂଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରି କହିଥିଲେ ଏହି ଶିକ୍ଷାନୀତି ଭଲ ଗୁଣବତ୍ତା ଶିକ୍ଷା ମାଧ୍ୟମରେ ଭାରତକୁ ମହାଶକ୍ତିରେ ପରିଣତ କରିବ । ଆଲୋଚନାର ଅନ୍ୟତମ ବକ୍ତା ଭାବେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଅବସରପ୍ରାପ୍ତ ଓଡ଼ିଆ ବିଭାଗୀୟ ମୁଖ୍ୟ, ଶିକ୍ଷାସୃଜନୀର ସଭାପତି, ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଉପାଧକ୍ଷ, ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ଡଃ. ବସନ୍ତକୁମାର ପଣ୍ଡା ବହୁ ଭାଷିତା ପ୍ରଣୟନ ବ୍ୟବସ୍ଥା ଓ ଶିକ୍ଷଣ ଗୁଣବତ୍ତା, ସମାନ ଏବଂ ସମାବେଶୀ ଶିକ୍ଷା ଉପରେ ନିଜର ବକ୍ତବ୍ୟ ପ୍ରତିପାଦନ କରିଥିଲେ । ସେହିଭଳି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳର ଅଧ୍ୟକ୍ଷ ପ୍ରଫେସର ଡଃ. ନିତ୍ୟାନନ୍ଦ ପ୍ରଧାନ ବିଦ୍ୟାଳୟ ଶିକ୍ଷାରେ ୫+୩+୩+୪ ପାଠ୍ୟକ୍ରମ ଏବଂ ଶିକ୍ଷାଦାନ ଢାଞ୍ଚା ପରିବର୍ତ୍ତନ ସମ୍ବନ୍ଧରେ କଥା ଉପସ୍ଥାପନ କରିଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପୂର୍ବତନ ଅଧକ୍ଷ ଡଃ. ବାଞ୍ଛାନିଧି ପଣ୍ଡା ପ୍ରାକ୍ ଶୈଶବ ଯତ୍ନ ଓ ଶିକ୍ଷା, ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତା ଓ ସାର୍ବଜନୀନ ପ୍ରବେଶ ଉପରେ କହିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବ ପ୍ରାନ୍ତ କାର୍ଯ୍ୟବାହ ଡଃ. ଅନିଲକୁମାର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ନୂତନ ଶିକ୍ଷାନୀତିରେ ଉଚ୍ଚ ଶିକ୍ଷାରେ ଥିବା ସଂସ୍କାର ବ୍ୟବସ୍ଥାକୁ କିପରି ରାଷ୍ଟ୍ର ପାଇଁ ଏକ ବିକଶିତ ଯୁବପିଢ଼ି ନିର୍ମାଣ କରିବ ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ, କୋରାପୁଟର ସହ ନିର୍ଦ୍ଦେଶିକା ଡଃ. ଲତିକା କୁମାରୀ ମିଶ୍ର ଜାତୀୟ ଶିକ୍ଷାନୀତିରେ ଶିକ୍ଷକ ଯୋଗ୍ୟତା, ପ୍ରଶିକ୍ଷଣ, ପାରଦର୍ଶିତା ଓ ବୃତ୍ତିଗତ ଦକ୍ଷତାର ବିକାଶ ସମ୍ବନ୍ଧରେ ଥିବା ପରିବର୍ତ୍ତନକୁ ଉପସ୍ଥାପନ କରିଥିଲେ । ସେହିଭଳି ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନଙ୍କ ମନ୍ତ୍ରୀ ଡଃ. କିଶୋର ଚନ୍ଦ୍ର ମହାନ୍ତି ଆଲୋଚନାରେ ଭାଗ ନେଇ ନୂତନ ଶିକ୍ଷାନୀତିରେ ଥିବା ପରୀକ୍ଷା ଓ ମୂଲ୍ୟାୟନର ସଂସ୍କାର ଉପରେ ଆଲୋକପାତ କରିଥିବାବେଳେ ପରିଶେଷରେ ବିଦ୍ୟା ଭାରତୀଙ୍କ ସହ ସଂଗଠନ ମନ୍ତ୍ରୀ ମା. ଶ୍ରୀମାନ ଗୋବିନ୍ଦ ଚନ୍ଦ୍ର ମହାନ୍ତ ବିଦ୍ୟାଳୟ ପ୍ରଶାସନ, ପରିଚାଳନା ଓ ନିୟନ୍ତ୍ରଣ, ମୂଲ୍ୟାଙ୍କନ ଏବଂ ମାନକ ନିର୍ଦ୍ଧାରଣ ଉପରେ ନିଜର ସମାରୋପ ବକ୍ତବ୍ୟ ରଖିଥିଲେ । ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ପ୍ରବନ୍ଧ ସମିତିର ସଦସ୍ୟ ଡଃ. ତରୁଲତା ଦେବୀ ଆଲୋଚନା ଚକ୍ରର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତାଙ୍କୁ ମିଶାଇ ମୋଟ ୭୦ ଜଣ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ମାଟ୍ରିକ୍ ପରୀକ୍ଷାରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଫଳତା :

୨୦୨୦ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି । ଉକ୍ତ ପରୀକ୍ଷାରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି । **୩୧୩ଟି ଶିଶୁ ବିଦ୍ୟା ମନ୍ଦିରରୁ ମୋଟ ୧୮୯୬୯ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୮୮୪୮ ଜଣ (୯୯.୩୬%) ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୫୮୦ ନମ୍ବର ରଖି ପ୍ରଥମ ସ୍ଥାନ ହାସଲ କରିଛନ୍ତି ସୁଶ୍ରୀ ଅବିସ୍ମୃତା କର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବରମୁଣ୍ଡା ।** ସମଗ୍ର ରାଜ୍ୟର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉତ୍ତୀର୍ଣ୍ଣ ଫଳ ନିମ୍ନରେ ସୂଚୀତ କରାଗଲା ।

**A - 1 = 556, A - 2 = 2477, B - 1 = 3585, B - 2 = 3844, C = 3582, D = 3036, E = 1768**

ଏହି ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବାରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି, ସମ୍ପାଦକ, ସଂଗଠନ ମନ୍ତ୍ରୀ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟଆଚାର୍ଯ୍ୟା ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# +୨ ବିଜ୍ଞାନ ପରୀକ୍ଷାରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଫଳତା

୨୦୨୦ +୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଛି । ଉକ୍ତ ପରୀକ୍ଷାରେ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ଅପୂର୍ବ ସଫଳତା ହାସଲ କରିଛନ୍ତି । **୧୧ଟି ଶିଶୁ ବିଦ୍ୟା ମନ୍ଦିରରୁ ମୋଟ ୧୨୨୪ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୧୧୫୪ ଜଣ (୯୪.୨୮%) ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି ।** ସମଗ୍ର ରାଜ୍ୟର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଉତ୍ତୀର୍ଣ୍ଣ ଫଳ ନିମ୍ନରେ ସୂଚୀତ କରାଗଲା ।

**1st Division - 781, 2nd Division - 287, 3rd Division - 86, Fail - 70**

ଏହି ପରୀକ୍ଷାରେ ଉତ୍କର୍ଷ ହାସଲ କରିଥିବାରୁ ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ସଭାପତି, ସମ୍ପାଦକ, ସଂଗଠନ ମନ୍ତ୍ରୀ ଏବଂ ସମସ୍ତ କାର୍ଯ୍ୟକର୍ତ୍ତା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ, ଆଚାର୍ଯ୍ୟଆଚାର୍ଯ୍ୟା ଏବଂ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏହା ହରଇ ଗୃହଦ୍ୱନ୍ଦ୍ୱ । ଅଜ୍ଞାନୀଜନଙ୍କ ଆନନ୍ଦ ॥

# SHIKSHA VIKASH SAMITI, ODISHA


## H.S.C. EXAMINATION : 2019-2020 (REGULAR)

## OVERAL RESULT STATISTICS

### S.V.M, ODISHA

| | | |
|---|---|---|
| **Total School appeared** | : | **313** |
| **Toal Students** | : | **18969** |
| **Student Passed** | : | **18848** |
| **School having 100% result** | : | **242** |
| **Highest Marks** | : | **580** |

| Result | Students | Percentage |
|---|---|---|
| A - 1 | 556 | 2.93% |
| A - 2 | 2477 | 13.05% |
| B - 1 | 3585 | 18.89% |
| B - 2 | 3844 | 20.26% |
| C | 3582 | 18.88% |
| D | 3036 | 16% |
| E | 1768 | 9.32% |
| F/W | 121 | |




ନାନା ପ୍ରକାରେ ହରିପାଦେ । ଯାହାର ଚିତ୍ତ ଅପ୍ରମାଦେ ।।

## +୨ ବିଜ୍ଞାନରେ ୯୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି ଥିବା ଛାତ୍ରଛାତ୍ରୀ


ସାର୍ଥକ ରଞ୍ଜନ


ଇପସିତା


ଚିନ୍ମୟ


ସାଜେଶ


ସାହିଲ


ଶୁଭେନ୍ଦୁ


ଦିବ୍ୟଦର୍ଶନ


ଦିନେଶ


ଗୌତମ


ଆଶୁତୋଷ


ସୋମନାଥ


ଅନିକେତ


ରୁଦ୍ରପ୍ରସାଦ


କ୍ରିଷ୍ଣା


ସାର୍ଥକ


ବିକାଶ


ଆଶିଷ


ଶ୍ରୀକାନ୍ତ

## +୨ ବାଣିଜ୍ୟରେ ୯୦% ରୁ ଉର୍ଦ୍ଧ୍ୱ ନମ୍ବର ରଖି ଥିବା ଛାତ୍ରଛାତ୍ରୀ



ରାହୁଲ



ଏସ୍. ସାଇ କ୍ରିଷ୍ଣା



ବି. ସ୍ନେହାରାଣୀ



ଅନ୍ଦାନୁ ସନ୍ତୋଷୀ



ପ୍ରଗତିରାଣୀ



ବି.ଭି. କ୍ରାନ୍ତି ରୋଶନ



ଆଦିତ୍ୟ

September - 2020 RNI - Reg. No : ODIODI/2012/51053



ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ପବିତ୍ର
ଜୟନ୍ତୀ ଅବସରରେ ଶତ ଶତ ନମନ
(ଗୁରୁ ଦିବସ - ସେପ୍ଟେମ୍ବର - ୫)

Printed and published by : Secretary, on behalf of Shiksha Vikash Samiti, Odisha &
Printed at Saraswati DTP Centre, E-59, Sector -A, Zone -A
Mancheswar Industrial Estate, Bhubaneswar-10, Chief Editor : Dr. Shyam Sundar Mishra